RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-62 ♦WEDNESDAY ♦26 AUGUST 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୬୨ ♦ବୁଧବାର ♦୨୬ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ଅଷ୍ଟ୍ରେଲିଆରେ ଖେଳିବେ ଅନୟା

▶ପୃଷ୍ଠା ୧୨ ଦେଖନ୍ତୁ...




## ବିକଶିତ ଓଡ଼ିଶା ପାଇଁ ଚାରି ସ୍ତମ୍ଭ

# ସୁଯୋଗ, ବିଶ୍ୱାସ, ମର୍ଯ୍ୟାଦା ଓ ବିକାଶ

## ଓଡ଼ିଶାର ଭବିଷ୍ୟତ ନିର୍ମାଣ ପାଇଁ ସମ୍ମିଳିତ ପ୍ରୟାସ ଆବଶ୍ୟକ: ରାଜ୍ୟପାଳ

■ ଭୁବନେଶ୍ୱର, ୨୫।୮ (ସମିସ): ଆମକୁ ଏମିତି ଏକ ଓଡ଼ିଶା ଗଢ଼ିବାକୁ ହେବ; ଯେଉଁଠି ଶିଶୁମାନେ ସୁଯୋଗ ସହିତ ଶିକ୍ଷା ଗ୍ରହଣ କରିପାରିବେ, ପ୍ରତ୍ୟେକ ଯୁବକ ବିଶ୍ୱାସର ସହ ସ୍ୱପ୍ନ ଦେଖିପାରିବେ, ମହିଳାମାନେ ମର୍ଯ୍ୟାଦାର ସହ ନେତୃତ୍ୱ ନେଇପାରିବେ। ସର୍ବୋପରି ସମାଜର ଶେଷ ଧାଡ଼ିର ବ୍ୟକ୍ତି ପାଖରେ ବିକାଶ ମଧ୍ୟ ପହଞ୍ଚି ପାରିବ। ଏହିପରି ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ସମ୍ମିଳିତ ପ୍ରୟାସ କରିବା ସହିତ ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ଲାଗି ଆହ୍ୱାନ ଦେଇଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି।

### 'ସକାଳ' ଓ 'ନନ୍ଦିଘୋଷ ଟିଭି'ର 'ଓଡ଼ିଶା ଅଭ୍ୟୁଦୟ' କନ୍‌କ୍ଲେଭ୍

### ଏବେ ପ୍ରତି ମୋବାଇଲ୍ ଫୋନ୍ ଗୋଟିଏ ଗୋଟିଏ ନ୍ୟୁଜରୁମ୍: ମାନସ

ଦୈନିକ ଓଡ଼ିଆ ସମ୍ବାଦପତ୍ର 'ସକାଳ' ଓ 'ନନ୍ଦିଘୋଷ' ଟିଭି ପକ୍ଷରୁ ମଙ୍ଗଳବାର ଏଠାରେ ଆୟୋଜିତ 'ଓଡ଼ିଶା ଅଭ୍ୟୁଦୟ' କନ୍‌କ୍ଲେଭ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଡ. କମ୍ଭମପାଟି କହିଛନ୍ତି ଯେ ସମ୍ପ୍ରତି ଓଡ଼ିଶା ଏକ ନୂଆ ଦ୍ୱାରଦେଶରେ ଠିଆ ହୋଇଛି। ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶା ଆଜି ଦେଶର ଏକ ପ୍ରମୁଖ ଅର୍ଥନୈତିକ ସ୍ଥିର ରାଜ୍ୟରେ ପରିଣତ ହୋଇଛି। ଏକଦା ଏକ ଗରିବ ରାଜ୍ୟ ଭାବେ ଜଣାଥିବା ଓଡ଼ିଶା ଆଜି ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଅର୍ଥନୈତିକ ଭାବେ ସମୃଦ୍ଧ। ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ଆଜି ରାଜ୍ୟ ପାଇଁ ଗର୍ବର ବିଷୟ ପାଲଟିଛି। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ପ୍ରାକ ସତର୍କ ସୂଚନା ବ୍ୟବସ୍ଥା, ସ୍ଥାୟୀ ଭିତ୍ତିଭୂମି ଏବଂ ଗୋଷ୍ଠୀ ସହଭାଗିତା ମାଧ୍ୟମରେ ▶ପୃଷ୍ଠା-୭

## ସେପ୍ଟେମ୍ବର ୨୨ରୁ ବିଧାନସଭାର ମୌସୁମୀ ଅଧିବେଶନ

■ ଭୁବନେଶ୍ୱର, ୨୫।୮ (ସମିସ): ବିଧାନସଭାର ମୌସୁମୀ ଅଧିବେଶନ ସେପ୍ଟେମ୍ବର ୨୨ ତାରିଖରୁ ଆରମ୍ଭ ହେବ। ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଚାଲିଥିବାକୁ ଥିବା ଏହି ଅଧିବେଶନରେ ଗୃହ ମୋଟ୍ ୯ଦିନ ବସିବ। ବିଧାନସଭା ସଚିବାଳୟ ପକ୍ଷରୁ ଆଜି ଏସଂକ୍ରାନ୍ତରେ ସୂଚନା ଦିଆଯାଇଛି । ଏଥିରେ କୁହାଯାଇଛି ଯେ ୨୩ ଓ ୨୪ ତାରିଖ ସରକାରୀ କାର୍ଯ୍ୟ ପାଇଁ ନିର୍ଦ୍ଧାରିତ ହୋଇଥିବା ବେଳେ ୨୫ ତାରିଖ ବେସରକାରୀ ସଦସ୍ୟ କାର୍ଯ୍ୟ ଅର୍ଥାତ୍ ବିଲ୍ ଓ ପ୍ରସ୍ତାବ ଉପରେ ଆଲୋଚନା ପାଇଁ ଧାର୍ଯ୍ୟ କରାଯାଇଛି। ୨୬ ଓ ୨୭ ତାରିଖ ▶ପୃଷ୍ଠା-୭

## ଘରୋଇ ସଂସ୍ଥାକୁ ଦିଆଯିବ ପ୍ରତିରକ୍ଷା ଜ୍ଞାନକୌଶଳ

### କ୍ଷେପଣାସ୍ତ୍ର ନିର୍ମାଣ କରିବେ ଘରୋଇ କମ୍ପାନୀ

### ପ୍ରଯୁକ୍ତି ଯୋଗାଇବ ଡିଆରଡିଓ

■ ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି): ପ୍ରତରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଦ୍ୱାରା ବିକଶିତ କ୍ଷେପଣାସ୍ତ୍ର ସମ୍ବନ୍ଧୀୟ ପ୍ରଯୁକ୍ତି ବିଦ୍ୟାକୁ ଘରୋଇ ଶିଳ୍ପକୁ ପ୍ରଦାନ କରାଯିବ। ଏସଂକ୍ରାନ୍ତ ପ୍ରସ୍ତାବକୁ ଆଜି ଅନୁମୋଦନ ଦେଇଛନ୍ତି କେନ୍ଦ୍ର ସରକାର। ଏହାଦ୍ୱାରା ଭାରତୀୟ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଘରୋଇ କମ୍ପାନିମାନଙ୍କର ଭୂମିକା ଓ ସହଭାଗିତା ବୃଦ୍ଧି ପାଇବ ବୋଲି ସରକାର ମନେ କରୁଛନ୍ତି ।

ଡିଆରଡିଓ ଦୀର୍ଘଦିନ ଧରି ଦେଶ ପାଇଁ ବିଭିନ୍ନ ପ୍ରକାରର ଅତ୍ୟାଧୁନିକ କ୍ଷେପଣାସ୍ତ୍ର, ଗାଇଡେନ୍ସ ବ୍ୟବସ୍ଥା, ପ୍ରପଲ୍ସନ୍ ସିଷ୍ଟମ, ସେନ୍ସର, ନିୟନ୍ତ୍ରଣ ପ୍ରଣାଳୀ ଓ ଅନ୍ୟାନ୍ୟ ପ୍ରତିରକ୍ଷା ପ୍ରଯୁକ୍ତି ବିକଶିତ କରିଆସୁଛି। ଏବେ ଏହି ଗବେଷଣା ଓ ବିକାଶ କ୍ଷମତାକୁ କେବଳ ସରକାରୀ ପରୀକ୍ଷାଗାର ମଧ୍ୟରେ ସୀମିତ ନ ରଖି ଘରୋଇ ସଂସ୍ଥା ସହ ଯୋଡ଼ିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ▶ପୃଷ୍ଠା-୭





15001/94/2627



**ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।**

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି ।

ଏହି ପବିତ୍ର ଅବସର ଆମ ସମାଜରେ ଶାନ୍ତି, ପାରସ୍ପରିକ ସମ୍ମାନ ଓ ସଦ୍‌ଭାବନାକୁ ଅଧିକ ସୁଦୃଢ଼ କରିବ ବୋଲି ମୋର ଆଶା ଓ ବିଶ୍ୱାସ ।

(ହରି ବାବୁ କମ୍ଭମପାଟି)



**ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0094


















‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ପକ୍ଷରୁ ଆୟୋଜିତ ଦୁଇ ଦିନିଆ ‘ଓଡ଼ିଶା ଅଭ୍ୟୁଦୟ’ କନ୍‌କ୍ଲେଭ୍‌କୁ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ଉଦ୍‌ଘାଟନ କରିଛନ୍ତି । ମଙ୍ଗଳବାର ପ୍ରଥମ ଦିବସରେ ୪ଟି ଅଧିବେଶନରେ ‘ଏକବିଂଶ ଶତାବ୍ଦୀରେ ଓଡ଼ିଶାର ବିକାଶ ଯାତ୍ରା’, ‘ରାଜନୀତିରୁ ଊର୍ଦ୍ଧ୍ୱରେ ଜନନାୟକ ନବୀନ ପଟ୍ଟନାୟକ’, ‘ମହିଳା ସଶକ୍ତୀକରଣ ଦିଗରେ ଆହ୍ୱାନ ଓ ଉପଲବ୍ଧି’ ଏବଂ ‘ଶିକ୍ଷା ସଂସ୍ଥାନର ପ୍ରମୁଖ କେନ୍ଦ୍ର ଓଡ଼ିଶା’ ଶୀର୍ଷକ ପ୍ରସଙ୍ଗ ଉପରେ ବିଶିଷ୍ଟ ବ୍ୟକ୍ତିମାନେ ନିଜ ନିଜର ମତ ଉପସ୍ଥାପନ କରିଛନ୍ତି ।


















# ରାଜନେତା ନିର୍ବାଚନକୁ ଦେଖେ; ଜନନେତା ଆଗାମୀ ପିଢ଼ିକୁ ଦେଖେ

ଭୁବନେଶ୍ୱର, ୨୫।୮ (ସମିସ): ଜନନାୟକ ହେବାକୁ ଉଦ୍ୟମ କରିବାକୁ ପଡ଼େନାହିଁ; ଜନନାୟକ ସେ ଲୋକ ହୁଏ, ଯାହାଙ୍କୁ ଦେଖି ସାମ୍ନାରେ ଥିବା ଲୋକଙ୍କ ମଧ୍ୟରେ ଉତ୍ସାହ ଆସେ। ସିଏ ଜିତନ୍ତୁ କିମ୍ବା ହାରନ୍ତୁ; କ୍ଷମତାରେ ଥା'ନ୍ତୁ କି ନ ଥା'ନ୍ତୁ, ତାଙ୍କ ପ୍ରତି ଲୋକଙ୍କ ଭଲ ପାଇବା କମି ନଥାଏ। ୨୪ ବର୍ଷର ମୁଖ୍ୟମନ୍ତ୍ରୀତ୍ୱ ଯେତିକି ଗୁରୁତ୍ୱ, ତା' ଠାରୁ ଅଧିକ ଗୁରୁତ୍ୱ କ୍ଷମତାରୁ ଗଲା ପରେ ବି ସେ ଭଲ ପାଇବା ସେମିତି ଅକ୍ଷୁଣ୍ଣ ରହେ। ତାହା ହିଁ ଫୁଟିଉଠିଛି ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱରେ। ତେଣୁ ଯଥାର୍ଥରେ କହିବାକୁ ଗଲେ ସେ ରାଜନୀତିଠାରୁ ଊର୍ଦ୍ଧ୍ୱରେ। ଏଥିରେ ଆଲୋଚକ ଭାବେ ଯୋଗଦେଇଥିଲେ ବରିଷ୍ଠ ରାଜନେତା, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, କଂଗ୍ରେସର ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସ୍ତମ୍ଭକାର ପ୍ରହଲ୍ଲାଦ ସିଂ ଏବଂ ବରିଷ୍ଠ ସାମ୍ବାଦିକ, ଲେଖକ, ସ୍ତମ୍ଭକାର କେଦାର ମିଶ୍ର।

ଏହି ଅବସରରେ ନିଜର ମତ ରଖି ବରିଷ୍ଠ ରାଜନେତା ଶ୍ରୀଯୁକ୍ତ ଘଡ଼ାଇ କହିଥିଲେ, ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଗରିବ ଓଡ଼ିଶାରେ 'ନୂତନ ସୂର୍ଯ୍ୟୋଦୟ' ଭଳି ବିଜୁବାବୁଙ୍କ ଦୂରଦୃଷ୍ଟି ଏବଂ ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ରାଜନୀତିରେ

- 'ଆର୍ଥିକ ନିଅଣ୍ଟିଆ' ରାଜ୍ୟକୁ ବିକାଶର ମଡେଲ କରିଛନ୍ତି ନବୀନ: ପ୍ରଫୁଲ୍ଲ
- ନବୀନ ହିମାଳୟ, ଆମେ ଗୋଡ଼ି ସଦୃଶ୍ୟ: ସୁରେଶ
- ନବୀନ କମ୍ କୁହନ୍ତି, ଅଧିକ କୁହେ ତାଙ୍କ ବିକାଶ: ପ୍ରହଲ୍ଲାଦ
- ଓଡ଼ିଶାକୁ ଏକ 'ବ୍ରାଣ୍ଡ ଓଡ଼ିଶା'ରେ ପରିଣତ କହିଦେଇଛନ୍ତି ନବୀନ: କେଦାର




କେବଳ ଜଣେ ରାଜନେତା କହିଲେ ହେବନି, ତାଙ୍କୁ ଯଥାର୍ଥରେ ଜନନେତା କୁହାଯାଇପାରେ ବୋଲି ମତ ପ୍ରକାଶ ପାଇଛି। ଦୈନିକ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ଅନୁଷ୍ଠିତ ଦୁଇଦିନିଆ କନ୍‌କ୍ଲେଭ୍ 'ଓଡ଼ିଶା ଅଭ୍ୟୁଦୟ' କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଦିବସ ଦ୍ୱିତୀୟ ଅଧିବେଶନରେ ଯୋଗ ଦେଇ ଅତିଥିମାନେ ଏପରି ମତବ୍ୟକ୍ତ କରିଛନ୍ତି।

'ରାଜନୀତିରୁ ଊର୍ଦ୍ଧ୍ୱରେ ଜନନାୟକ ନବୀନ ପଟ୍ଟନାୟକ' ଶୀର୍ଷକ ଏହି ଆଲୋଚନାଚକ୍ରକୁ ସଂଚାଳନ କରିଥିଲେ ଉପସ୍ଥାପିକା ଗାୟତ୍ରୀ ମହାନ୍ତି।

ପ୍ରବେଶ କରିଥିଲେ ନବୀନ। ରାଜନୀତିରେ ସଂପୂର୍ଣ୍ଣ 'ନବୀନ' ନବୀନ ପଟ୍ଟନାୟକ ଧୀରେଧୀରେ କ୍ଷମତାର ଅଳନ୍ଧୁ ମଧ୍ୟରୁ ରାଜ୍ୟକୁ ବିକାଶର ରାଜମାର୍ଗରେ ନେଇ ଯାଇଥିଲେ। ଏକ ଆର୍ଥିକ ନିଅଣ୍ଟିଆ ରାଜ୍ୟକୁ 'ବିକାଶଶୀଳ ରାଜ୍ୟରେ' ପରିଣତ କରିବାରେ ତାଙ୍କର ବିଚକ୍ଷଣ ବୁଦ୍ଧି, ଧୀସଂପନ୍ନ କାର୍ଯ୍ୟଶୈଳୀ ତାଙ୍କୁ କେବଳ ରାଜନେତା ନୁହେଁ, ଜଣେ ଜନନେତା ଭାବେ ଗଢ଼ିତୋଳିଛି। ରାଜନୈତିକ ପରିବାରର ହୋଇଥିଲେ, ମଧ୍ୟ ରାଜନୈତିକ ପୃଷ୍ଠଭୂମିଠାରୁ ସଂପୂର୍ଣ୍ଣ ଭିନ୍ନ ଏକ ପରିବେଶରେ ବଢ଼ିଥିବା ନବୀନଙ୍କ ରାଜନୀତି ପ୍ରବେଶ ଅନେକଙ୍କ ଅଡୁଆ ଲାଗିଥିଲା। କିନ୍ତୁ ତାଙ୍କ କାର୍ଯ୍ୟଧାରା, ବିକାଶର ଚିନ୍ତାଧାରା ତଥା ରାଜ୍ୟକୁ ସମୃଦ୍ଧ ପଥରେ ବାହିନେବାର ଦୁର୍ବାର ଉଦ୍ୟମ ତାଙ୍କୁ କେବଳ ରାଜ୍ୟ ଭିତରେ ନୁହେଁ, ସାରା ଦେଶରେ ଜଣେ ଜନନାୟକର ଆଖ୍ୟା ଦେଇପାରିଛି। ବିପର୍ଯ୍ୟୟ ପ୍ରଶମନରୁ ଆରମ୍ଭ କରି ମହିଳା ସଶକ୍ତୀକରଣ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ତାଙ୍କ ବିକାଶ ଧାରା ଗୋଟେ ଗୋଟେ ମଡେଲ ହୋଇ ରହିଛି। ପଦପଦବୀ, କ୍ଷମତା, ରାଜନୀତିଠାରୁ ସଂପୂର୍ଣ୍ଣ ଭିନ୍ନ ଜଣେ ଜନନାୟକ ଭାବେ ଗଢ଼ିତୋଳିଛି ବୋଲି ଶ୍ରୀଯୁକ୍ତ ଘଡ଼ାଇ ମତବ୍ୟକ୍ତି କରିଥିଲେ।

ସେହିପରି ବରିଷ୍ଠ ରାଜନେତା ଶ୍ରୀଯୁକ୍ତ ରାଉତରାୟ ନିଜର ମତ ଦେଇଥିଲେ, ନବୀନ ଏକ ଭିନ୍ନ ବ୍ୟକ୍ତିତ୍ୱ। ସବୁବେଳେ ଦଳମତ ନିର୍ବିଶେଷରେ ସେ ବିକାଶକୁ ଗୁରୁତ୍ୱ ଦେଇଛନ୍ତି। ତାଙ୍କ ପାଇଁ 'ଦଳ' ନୁହେଁ, ବଡ଼ ରାଜ୍ୟର 'ବିକାଶ'। ମୁଁ ବିରୋଧୀ ଦଳରେ ହେଲେ ମଧ୍ୟ ମୋ ଅଞ୍ଚଳର ବିକାଶରେ ଯେତେବେଳେ ଯେଉଁ ଦାବି ରଖିଛି, ତାହା ସେ ଦ୍ୱିଧାରେ ପୂରଣ କରିଛି। ତାଙ୍କର ଏହି ବ୍ୟକ୍ତିତ୍ୱ ତାଙ୍କୁ ରାଜନୀତିଠାରୁ ଊର୍ଦ୍ଧ୍ୱରେ ଜଣେ ଜନନାୟକ ଭାବେ ଲୋକପ୍ରିୟ କରିପାରିଛି। ନବୀନ ଲୋକପ୍ରିୟତାରେ ହିମାଳୟ, ଆମେ ତାଙ୍କ ସମ୍ମୁଖରେ ଗୋଡ଼ି ସଦୃଶ୍ୟ।

ବରିଷ୍ଠ ସ୍ତମ୍ଭକାର ପ୍ରହଲ୍ଲାଦ ସିଂ, ଏହି ଅବସରରେ ନିଜର ମତ ଦେଇ କହିଥିଲେ, ରାଜନେତାମାନେ ଆଗାମୀ ନିର୍ବାଚନକୁ ଦୃଷ୍ଟି ଦେଇ କାମ କରୁଥିବା ବେଳେ, ନବୀନ କିନ୍ତୁ, ଆଗାମୀ ପିଢ଼ିକୁ ଦୃଷ୍ଟି ଦେଇଥାନ୍ତି। ସରଳ ଜୀବନ, ଉଚ୍ଚ ଚିନ୍ତାଧାରାର ବ୍ୟକ୍ତିତ୍ୱ ନବୀନଙ୍କ ଜିନ୍‌ରେ ହିଁ ରହିଛି ଷ୍ଟେଟ୍‌ସମ୍ୟାନ୍‌ର ପ୍ରକୃତି। ତାଙ୍କ ଜେଜେବାପା ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ଠାରୁ ଆରମ୍ଭ ହୋଇଥିବା ଏହି ଗୁଣ, ତାଙ୍କ ବାପା ବିଜୁ ପଟ୍ଟନାୟକଙ୍କ ମାଧ୍ୟମ ଦେଇ ଉତ୍ତରାଧିକାରୀ ସୂତ୍ରରେ ନବୀନ ପଟ୍ଟନାୟକଙ୍କୁ ମିଳିଛି। ନବୀନ କମ୍ କୁହନ୍ତି, ଅଧିକ କୁହେ ତାଙ୍କ ବିକାଶ। ଶ୍ରୀମନ୍ଦିରଠାରୁ ଆରମ୍ଭ କରି ଏସ୍‌ସିବି ମେଡିକାଲ, ବରମୁଣ୍ଡା ବସ୍‌ଷ୍ଟାଣ୍ଡ, କୋରାପୁଟରୁ କେନ୍ଦୁଝର, କଳାହାଣ୍ଡିରୁ କେନ୍ଦ୍ରାପଡ଼ା, ପଶ୍ଚିମ ଓଡ଼ିଶାରୁ ଉପକୂଳ ଓଡ଼ିଶା, ସବୁଠାରେ ତାଙ୍କ ବିକାଶ କଥା କୁହେ। ରାଜନୀତିରେ ସେ ସମଦୂରତା ରକ୍ଷା କରୁଥିଲେ ମଧ୍ୟ ରାଜ୍ୟର ସ୍ୱାର୍ଥ ପାଇଁ କେଉଁଠି ବି ବୁଝାମଣା କରିନାହାନ୍ତି। ବରଂ ଆବଶ୍ୟକ ସ୍ଥଳରେ ରାଜ୍ୟ ପାଇଁ ଲଢ଼େଇ କରିଛନ୍ତି। ରାଜ୍ୟର ସ୍ୱାର୍ଥହାନୀକୁ ପ୍ରତିବାଦ କରିଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ।

ବରିଷ୍ଠ ସାମ୍ବାଦିକ କେଦାର ମିଶ୍ର ଏହି ଅବସରରେ ନିଜର ମତଦେଇ କହିଥିଲେ, ଦିନେ ଭୋକ ଓ ଅନାହର ମୃତ୍ୟୁକୁ ନେଇ ଅପବାଦ ମୁଣ୍ଡାଉଥିବା ଓଡ଼ିଶାକୁ ଏକ 'ବ୍ରାଣ୍ଡ ଓଡ଼ିଶା'ରେ ପରିଣତ କହିଦେଇଛନ୍ତି ନବୀନ। ନବୀନଙ୍କ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶସନ କଥା ହେଉ, କିମ୍ବା ନାରୀ ସଶକ୍ତୀକରଣ କଥା, ରୋଗୀ କଲ୍ୟାଣ ବ୍ୟବସ୍ଥା ହେଉ କିମ୍ବା ଭୋକର ଦମନ ପାଇଁ ୧ ଟଙ୍କିଆ, ଦୁଇ ଟଙ୍କିଆ ଚାଉଳ ବ୍ୟବସ୍ଥା, ବିକାଶ ହେଉ କିମ୍ବା ରାଜନୀତି; ସବୁ କିଛି ଆଜି କେବଳ ରାଜ୍ୟରେ ନୁହେଁ, ରାଜ୍ୟ ବାହାରେ, ଏପରିକି ଦେଶ ବାହାରେ ମଧ୍ୟ ଏକ 'ବ୍ରାଣ୍ଡ' ଭାବେ ଅନ୍ୟ ପାଇଁ ଅନୁକରଣୀୟ ହୋଇଛି। ନବୀନଙ୍କ ବିକାଶ ମଡେଲକୁ ଅନ୍ୟମାନେ ଗ୍ରହଣ କରିଛନ୍ତି। ତାଙ୍କ ପ୍ରଭାବ ସାଧାରଣ ଜନତାଙ୍କ ହୃଦୟରେ ଏପରି ଛାପ ଛାଡ଼ିଯାଇଛି, ଯଥାର୍ଥରେ ତାଙ୍କୁ ଜନନାୟକ କହିବାରେ କିଛି ବି ଭୁଲ ହେବ ନାହିଁ ବୋଲି ସେ କହିଥିଲେ। ଏହି ଅବସରରେ ସମସ୍ତ ଆଲୋଚକ ଅତିଥିଙ୍କୁ 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ଅଧ୍ୟକ୍ଷ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ସଂପାଦକ ସମରେନ୍ଦୁ ଦାସ ଉପସ୍ଥିତ ଥିଲେ।

# ଭୋକର ଭୂଗୋଳରେ ବିକାଶର ଛବି



ଭୁବନେଶ୍ୱର,୨୫।୮ (ସମିସ): ଦିନ ଥିଲା ୧୯୯୯ ମହାବାତ୍ୟା ଦେଶରେ ଓଡ଼ିଶା ପାଇଁ ବଡ଼ ପରିଚୟ ଥିଲା। ମହାବାତ୍ୟା ପରେ ଅର୍ଥାତ୍ ୨୦୦୧ ପୂର୍ବରୁ ଓ ପରଠାରୁ ଓଡ଼ିଶାର ଛବିରେ ବଡ଼ ପରିବର୍ତ୍ତନ ହୋଇଛି। ଶାସନ ବ୍ୟବସ୍ଥାଠାରୁ ଆର୍ଥିକ ନୀତିରେ ହୋଇଛି ଅନେକ ବଡ଼ ପରିବର୍ତ୍ତନ। ପୂର୍ବତନ ମୁଖ୍ୟ ମନ୍ତ୍ରୀ ନୀବନ୍ ପଟ୍ଟନାୟକଙ୍କ ନେତୃତ୍ୱର ୨୫ ବର୍ଷର ଶାସନରେ ଶିଳ୍ପଠାରୁ ଆରମ୍ଭ କରି ଭିତ୍ତିଭୂମି, ସ୍ୱାସ୍ଥ୍ୟ,କ୍ରୀଡା, ଆର୍ଥିକ ଓ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କ୍ଷୁଧାମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟ ନବୀନ୍ ବାବୁଙ୍କ ବଡ଼ ସଫଳତା ଥିଲା। ୨୦୦୧ ପରେ ଓଡ଼ିଶା ପ୍ରଥମ ଥର କେନ୍ଦ୍ର ନିକଟରେ ତା'ର ହକ୍ ମାଗିଛି। ବର୍ତ୍ତମାନ ଅଣାଯାଇଥିବା ଖଣି ଓ ଖଣିଜ ସାମଗ୍ରୀ ବିକାଶ ଓ ନିୟାମକ ଆଇନ (ଏମ୍ଏମ୍‌ଡିଆର୍) ରେ ସଂଶୋଧନ ରାଜ୍ୟକୁ ବଡ଼ କ୍ଷତି ପହଞ୍ଚାଇଛି। ହେଲେ ଦିନେ ଯେଉଁ ଖଣି ଓଡ଼ିଶାର ଭାଗ୍ୟ ବଦଳାଇଥିଲା ଏବେ ସେହି ଖଣି କ୍ଷେତ୍ରରେ ଓଡ଼ିଶା ସବୁକିଛି ହରାଇବାକୁ ଯାଉଛି। ତେଣୁ ଏକ ବିଂଶ ଶତାବ୍ଦୀ ପାଇଁ ଯେତେବେଳେ ରାଜ୍ୟର ବିକାଶ ଲାଗି ଯୋଜନା ପ୍ରସ୍ତୁତ କରିବା ସେତେବେଳେ ବିଭିନ୍ନ ନୀତି ନିର୍ଦ୍ଧାରଣ ସେହି ଅନୁଯାୟୀ ହେବା ଉଚିତ୍। କେବଳ ଘୋଷଣାରେ ଓଡ଼ିଶାର ବିକାଶ ହେବ ନାହିଁ ବୋଲି ବକ୍ତାମାନେ ମତ ପ୍ରକାଶ କରିଛନ୍ତି।

ମଙ୍ଗଳବାର ରେଳ ଅଡିଟୋରିୟମ୍‌ଠାରେ ଦୈନିକ ଓଡ଼ିଆ 'ସକାଳ' ଓ 'ନନ୍ଦିଘୋଷ' ଟିଭି ପକ୍ଷରୁ ଆୟୋଜିତ 'ଓଡ଼ିଶା ଅଭ୍ୟୁଦୟ' କନ୍‌କ୍ଲେଭ୍‌ରେ 'ଏକବିଂଶ ଶତାବ୍ଦୀରେ ଓଡ଼ିଶାର ବିକାଶ ଯାତ୍ରା' ଶୀର୍ଷକ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା କହିଲେ, ସରକାର ଆସିବେ, ଯିବେ। ନେତା ବଛା ହେବେ। ବିଜୁ ବାବୁଙ୍କଠାରୁ ଆରମ୍ଭ କରି ନନ୍ଦିନୀ ଦେବୀ,ଜାନକୀ ବାବୁ ଏବଂ ନବୀନ୍ ପଟ୍ଟନାୟକଙ୍କ ଭଳି ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ

- କେବଳ ଘୋଷଣାରେ ହେବନି ରାଜ୍ୟର ବିକାଶ: ଜୟଦେବ
- ୨୦୦୧ ପରେ ଓଡ଼ିଶା ପ୍ରଥମ ଥର ତା'ର ହକ୍ ମାଗିଛି: ଭୃଗୁ
- ନିଜର ସ୍ୱତନ୍ତ୍ର ବିକାଶ ମଡେଲ୍ ଓଡ଼ିଶାର ପରିଚୟ: ରାଜୀବ

ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମୟରେ ରାଜ୍ୟର ବିକାଶ ପାଇଁ ଯୋଜନା ମାନ ଅଣାଯାଉଛି। ଜାନକୀ ବାବୁ ରାଜ୍ୟରେ ହଜାରରେ ଦିନରେ ହଜାରେ ଶିଳ୍ପ ଭଳି ଗଢ଼ିଥଲେ। ନୀବନ୍ ବାବୁ ତାକୁ ଆଉ ଆଗକୁ ନେଇ ବୃହତ୍ ଶିଳ୍ପ ଗଢ଼ିଥିଲେ। ତେଣୁ ରାଜ୍ୟ ପାଇଁ ବଡ଼ ବଡ଼ ଯୋଜନା ପ୍ରସ୍ତୁତ ହେଉ, କିନ୍ତୁ ସେଗୁଡିକୁ ଜନତାଙ୍କ ଲାଭ ଦିଗରେ କାର୍ଯ୍ୟକାରୀ କରାଯାଉ। ନ ହେଲେ ଏକ ବିଂଶ ଶତାବ୍ଦୀ ପାଇଁ ଓଡ଼ିଶାର ବିକାଶ ଲାଗି ପ୍ରସ୍ତୁତ କରାଯାଉଥିବା ଏହି ସବୁ ଯୋଜନା କେବଳ ଘୋଷଣାରେ ରହିଯିବ।

କାର୍ଯ୍ୟକ୍ରମରେ ଯୋଗଦେଇ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଲେ, ୨୦୦୦ ମସିହା ପରେ ଓଡ଼ିଶାର ପ୍ରଶାସନିକ ବ୍ୟବସ୍ଥା ଏବଂ ନୀତିରେ ବଡ଼ପରିବର୍ତ୍ତନ ହୋଇଛି। ରାଜ୍ୟର ଭିତ୍ତିଭୂମି ବିକାଶଠାରୁ ଆରମ୍ଭ କରି ମହିଳା, ଯୁବ,ବାତ୍ୟା ପରିଚାଳନା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆସିଛି। ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧିରେ ଓଡ଼ିଶା ଅନେକ ଆଗକୁ ଯାଇଥିବାବେଳେ ରାଜ୍ୟର ବଜେଟ୍ ୧୫ ଗୁଣା ବଢ଼ି ୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏସବୁ ରାଜ୍ୟର ପରିବର୍ତ୍ତିତ ବିକାଶ ଯାତ୍ରାକୁ ଦର୍ଶାଉଥିବା ଶ୍ରୀ ପାତ୍ର କହିଛନ୍ତି। ରାଜ୍ୟ ସମ୍ପ୍ରତି ଏମ୍ଏମ୍‌ଡିଆର୍ ଆଇନରେ ସଂଶୋଧନ ପାଇଁ ବଡ଼ ଧରଣର ରାଜସ୍ୱ କ୍ଷତି ସହିବାକୁ ଯାଉଛି। ନବୀନ୍ ସରକାରରେ ଖଣି ରାଜସ୍ୱରେ ଓଡ଼ିଶା ଯେଉଁ ରେକର୍ଡ ହାସଲ କରିଥିଲା, ତାହା ଏବେ ଆଉ ନାହିଁ।

କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଚାର୍ଟାଡ୍ ଆକାଉଣ୍ଟାଣ୍ଟ ରାଜୀବ ଶେଖର ସାହୁ କହିଛନ୍ତି ଯେ, ଦିନେ ମହାବାତ୍ୟା ଓଡ଼ିଶା ପାଇଁ ପରିଚୟ ଥିଲା। ଆଜି ଓଡ଼ିଶା ଏହାର ବିକାଶ ମହେଲ ପାଇଁ ପରିଚୟ ହାସଲ କରିଛି। ଭିତ୍ତିଭୂମି ବିକାଶ. ଶିଳ୍ପ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶାର ସଫଳତା ଆଜି ଦେଶରେ ବେଶ ଜଣାଶୁଣା। ପୂର୍ବରୁ କେବଳ ଖଣି କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ହେଲେ ଅଧିକ ନିଯୁକ୍ତି ସୃଷ୍ଟି କରୁଥିବା ଅଣ-ଖଣି କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଥିଲେ ଆଜି ରାଜ୍ୟର ବିକାଶ ଆହୁରି ହୋଇପାରିଥାନ୍ତା ବୋଲି ଶ୍ରୀ ସାହୁ କହିଛନ୍ତି।

# ଆତ୍ମସମ୍ମାନର ସହ ଆଗକୁ ବଢ଼ିବା ହିଁ ପ୍ରକୃତ ମହିଳା ସଶକ୍ତୀକରଣ

ଭୁବନେଶ୍ୱର,୨୫।୮ (ସମିସ): ମହିଳାମାନେ କେବଳ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳତା ନୁହେଁ; ଶିକ୍ଷା, ସାମାଜିକ ଓ ବ୍ୟକ୍ତିଗତ କ୍ଷେତ୍ରରେ ମଧ୍ୟ ସଶକ୍ତ ହେବା ଉଚିତ୍। ବିଶେଷକରି ନିଜେ ଆତ୍ମସମ୍ମାନର ସହ ନିଜର ନିଷ୍ପତ୍ତି ନେବା ହେଉଛି ପ୍ରକୃତ ମହିଳା ସଶକ୍ତୀକରଣ। 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ସ୍ଥାନୀୟ ରେଲୱେ ଅଡିଟୋରିୟମରେ ଆୟୋଜିତ 'ଓଡ଼ିଶା ଅଭ୍ୟୁଦୟ' କାର୍ଯ୍ୟକ୍ରମରେ 'ମହିଳା ସଶକ୍ତୀକରଣ ଦିଗରେ ଆହ୍ୱାନ ଓ ଉପଲବ୍ଧି' ଶୀର୍ଷକ ଆଲୋଚନାରେ ଏହି ମତ ପ୍ରକାଶ ପାଇଛି। ହଠାତ୍ ହୋଇନଥାଏ। ଏଥିପାଇଁ ସମୟ ଓ ପାରିପାର୍ଶ୍ୱିକ ସହଯୋଗ ସହ ମାନସିକତାରେ ପରିବର୍ତ୍ତନ ଆବଶ୍ୟକ। କାରଣ ଆଜିର ସମୟରେ ମହିଳାମାନେ ଶିକ୍ଷା କ୍ଷେତ୍ରରେ ଆଗକୁ ଆସିବା ସହ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ପୁରୁଷଙ୍କ ଠାରୁ କମ୍ ନୁହଁନ୍ତି। କହିବାକୁ ଗଲେ ମହିଳାମାନେ ଆର୍ଥିକ କ୍ଷେତ୍ରରେ ପୁରୁଷଙ୍କ ସହ ସମାନ ଭାବେ ଆତ୍ମନିର୍ଭର। କିନ୍ତୁ କେବଳ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେଲେ ତାହାକୁ ମହିଳା ସଶକ୍ତୀକରଣ କୁହାଯାଇପାରିବ ନାହିଁ। ବରଂ ଏଥିପାଇଁ ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଆଗେଇ ନେଇଛି। ବିଭିନ୍ନ କ୍ଷେତ୍ରରେ ଦିନେ ଯେଉଁ ମହିଳାମାନେ ପୁରୁଷମାନଙ୍କ ଉପରେ ନିର୍ଭର କରୁଥିଲେ ବର୍ତ୍ତମାନ ନିଜର ଦୃଢ଼ ମନୋବଳରେ ସଫଳତାର ଶୀର୍ଷରେ ମଧ୍ୟ ପହଞ୍ଚିବାକୁ ଆରମ୍ଭ କଲେଣି। ଏହାହିଁ ପ୍ରକୃତ ସଶକ୍ତୀକରଣ ବୋଲି ଶ୍ରୀମତୀ ସେଠୀ ମତବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ଅନ୍ୟତମ ଆଲୋଚିକା ଭାବେ ବରିଷ୍ଠ ସାମ୍ବାଦିକା ମିନତି ସିଂହ ଯୋଗଦେଇ କହିଛନ୍ତି, ଯେଉଁ ମହିଳା ନିଜ ସହ ନିଜ କମ୍ୟୁନିଟି କିମ୍ବା ନିଜ ଅଞ୍ଚଳର ମହିଳାମାନଙ୍କୁ ସଶକ୍ତ କରାଇଥାଏ ସେ ହିଁ ପ୍ରକୃତରେ ସଶକ୍ତ ମହିଳା ଭାବେ ପରିଗଣିତ ହୋଇଥାଏ। ତେବେ ମହିଳା ସଶକ୍ତୀକରଣର ପ୍ରକୃତ ଅର୍ଥ ପୁରୁଷମାନେ ବୁଝିବା ସହ ଏଦିଗରେ ମହିଳାଙ୍କୁ ପୂର୍ଣ୍ଣ ସହଯୋଗ କରିବା ମଧ୍ୟ ମହିଳା ସଶକ୍ତୀକରଣ। ମହିଳାଙ୍କ ବିଭିନ୍ନ ସମସ୍ୟା ବିଷୟରେ କେବଳ ମହିଳାମାନେ ଆଲୋଚନା କଲେ ହେବ ନାହିଁ; ବରଂ ପୁରୁଷମାନଙ୍କୁ ମଧ୍ୟ ସାମିଲ କରାଯିବା ଉଚିତ୍। କାରଣ ଜଣେ ପୁରୁଷର ସଫଳତା ପଛରେ ମହିଳାଙ୍କ ହାତ ଥାଏ, ଠିକ୍ ସେମିତି ଜଣେ ସଶକ୍ତ ମହିଳା ପଛରେ ପୁରୁଷଙ୍କ ଭୂମିକା ନିହାତି ଜରୁରୀ ବୋଲି ସମାଜ ବୁଝିବା ଆବଶ୍ୟକ ବୋଲି ସେ କହିଥିଲେ। ଆଲୋଚନାକୁ ଗାୟତ୍ରୀ ମହାନ୍ତି ସଂଯୋଜନା କରିଥିଲେ।




କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି, ଅନେକ ମହିଳା ଶିକ୍ଷା କ୍ଷେତ୍ରରେ ଅଗ୍ରଗତି କରିଥିଲେ ମଧ୍ୟ ପରିବାର ଏବଂ ବାହାରେ (କର୍ମକ୍ଷେତ୍ର କିମ୍ବା ସମାଜ) ନିର୍ଯାତନାର ଶିକାର ହେଉଛନ୍ତି। ଯଦିଓ ମହିଳାଙ୍କୁ ଭଗବାନ ମାତୃତ୍ୱ ଲାଭ କରିବାର କ୍ଷମତା ଦେଇଛନ୍ତି ଏବଂ ପରିବାର ତଥା ନିଜ ପିଲାମାନଙ୍କ ଲାଳନପାଳନରେ ମହିଳାଙ୍କର ପ୍ରମୁଖ ଭୂମିକା ରହିଛି, କିନ୍ତୁ ଆଜି ମଧ୍ୟ ମହିଳାମାନେ ନିଜେ ନିଜର ନିଷ୍ପତ୍ତି ନେବାକୁ ଆଗକୁ ଆସିପାରୁ ନାହାନ୍ତି। ଯାହାକି ବର୍ତ୍ତମାନ ସମାଜରେ ଏକ ଆହ୍ୱାନ ପାଲଟିଛି ବୋଲି ମେୟର ଶ୍ରୀମତୀ ଦାସ କହିଛନ୍ତି।

ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ତଥା ବିଶିଷ୍ଟ ଆଇନଜୀବୀ ସ୍ନିଗ୍ଧା ପାଣିଗ୍ରାହୀ ଯୋଗଦେଇ କହିଛନ୍ତି, ଜଣେ ମହିଳା ପ୍ରଥମେ ନିଜ ପରିବାରରୁ ସଶକ୍ତ ହେବା ଉଚିତ୍। ଯେଉଁଠି ନିଜର ବ୍ୟକ୍ତିଗତ ସ୍ୱରକୁ ନିଜେ ଉଠାଇବାରେ ସକ୍ଷମ ହୋଇପାରିବ। କାରଣ ମହିଳା ସଶକ୍ତୀକରଣ ଏକ ପ୍ରକ୍ରିୟା। ଯାହା ଥରକେ କିମ୍ବା

- ନିଷ୍ପତ୍ତି ନେଇପାରିବାର ଅଧିକାର ହିଁ ପ୍ରକୃତ ସଶକ୍ତୀକରଣ: ସୁଲୋଚନା
- ଜଣେ ମହିଳା ପ୍ରଥମେ ନିଜ ପରିବାରରୁ ସଶକ୍ତ ହେବା ଉଚିତ୍: ସ୍ନିଗ୍ଧା
- ପୁରୁଷ କୈନ୍ଦ୍ରିକ ସମାଜରେ ମହିଳାଙ୍କ ଆତ୍ମନିର୍ଭରଶୀଳତା ବଢ଼ିଛି: ଶର୍ମିଷ୍ଠା
- ଜଣେ ସଶକ୍ତ ମହିଳା ପଛରେ ଜଣେ ପୁରୁଷର ହାତ ରହିବା ଜରୁରୀ : ମିନତି

ପୂର୍ବତନ ଲୋକସଭା ସାଂସଦ ଶର୍ମିଷ୍ଠା ସେଠୀ ମହିଳା ସଶକ୍ତୀକରଣ କ୍ଷେତ୍ରରେ 'ମିଶନ ଶକ୍ତି'ର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖି କହିଥିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ୭୦ ହଜାର ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇ ଏକ ବୈପ୍ଳବିକ ପରିବର୍ତ୍ତନ ସୃଷ୍ଟି କରିଥିଲେ। ସାଧାରଣ ଭୋଟରରୁ ରାଜନୀତି କ୍ଷେତ୍ରରେ ଡିସିସନ୍ ମେକର୍ ହେବା ସହ 'ଏସ୍‌ଏଚ୍‌ଜିରୁ ଏସ୍‌ଏମ୍‌ଇ'ର ସଫଳ ଯାତ୍ରା ଉପରେ ଆଲୋଚନା କରି କହିଥିଲେ ଯେ ଏହି ସଫଳତା ମହିଳାମାନଙ୍କ ଆତ୍ମବିଶ୍ୱାସକୁ ଆହୁରି ସୁଦୃଢ଼ କରିଛି। ପୁରୁଷକୈନ୍ଦ୍ରିକ ସମାଜରେ ମହିଳାମାନଙ୍କୁ ସମ୍ମାନର ସହ ଆତ୍ମନିର୍ଭର ହେବାକୁ

# ସମୟର ଆବଶ୍ୟକତା ଅନୁସାରେ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଜରୁରୀ

ଭୁବନେଶ୍ୱର,୨୫।୮ (ସମିସ): ରାଜ୍ୟର ଶିକ୍ଷାନୁଷ୍ଠାନ ପରିସରରେ ଚମକୁଥିବା ବଡ ବଡ ଅଟ୍ଟାଳିକା ବା ବିଲ୍ଡିଂ ରାଜ୍ୟ ଶିକ୍ଷା ବ୍ୟବସ୍ଥାର ପରିଚୟ ନୁହେଁ। ସ୍କୁଲ ଗୁଡ଼ିଗରେ ପର୍ଯ୍ୟାପ୍ତ ମାତ୍ରରେ ତାଲିମପ୍ରାପ୍ତ ଶିକ୍ଷକ ସଂଖ୍ୟା ହିଁ ରାଜ୍ୟର ଶିକ୍ଷାର ମାନଦଣ୍ଡକୁ ଦର୍ଶାଏ। ବହୁ ବର୍ଷ ପୂର୍ବରୁ ଶିକ୍ଷକ ସଂକଟ ବୋଲି ସେଭଳି କୌଣସି ସମସ୍ୟା କିମ୍ବା ଦାବି ନଥିଲା। ସ୍କୁଲ ଗୁଡ଼ିକରେ ପ୍ରତେକ ବିଷୟ ପ୍ରତି ଜଣେ ଶିକ୍ଷକ ଥିଲେ। ହେଲେ ଏବେ ଜଣେ ମାତ୍ର ଶିକ୍ଷକଙ୍କୁ ନେଇ ରାଜ୍ୟର ୧୪୫୮ ସ୍କୁଲ ଚାଲିଛି। ବିଶ୍ୱବିଦ୍ୟାଳୟ ଅତିଥି ଅଧ୍ୟାପକଙ୍କ ଭରଷାରେ ଚାଲିଛି। ଏଥିରୁ ଅନୁମାନ କରାଯିବା ଉଚିତ ରାଜ୍ୟର ଶିକ୍ଷା ବ୍ୟବସ୍ଥା କେଉଁ ଅବସ୍ଥାରେ ରହିଛି। ଓଡ଼ିଶାକୁ ଦେଶର ଶିକ୍ଷା ସଂସ୍ଥାର ପ୍ରଣକେନ୍ଦ୍ର କରିବାକୁ ହେଲେ ଗୁଣାତ୍ମକ ପାଠପଢା ଏବଂ ଶିକ୍ଷକ ନିଯୁକ୍ତି ଉପରେ ବିଶେଷ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପୂର୍ବତନ ଡିନ୍ ପ୍ରଫେସର ଅଜୟ ପଟ୍ଟନାୟକ ସକାଳ ଓ ନନ୍ଦିଘୋଷ ଟିଭି ପକ୍ଷରୁ ଆୟୋଜିତ ଓଡ଼ିଶା ଅଭ୍ୟୁଦୟ ନାମକ ଆଲୋଚନାଜଚକ୍ରର ତୃତୀୟ ଅଧିବେଶନ ଶିକ୍ଷା ସଂସ୍ଥାନର ପ୍ରମୁଖ କେନ୍ଦ୍ର ଓଡ଼ିଶାରେ ଯୋଗ ଦେଇ ଏହା କହିଛନ୍ତି। ଓଡ଼ିଶା ପାଠ୍ୟ ପୁସ୍ତକରେ ତ୍ରୁଟିକୁ ନେଇ ଶ୍ରୀ ପଟ୍ଟନାୟକ କହିଥିଲେ ଶିକ୍ଷା ବିଶାରଦଙ୍କୁ ଛାଡି ଏଭଳି ଲୋକଙ୍କ ଉପରେ ଭରସା ନକଲେ ଏଭଳି ତ୍ରୁଟି ବାରମ୍ବାର ହେବ। ସେହିପରି ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସମବିଚାରଧାରା ଓ ରାଜନୈତିକ ବ୍ୟକ୍ତିତ୍ୱଙ୍କ ନିଯୁକ୍ତି ଠିକ୍ ନୁହେଁ।



ଅନ୍ୟପକ୍ଷରେ ତାଙ୍କୁ ଯୁକ୍ତିକୁ ସମର୍ଥନ କରି ଓଡିଏମ୍ ଏଜୁକେସନାଲ୍ ଗ୍ରୁପର ଅଧ୍ୟକ୍ଷ ସତ୍ୟବ୍ରତ ମୀନକେତନ କହିଛନ୍ତି ରାଜ୍ୟରେ ଶିକ୍ଷକ ପଦବୀ ପୂରଣ ସହ ପ୍ରାଥମିକ ସ୍କୁଲ ଶିକ୍ଷା ଉପରେ ଗୁରୁତ୍ୱ ଦେବା ଅତ୍ୟନ୍ତ ଆବଶ୍ୟକ। ପ୍ରଥମିକ ଶିକ୍ଷା ଘର ମୁଳଦୁଆ ଭଳି। ଏହି ସମୟରୁ ହିଁ ପିଲାଙ୍କ ପ୍ରକୃତ ବିକାଶ ଆରମ୍ଭ ହୁଏ। ଶିକ୍ଷକଙ୍କ ପ୍ରଶିକ୍ଷଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ସମ୍ପର୍କରେ ସେ କହିଥିଲେ କେବଳ ଯେ ଶିଳ୍ପାନୁକୁଳ ଶିକ୍ଷାବ୍ୟବସ୍ଥା ପ୍ରସ୍ତୁତି ଏବଂ ନିୟମିତ ପାଠ୍ୟକ୍ରମରେ ପରିବର୍ତ୍ତନ କଲେ ଚଳିବ ନାହିଁ ବରଂ ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ସମୟରେ ଟ୍ରେଣ୍ଡ ଅନୁଯାୟୀ, ନିଜ ଦକ୍ଷତାକୁ ପରିବର୍ତ୍ତନ କରି ଖାପଖୁଆଇବା ଆବଶ୍ୟକ। ଏହା ସହ ଶ୍ରୀ ମୀନକେତନ କହିଛନ୍ତି ଶିକ୍ଷକ ମାନଙ୍କ ଉପରେ ପାଠ ପଢା ବ୍ୟତୀତ ଅନ୍ୟ କୌଣସି ବୋଝ ରହିବା କଥା ନୁହଁ। ପୂର୍ବରୁ ସରକାରୀ ସ୍କୁଲ ଶିକ୍ଷକମାନଙ୍କୁ ଭୋଟ ଭଳି କାମରେ ଲଗାଯାଉ ଥିଲା ଏଭଳି ସମସ୍ୟା ହେବାରୁ ଅଭିଭାବକ ପିଲାମାନଙ୍କୁ ଘରୋଇ ସ୍କୁଲରେ ଟଙ୍କା ଦେଇ ଭର୍ତ୍ତି କଲେ, ହେଲେ ସରକାର ଘରୋଇ ସ୍କୁଲ ଶିକ୍ଷକଙ୍କୁ ବି ଭୋଟ ତାଲିକା ପ୍ରସ୍ତୁତ କାର୍ଯ୍ୟରେ ନିୟୋଜିତ କରୁଛନ୍ତି।

ଅତିଥି ଭାବେ ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟିର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୀବ ରାଉତ କହିଛନ୍ତି, ବିଗତ କିଛି

- ଚକାଚକ୍ ସ୍କୁଲ ବିଲ୍ଡିଂ ନୁହେଁ, ତାଲିମପ୍ରାପ୍ତ ଶିକ୍ଷକ ହିଁ ଉନ୍ନତ ଶିକ୍ଷାର ମାନଦଣ୍ଡ: ଅଜୟ
- ଶିକ୍ଷକଙ୍କୁ ଶିକ୍ଷା ବ୍ୟତିତ ଅନ୍ୟ କୌଣସି କାର୍ଯ୍ୟଭାର ଦିଆ ନ ଯାଉ: ସତ୍ୟବ୍ରତ
- ଭବିଷ୍ୟତରେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଅନ୍ୟ ରାଜ୍ୟକୁ ଟପିବ: ସଞ୍ଜୀବ

ଦଶନ୍ଧି ଧରି ରାଜ୍ୟରେ ବୈଷୟିକ ଶିକ୍ଷାରେ ବିକାଶ ଘଟିଛି। ଆଇଟିଆଇ, ପଲି ଟେକ୍‌ନିସକ୍, ଇଞ୍ଜିନିୟରିଂ ସମେତ ଅନ୍ୟାନ୍ୟ ବୈଷୟୀକ ଶିକ୍ଷାରେ ବିକାଶ ଘଟିଛି। ସରକାର ଏଥିରେ ଘରୋଇ ଅନୁଷ୍ଠାନ ଗୁଡ଼ିକୁ ସଶକ୍ତ କରିଛନ୍ତି। ନିଯୁକ୍ତ କ୍ଷେତ୍ରରେ ଦେଶର ପ୍ରମୁଖ ଶିଳ୍ପାନୁଷ୍ଠାନ ଗୁଡ଼ିକ ରାଜ୍ୟରୁ ଆଇଟିଆଇ ଏବଂ ପଲି ଟେକ୍‌ନିକ୍ ପିଲାଙ୍କୁ ନେବାକୁ ପାଇଁ ଏବେ ସମ୍ପୂର୍ଣ୍ଣ ଭାବେ ଆଗ୍ରହୀ। ଭବିଷ୍ୟତରେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଅନ୍ୟ ରାଜ୍ୟ ତୁଳନାରେ ବହୁ ଆଗରେ ରହିବ ବୋଲି ଶ୍ରୀ ରାଉତ ଆଶାବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ସବୁ ସମୟରେ ଯୁକ୍ତି କରାଯାଉଛି ଯେ ବହୁ ପିଲା ରାଜ୍ୟ ବାହାରକୁ ପାଠ ପଢ଼ିବାକୁ ଚାଲି ଯାଉଛନ୍ତି। ଏହାର ପ୍ରମୁଖ କାରଣ ହେଲା ସେଠାରେ ବିକଶିତ ଶିଳ୍ପ ବ୍ୟବସ୍ଥା ରହିଛି। ପାଠ ପଢା ସମୟରେ ବା ଶେଷ ହେବା ପରେ ଚାକିରି କରି ଟଙ୍କା ରୋଜଗାର କରିବାର ବ୍ୟବସ୍ଥା ରହିଛି। ଓଡ଼ିଶା ଛାତ୍ରଛାତ୍ରୀଙ୍କୁ ଓଡ଼ିଶା ଭିତରେ ବାନ୍ଧି ରଖିବାକୁ ହେଲେ ଏଠାରେ ଅଧିକରୁ ଅଧିକ ଶିଳ୍ପ ପ୍ରତିଷ୍ଠା କରିବାକୁ ପଡ଼ିବ। ଶିଳ୍ପ ପ୍ରତିଷ୍ଠା ଉପଯୋଗୀ ପରିବେଶ ସୃଷ୍ଟି କରିବାକୁ ପଡ଼ିବ। ଯାହାଫଳରେ ବ୍ରେନ୍ ଡ୍ରେନ୍ ଭଳି ସମସ୍ୟାକୁ ରୋକା ଯାଇ ପାରିବ। ଶେଷରେ ସକାଳ ସିଇଓ ସୁବ୍ରତ ଦାସ ଏବଂ ନନ୍ଦିଘୋଷ ସିଇଓ ଜବର ସିଂ ପନୱାର ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ୩୧ରେ ସରିବ ଖରିଫ୍ ପଞ୍ଜୀକରଣ ଚିନ୍ତାରେ ଚାଷୀ

## 'ଏଗ୍ରିଷ୍ଟାକ୍ ନମ୍ବର ଓ କଲମ୍-୨ ପାଇଁ ସରକାର ତରବର କାହିଁକି': କୃଷକସଂଘ

**ସମ୍ବଲପୁର, ୨୫।୮ (ସମିସ)**

ଚଳିତବର୍ଷ ଖରିଫ୍ ଧାନବିକ୍ରୟ ପାଇଁ ଗତ ୬ ତାରିଖରୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସରକାର ଚାଷୀ ପଞ୍ଜିକରଣ ଅବଧି ଧାର୍ଯ୍ୟ କରିଛନ୍ତି। ଜମିର ମାଲିକାନାକୁ ନେଇ ଆଇରିସ୍ ସ୍କାନିଂ ସହ ପ୍ରତି ସମବାୟ ସମିତିରେ ଗୋଟିଏ ମାତ୍ର 'ଆଇଡି'ରେ ପଞ୍ଜୀକରଣ ହେଉଥିବାରୁ ବିଳମ୍ବିତ ହେଉଥିବା ଅଭିଯୋଗ ହୋଇଛି। ପଞ୍ଜୀକରଣ ସମୟ ଆଉ ମାତ୍ର ୬ ଦିନ ବାକି ଥିବାବେଳେ ଚାଷୀମାନେ



ବାରମ୍ବାର ସମବାୟ ସମିତିକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଗତ ୧୮ ତାରିଖରେ ସମ୍ବଲପୁର ଜିଲ୍ଲାପାଳଙ୍କ ସହ ଆଲୋଚନାପରେ ତାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପଞ୍ଜୀକରଣ ଅବଧି ବୃଦ୍ଧି ଓ ଭାଗଚାଷୀ ମାଲିକଙ୍କ ଆଇରିସ୍ ସ୍କାନିଂକୁ ବାଦ୍ ଦେବାପାଇଁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ତେବେ, ଏନେଇ ଆଜି ପର୍ଯ୍ୟନ୍ତ ସରକାରୀ ଘୋଷଣା ହୋଇନାହିଁ। ଚାଷୀଙ୍କ ଆଶା ଆଶଙ୍କାରେ ରହିଛନ୍ତି। ଅନ୍ୟପକ୍ଷରେ ଖରିଫ ଧାନବିକ୍ରୟ ପଞ୍ଜୀକରଣ ବ୍ୟସ୍ତତା ସମୟରେ ରାଜସ୍ୱ ଅଧିକାରୀମାନେ ଏଗ୍ରୀ-ଷ୍ଟାକ୍ ନମ୍ବର ଓ କଲମ୍-୨ ପାଇଁ ଚାଷୀମାନଙ୍କୁ ଯୋଗାଯୋଗ କରୁଥିବା କୃଷକ ସଂଘ ଅଭିଯୋଗ କରିଛି। ସମ୍ପ୍ରତି ଚାଷୀମାନେ ଖରିଫ ଧାନଚାଷ ପାଇଁ ପହୁ ରୁଆ ଓ ବିହୁଡ଼ା ଆଦି ଚାଷ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ସରକାର ସୀମିତ ଅବଧି ପାଇଁ, ମାତ୍ର ୨୭ ଦିନ ପାଇଁ, ଖରିଫ ଧାନକ୍ରୟ ପଞ୍ଜୀକରଣ ସମୟ ଧାର୍ଯ୍ୟ କରିଛନ୍ତି। ପୁଣି ଗତବର୍ଷଠାରୁ ବଂଶାବଳୀ ଲାଗୁ ହୋଇଛି। ଜମିରମାଲିକ କେବଳ ନିଜ ଜମିର ଉତ୍ପାଦିତ ଧାନବିକ୍ରୟ ପାଇଁ ପଞ୍ଜୀକରଣ କରିପାରିବେ। ବର୍ଷ ବର୍ଷ ଧରି ଜମି ବନ୍ଦୋବସ୍ତ ହୋଇ ନ ଥିବାବେଳେ ଅନେକ ଚାଷୀଙ୍କ ଜମି ସେମାନଙ୍କ ଅଜା ନାମରେ ଯୁଗ୍ମସମ୍ପତ୍ତି ଭାବେ ରହିଛି। ସେହି ଜମି ପଞ୍ଜୀକରଣ କରିବାକୁ ହେଲେ, ଅଜାଙ୍କ ମୃତ୍ୟୁ ହୋଇଯାଇଥିଲେ ତାଙ୍କ ସମସ୍ତ ପୁଅ ଓ ଝିଅ ଆଧାରକାର୍ଡ ସହ ଆଇରିସ୍ ସ୍କାନିଂ କରିବେ। ନଚେତ୍ ସେହି ଜମିର ସଂଖ୍ୟା ଅନୁଯାୟୀ ଭାଗକରି କେବଳ ସେମାନଙ୍କ ମିଳୁଥିବା ଭାଗ ଜମି ପଞ୍ଜୀକରଣ ହୋଇପାରିବ। ଏହି ପ୍ରକ୍ରିୟାରେ ପଞ୍ଜୀକରଣ ହେଲେ ପୁଣି ଆଇରିସ୍ ସ୍କାନିଂ ଓ ଫୁଟ୍ ଅନୁଯାୟୀ ଅପଲୋଡ୍ ହେବ। ଗୋଟିଏ ଜମି ପଟ୍ଟାରେ ଯେତେଟି ଫୁଟ୍ ରହିଥିବ, ସେତେଥର ଅପଲୋଡ୍ ହେବ। କିନ୍ତୁ ଆଇରିସ୍ ସ୍କାନିଂ ଗୋଟିଏଥର କରାଯାଉଛି। ସମ୍ବଲପୁର ଜିଲ୍ଲାର ଅଧିକାଂଶ ସମବାୟ ସମିତିରେ ପଞ୍ଜୀକରଣ ପରେ ଆଇରିସ୍ ସ୍କାନିଂ ପାଇଁ ଚାଷୀମାନେ ବାରମ୍ବାର ଦୌଡ଼ୁଛନ୍ତି। କାଳେ ସମୟ ଅବଧି ଶେଷ ହୋଇଗଲେ, ତା'ର ପଞ୍ଜିକରଣ ବାକି ରହିଯିବ ଏବଂ ଉତ୍ପାଦିତ ଧାନନେଇ ଚାଷୀ ରହିଯିବେ ବୋଲି ଚିନ୍ତାରେ ଚାଷୀ। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ସରକାର ଭାଗଚାଷୀ ମାଲିକଙ୍କ ଆଇରିସ୍ ସ୍କାନିଂ ପାଇଁ ଯେଉଁ ୩ଟି ପୋର୍ଟାଲ କରିଛନ୍ତି, ପୋର୍ଟାଲ ଗୁଡ଼ିକ ବିଦେଶରେ କେତେଟି ଦେଶରେ 'ପରମିଶନ' ମିଳୁନି। ଏଣୁ ବିଦେଶରେ ଥିବା ମାଲିକଙ୍କ ଆଇରିସ୍ ସ୍କାନିଂ ଆସିବାରେ ବାଧା ହେଉଛି। ଅନ୍ୟପକ୍ଷରେ ଯଦି ସରକାର ଏଗ୍ରୀ-ଷ୍ଟାକ୍ ଉଠିଗଲା ବୋଲି କହୁଛନ୍ତି, ତେବେ ଏଗ୍ରିଷ୍ଟାକ୍ ନମ୍ବର ଓ କଲମ୍-୨ ପାଇଁ କାହିଁକି ତରବର ହେଉଛନ୍ତି। ପ୍ରତିଦିନ ରାଜସ୍ୱ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଚାଷୀମାନଙ୍କୁ ଯୋଗାଯୋଗ କରୁଛନ୍ତି। ପ୍ରତି ଆରଆଇଙ୍କୁ ଦିନକୁ ୨୫ ଜଣ ଚାଷୀଙ୍କୁ ଏଗ୍ରୀ-ଷ୍ଟାକ୍ ନମ୍ବର କରିବାକୁ ନିର୍ଦ୍ଦେଶ ରହିଛି। ଏଥିରୁ ସରକାରଙ୍କ ଏକ ଷଡ଼ଯନ୍ତ୍ର ଗନ୍ଧ ଆସୁଛି। ସରକାର ଯଦି ଏଗ୍ରୀ-ଷ୍ଟାକ୍କୁ ଲାଗୁ କରିବେ ଏବଂ ପଞ୍ଜିକରଣ ସମୟ ଅବଧି ନ ବଢ଼େଇବେ ଆଗାମୀ ଦିନରେ ପଶ୍ଚିମ ଓଡ଼ିଶାସ୍ତରରେ ଏକ ବଡ଼ ଧରଣର ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସଭାପତି ଶ୍ରୀ ଠାକୁର ଚେତାବନୀ ଦେଇଛନ୍ତି।

## ଧାନସଂଗ୍ରହ ପଞ୍ଜୀକରଣ ସମୟ ବୃଦ୍ଧି ଦାବିକଲା ବିଜେପି କୃଷକ ମୋର୍ଚ୍ଚା

ଧାନ ସଂଗ୍ରହ ପଞ୍ଜୀକରଣ ପ୍ରକ୍ରିୟାରେ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଚାଷୀ। ୱେବସାଇଟ୍ ସର୍ଭର ସମସ୍ୟା ଓ ପାକ୍ସ ଗୁଡ଼ିକରେ



ଅତ୍ୟଧିକ ଭିଡ଼ ଯୋଗୁଁ ଅନେକ ଚାଷୀ ପଞ୍ଜୀକରଣ କରିବାରୁ ବଞ୍ଚିତ ହେବା ଆଶଙ୍କା ଦେଖାଦେଇଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଧାନ ସଂଗ୍ରହ ପଞ୍ଜୀକରଣ ତାରିଖ ବୃଦ୍ଧି କରିବା ସହ ପାକ୍ସ ସବ୍-ସେଣ୍ଟର ଖୋଲିବାକୁ ଜିଲ୍ଲା କୃଷକ ଫ୍ରଣ୍ଟ ଏବଂ ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋରକରଙ୍କୁ ଭେଟି ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ସମ୍ବଲପୁର ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା କୃଷକ ମୋର୍ଚ୍ଚା ସଭାପତି ମିତ୍ରଭାନୁ ପ୍ରଧାନ, ସାଧାରଣ ସମ୍ପାଦକ ସୁବୋଧ ପଣ୍ଡା, ଜିଲ୍ଲା କୃଷକ ଫ୍ରଣ୍ଟର ସାଧାରଣ ସମ୍ପାଦକ ନାରାୟଣ ବେହେରା, ଶ୍ରୀମତୀ ଦେହୁରୀ, ଅନ୍ତର୍ଯ୍ୟାମୀ ରାଉତଙ୍କ ସମେତ ସମ୍ବଲପୁର ଜିଲ୍ଲା କୃଷକ ଫ୍ରଣ୍ଟର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ରକ୍ତଭଣ୍ଡାର କାର୍ଯ୍ୟକ୍ଷମ ଦାବିରେ ଗଣଧାରଣା



**ରେଢ଼ାଖୋଲ, ୨୫।୮ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଥିବା ରକ୍ତଭଣ୍ଡାର ୭ ମାସ ହେଲା ବନ୍ଦ ପଡ଼ିଛି। ଏହି ରକ୍ତ ଭଣ୍ଡାରକୁ ତୁରନ୍ତ କାର୍ଯ୍ୟକ୍ଷମ ଦାବିରେ ମଙ୍ଗଳବାର ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସାଧାରଣ ଜନତା ପକ୍ଷରୁ ରେଢ଼ାଖୋଲ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ଏକ ରାଲିକରି ରେଢ଼ାଖୋଲ ଉପଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ପହଞ୍ଚି ଗଣଧାରଣା ଦେଇଥିଲେ। ରେଢ଼ାଖୋଲ ରକ୍ତ ଭଣ୍ଡାର ଦୀର୍ଘ ଦିନ ହେଲା ବନ୍ଦ ରହିଛି, ଫଳରେ ରୋଗୀମାନେ ରକ୍ତ ପାଇଁ ହନ୍ତସନ୍ତ ହେବାକୁ ପଡୁଛି। ଏଥିରେ ରୋଗୀଙ୍କୁ ନେଇ ପରିବାର ଲୋକେ ସମ୍ବଲପୁର, ବୌଦ୍ଧ, ଅନୁଗୁଳ ଜିଲ୍ଲାକୁ ଦୌଡିବାକୁ ପଡୁଛି। ବିଶେଷ କରି ଗର୍ଭବତୀ ମହିଳା ଓ ଦୁର୍ଘଟଣାଗ୍ରସ୍ତ ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଧାରଣାସ୍ଥଳରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମୀରଞ୍ଜନ ମହନ୍ତ ପହଞ୍ଚି ଧାରଣା ବସିଥିବା ବ୍ୟକ୍ତି ବିଶେଷଙ୍କୁ ବୁଝାସୁଝା କରିବା ସହିତ ଆଗାମୀ ୧୫ ଦିନ ମଧ୍ୟରେ ରକ୍ତଭଣ୍ଡାର କାର୍ଯ୍ୟକ୍ଷମ ହେବ ବୋଲି ଏକ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହି ଗଣଧାରଣାରେ ରେଢ଼ାଖୋଲ ନାଗରିକ କମିଟି ସଭାପତି ପ୍ରଦୀପ ପ୍ରଧାନ, ଅମରେଶ ନାୟକ, ନନ୍ଦୁ ମୀରୀ, ପିଣ୍ଟୁ ପ୍ରଧାନ, ନନ୍ଦକିଶୋର ପ୍ରଧାନ, ବୁଟୁ ପଣ୍ଡା, ନିରଞ୍ଜନ ମହାକୁଡ଼, ସୁନୀଲ ପ୍ରଧାନ, ସୁମନ୍ତ ଅମାତ, ପଦ୍ମଲୋଚନ ବିଶି, ଅମୂଲ୍ୟ ପ୍ରଧାନ, ପ୍ରବୀଣ ପ୍ରଧାନ, ଅଶୋକ ସାମଲ, ହରେଶ କର୍ଣ୍ଣ, ଉମେଶ ଦେହୁରୀ, ରଞ୍ଜନ ରାଉତ, ସତ୍ୟଜିତ ଚାନ୍ଦ, ସୁମନ୍ତ ଧଳ, ଆକାଶ ପଣ୍ଡା, ଦକ୍ଷ ବେହେରା, ଅଭିଷେକ ଦେହୁରୀ ପ୍ରମୁଖ ସମେତ ବହୁ ସଂଖ୍ୟାରେ ସାଧାରଣ ଜନତା ରେଢ଼ାଖୋଲ ସଚେତନ ନାଗରିକ ଓ ନାକଟିଦେଉଳ ବ୍ଲକର ସମାଜସେବୀ ଅନୁଷ୍ଠାନ ସାମିଲ ରହିଥିଲେ।

## ଏସଏମ୍‌ସି ସଭ୍ୟଙ୍କୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅସମ୍ମାନ ଅଭିଯୋଗ

**ସମ୍ବଲପୁର, ୨୫।୮ (ସମିସ) :** ଡକରା ପଞ୍ଚାୟତ ଅଧୀନ ବୀରଘାଟ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି (ଲସ୍‌ଏମ୍‌ସି) ସଭ୍ୟ ମାନଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଅସମ୍ମାନ



କରିଥିବା ନେଇ ଏସଏମ୍‌ସି ସଭ୍ୟସଭ୍ୟା ତଥା ଅଞ୍ଚଳବାସୀ ଜିଲ୍ଲା ଶିକ୍ଷାଧିକାରୀଙ୍କଠାରେ ଅଭିଯୋଗ କରିଛନ୍ତି। ଲିଖିତ ଅଭିଯୋଗ ଅନୁଯାୟୀ, ଗତ ୨୦ ତାରିଖ ଅପରାହ୍ଣରେ ଏସଏମ୍‌ସି ସଭାପତିଙ୍କ ନେତୃତ୍ୱରେ ସଭ୍ୟବୃନ୍ଦ ସ୍କୁଲକୁ ଯାଇଥିଲେ। ସେଠାରେ ସେମାନେ ବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିବାପାଇଁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କହିଲେ। ତେବେ, ପ୍ରଧାନ ଶିକ୍ଷୟିତ୍ରୀ ଏହି କଥାରେ ଅରାଜି ହେବାସହ ମୋ ପାଖରେ ସମୟ ନାହିଁ, ଅଫିସ କାମ ଅଛି ବୋଲି କହିଥିବା ସେମାନେ ଉଲ୍ଲେଖ କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟିର ଯଦି ମୂଲ୍ୟ ନାହିଁ ତେବେ, ଆମେ ସ୍କୁଲକୁ ଯିବୁ ନାହିଁ କିମ୍ବା କୌଣସି ସଭାରେ ଯୋଗଦେବୁ ନାହିଁ ବୋଲି ସେମାନେ କହିଛନ୍ତି। ଏନେଇ ଜିଲ୍ଲା ଶିକ୍ଷାଧିକାରୀ ଉଚିତ ପଦକ୍ଷେପ ନେବାକୁ ଏସ୍‌ଏମ୍‌ସି ସଭ୍ୟସଭ୍ୟାମାନେ ଦାବି ଜଣାଇଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଏନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ପ୍ରକାଶ।

## 'ଶବ୍ଦଗଙ୍ଗା'ର ୭୪ତମ ସଂଖ୍ୟା ଲୋକାର୍ପିତ

**ସମ୍ବଲପୁର, ୨୫।୮ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଅନ୍‌ଲାଇନ୍ ମାସିକ ମୁଖପତ୍ର 'ଶବ୍ଦଗଙ୍ଗା'ର ଚଉସ୍ତରୀତମ ସଂଖ୍ୟା ଆଜି ସନ୍ଧ୍ୟାରେ 'ଶବ୍ଦଗଙ୍ଗା'ର ମୁଖ୍ୟ ସମ୍ପାଦକ ଡ. ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧ୍ୟକ୍ଷତାରେ ଉନ୍ମୋଚିତ ହୋଇଯାଇଛି। ଉନ୍ମୋଚନ ସଭାରେ ଅତିଥିକବି ଭାବେ ଲୋକନାଥ ନାଗ ଆଭାସୀ ମାଧ୍ୟମରେ ଯୋଡ଼ିହୋଇ ସ୍ୱରଚିତ କବିତା 'ସ୍ୱେଦ' ଆବୃତ୍ତି କରିବା ସହ ସାହିତ୍ୟ ଓ ଜୀବନର ସମ୍ପର୍କ ବିଷୟରେ ବର୍ଣ୍ଣନା କରି କହିଥିଲେ ଯେ, 'ଶବ୍ଦ ସହ ଆମ ଜୀବନ ଅଙ୍ଗାଙ୍ଗୀ ଭାବେ ଜଡିତ। ଶବ୍ଦ ଦୂରେଇ ଗଲେ ଆମର ଅସ୍ତିତ୍ୱ ହଜିଯାଏ'। 'ଶବ୍ଦଗଙ୍ଗା'ର ସହଯୋଗୀ ଛାତ୍ର ସମ୍ପାଦିକା ଅନନ୍ୟା ବେହେରା ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଛାତ୍ର ସମ୍ପାଦିକା ଲିପସା ମେହେର ସମ୍ପାଦକୀୟ ଅଭିଭାଷଣ ରଖିଥିଲେ। ଯୁବପ୍ରତିଭା ମଞ୍ଜୁ ଭୋଇ, ଅଧ୍ୟାପିକା ତୃଷ୍ଣା ଦାଶ, ପ୍ରାକ୍ତନ ଛାତ୍ର ପପୁନ ଭୋଇ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସହଯୋଗୀ ଛାତ୍ର ସମ୍ପାଦିକା ବର୍ଷା ରାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିବାବେଳେ ସହଯୋଗୀ ସମ୍ପାଦକ ଜଗନ୍ନାଥ ମେହେର ଯାନ୍ତ୍ରିକ ସହଯୋଗ କରିଥିଲେ।

## ୨ ମାସରେ ଦଶ ହଜାର ଚାରାରୋପଣ କଲା 'ୱାର୍ଲଡ ୱାରସିପ୍' ଫାଉଣ୍ଡେସନ




**ସମ୍ବଲପୁର, ୨୫।୮ (ସମିସ):** ୱାର୍ଲଡ ୱାରସିପ ଫାଉଣ୍ଡେସନ୍ ଟ୍ରଷ୍ଟ ବିଗତ ଦୁଇ ମାସ ଭିତରେ ୧୦ ହଜାର ଚାରା ରୋପଣ କରିସାରିଛି। ଆଗାମୀ ଦଶ ବର୍ଷ ଭିତରେ ସମ୍ବଲପୁରରେ ପ୍ରାୟ ୧୦ ଦଶ ଲକ୍ଷ ଗଛ ଲଗାଇବାର ଶପଥ ନେଇଥିବା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ବ୍ରଜମୋହନ ଗୋଏଲ, ଉପଦେଷ୍ଟା ଭକ୍ତ ପ୍ରସାଦ ନନ୍ଦ, ସମ୍ପାଦକ ମଧୁସୂଦନ ଚଇନି, କୋଷାଧ୍ୟକ୍ଷ ବିମଳା ଦେବୀ ଗୋଏଲ ଓ ଉପସଭାପତି ପାର୍ବତୀ ସେଠ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ଶ୍ରୀ ଗୋଏଲ କହିଥିଲେ, ଏହି ୨ ମାସ ମଧ୍ୟରେ ନିଜସ୍ୱ ସମ୍ବଳରେ ସମ୍ବଲପୁରର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ପ୍ରଜାତିର ଦଶ ହଜାରରୁ ଅଧିକ ଚାରା ରୋପଣ କରିଛୁ। ଟ୍ରଷ୍ଟ ସମ୍ପାଦକ ଶ୍ରୀ ଚଇନି କହିଥିଲେ, ଡେଙ୍ଗସର୍ଗି କେନାଲ ଅଞ୍ଚଳରେ ୬୫୦, ଡେଙ୍ଗସର୍ଗି ଜଙ୍ଗଲରେ ୧୩୧୨, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପରିସରରେ ୫୦୦, ହୀରାକୁଦରେ ୩୩୯୫, ଠିଠେଇପାଲିରେ ୩୯୮୫, ଯୋଗୀପାଲିରେ ୩୦୮୮, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ୧୦୦, କୁକୁଡ଼ାପାଲି ଗ୍ରାମରେ ୧୨୦ ଚାରା ରୋପଣ କରାଯାଇଛି।

## ଏମ୍‌ଏମ୍‌ଡିଆର ସଂଶୋଧନ ବିଲ୍ ବିରୋଧରେ ଶୋଭାଯାତ୍ରା

**ସମ୍ବଲପୁର, ୨୫।୮ (ସମିସ):** ଏମ୍‌ଏମ୍‌ଡିଆର ସଂଶୋଧନ ବିଲ ପ୍ରତ୍ୟାହାର ଦାବିରେ ମଙ୍ଗଳବାର ସନ୍ଧ୍ୟାରେ



ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟିର ଜିଲ୍ଲା ସଭାପତି ଇଂ ଅମିତ୍ କୁମାର ଗୁରୁଙ୍କ ନେତୃତ୍ୱରେ ଆୟୋଜିତ ଏହି ମିଳିତ ପ୍ରତିବାଦ ସଭାରେ ବିଭିନ୍ନ ରାଜନୈତିକ ଦଳର ପ୍ରମୁଖ ନେତୃବୃନ୍ଦ ସାମିଲ ହୋଇ ଆଇନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ଜୟଶଙ୍କର ମିଶ୍ର, ନିରଞ୍ଜନ ତ୍ରିପାଠୀ, ସୁବାସ ବିଶ୍ୱାଳ, ସୁଧୀର ପଣ୍ଡା, ଦିନ ପରିଡ଼ାଙ୍କ ସମେତ ସିପିଆଇର ଜିଲ୍ଲା ସାଧାରଣ ସମ୍ପାଦକ ସରୋଜିନୀ ଆଚାର୍ଯ୍ୟ, ସମାଜବାଦୀ ପାର୍ଟି ଜିଲ୍ଲା ସଭାପତି ଅନିଲ ଯାଦବ ଏବଂ ଆରଜେଡିର ରାଜ୍ୟ ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ନାଗ ପ୍ରମୁଖ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିତେନ ମହାନନ୍ଦ, ମୋହନ ଶାହା, ଜୟରାମ ବଣିଆ, ୱକିଲ ଚୌଧୁରୀ, ମହମ୍ମଦ ସକ୍କୁ, ମହମ୍ମଦ ମୁକ୍ତାର, ଗିରିଜା ନାୟକ, ରବି ରାଉତ, ଅଶୋକ ମେହେର, ସୁମିତ୍ ନାୟକ, ଚତୁର୍ଭୁଜ ଝାଙ୍କର, ଗଣେଶ ସୋହେଲା, ବଣ୍ଟି ଶେଖ୍, ପ୍ରଦୀପ ମିଶ୍ର, ଉତ୍ତମ ମେହେର, କାନହୁ ମେହେର, ଓମ୍ ହୋତା, ବିଜୟ ଲକ୍ଷ୍ମୀ ବେହେରା, ସାମନ୍ତ ବାଗ, ବୁଲୁ କୁମ୍ଭାର, ସୁନୀଲ ପ୍ରଧାନ, , ମହମ୍ମଦ ୟୁନୁସ, ଏବଂ ମାନେଶ୍ୱର ବ୍ଲକ ସଭାପତି ସଞ୍ଜୟ ଛୁରିଆଙ୍କ ସମେତ ଦଳର ଶତାଧିକ ସକ୍ରିୟ କର୍ମୀ ଉପସ୍ଥିତ ରହି ଏହି ବିଲ୍‌କୁ ତୀବ୍ର ବିରୋଧ କରିଥିଲେ। କେନ୍ଦ୍ର ସରକାର ଜନବିରୋଧୀ ଏମଏମଡିଆର ବିଲ୍‌କୁ ତୁରନ୍ତ ପ୍ରତ୍ୟାହାର ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ନେତୃବୃନ୍ଦ ଚେତାବନୀ ଦେଇଛନ୍ତି।

## 'ସମ୍ବଲପୁରୀ ରାକ୍ଷୀ ଷ୍ଟଲ୍' ଉଦ୍‌ଘାଟିତ



**ସମ୍ବଲପୁର, ୨୫।୮ (ସମିସ) :** ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ରାକ୍ଷୀପୂର୍ଣ୍ଣିମା ଅବସରରେ ମହିଳା ଏସ୍‌ଏଚ୍‌ଜି ସଭ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ରାକ୍ଷୀର ପ୍ରଦର୍ଶନୀ ଓ ବିକ୍ରୟ କେନ୍ଦ୍ର କରାଯାଇଥାଏ। ଏହିକ୍ରମରେ ଆଜି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ସହରର ପୀରବାବା ଛକ ଏବଂ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ନିକଟରେ ସ୍ୱତନ୍ତ୍ର ରାକ୍ଷୀ ଷ୍ଟଲ୍‌କୁ ଉଦ୍‌ଘାଟନ କରିଛନ୍ତି। ଏହି ଷ୍ଟଲ୍‌ରେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଏବଂ ଉତ୍ପାଦକ ଗୋଷ୍ଠୀ (ପିଜି)ର ମହିଳା ସଦସ୍ୟାମାନଙ୍କ ଦ୍ୱାରା ହାତତିଆରି ସୁନ୍ଦର ସମ୍ବଲପୁରୀ ବସ୍ତ୍ରର ରାକ୍ଷୀ ତଥା ବିଭିନ୍ନ ପ୍ରକାରର ଫ୍ୟାନ୍ସି ରାକ୍ଷୀ ପ୍ରଦର୍ଶିତ ଏବଂ ବିକ୍ରୟ କରାଯାଉଛି। ସମ୍ବଲପୁର ଜିଲ୍ଲା ପ୍ରଶାସନ ସହଯୋଗ ଏବଂ ଓରମାସ୍ ପରିଚାଳନାରେ ଏହି ଉଦ୍ୟମ କରାଯାଇଛି। ଏହି ଷ୍ଟଲ ୨୮ ତାରିଖ ପର୍ଯ୍ୟନ୍ତ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲାରହିବ।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

**ରେଢ଼ାଖୋଲ, ୨୫।୮ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅଧ୍ୟକ୍ଷା ମମତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଯୁକ୍ତଦୁଇ କଳା ଓ ବିଜ୍ଞାନ ଛାତ୍ରୀ ମାନଙ୍କ ପାଇଁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀ ପ୍ରାଚୀ ପରମିତା ବେହେରା, ଲବଙ୍ଗରାଣୀ ବାଦି ଓ ଲିସା ମହାନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଯୁକ୍ତ ଦୁଇ କଳା ଓ ବିଜ୍ଞାନ ଛାତ୍ରୀ ମାନେ ସଙ୍ଗୀତ ଓ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ଏହି ଉତ୍ସବରେ ଅନୁଷ୍ଠାନର ସମସ୍ତ ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଉପସ୍ଥିତ ରହିଥିଲେ।



## ଏଡ୍‌ସ ସଚେତନତା କୁଇଜ୍ ପ୍ରତିଯୋଗିତା



**ସମ୍ବଲପୁର, ୨୫।୮ (ସମିସ) :** ଜିଲ୍ଲା ଏଡ୍‌ସ ନିୟନ୍ତ୍ରଣ ସମିତି ଓ ସମ୍ବଲପୁର ଶିକ୍ଷା ଜିଲ୍ଲା ଜୁନିୟର ରେଡ୍‌କ୍ରସ୍ ମିଳିତ ଆନୁକୂଲ୍ୟରେ ଧନକଉଡ଼ା ହାଇସ୍କୁଲଠାରେ ଏଚ୍‌ଆଇଭି ଓ ଏଡ୍‌ସ ସଚେତନତା ପାଇଁ ଜିଲ୍ଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସମସ୍ତ ରେଡ୍‌ରିବନ କ୍ଲବ ଓ ପ୍ରତ୍ୟେକ ବ୍ଲକରୁ ମନୋନୀତ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଜିଲ୍ଲା ଆଇସିଟିସି କାଉନସେଲର ରୋଜାଲିନ ପଣ୍ଡା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଡିଏସ୍‌ଆର୍‌ସି କାଉନସେଲର ଶ୍ରାବଣୀ ପଟ୍ଟନାଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲ୍ଲା ରେଡ୍‌କ୍ରସ୍ ଅଫିସର ବିଶ୍ୱାମିତ୍ର ଦୀପଙ୍କ ତତ୍ତ୍ୱାବଧାନରେ ଅୟୋଜିତ କୁଇଜ୍ ପ୍ରତିଯୋଗିତାରେ ବାରବାଙ୍କ ହାଇସ୍କୁଲ ଛାତ୍ରୀ କଳ୍ପନା ପ୍ରଧାନ ପ୍ରଥମ, ପିଏମ୍‌ଶ୍ରୀ ଧମା ହାଇସ୍କୁଲର ଶୁଭଶ୍ରୀ ନେଗୀ ଦ୍ୱିତୀୟ ଏବଂ ବିଶ୍ୱସେବା ହାଇସ୍କୁଲ କୁଲୁଣ୍ଡିର ଛାତ୍ର ଜଗନ୍ନାଥ କିସାନ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ। ଆୟୋଜକ ବିଦ୍ୟାଳୟ ଧନକଉଡ଼ା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁ ଅଗ୍ରୱାଲ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ଆନନ୍ଦ ଦଣ୍ଡସେନା, ଜେଆର୍‌ସି କାଉନସେଲର ଦୀପିକା ପ୍ରଧାନ, ଆଶିଷ ସାହୁ, ସମୀର ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରାବଣରେ ବି କନ୍ଦାଉଛି ପିଆଜ

**ସମ୍ବଲପୁର, ୨୫।୮ (ସମିସ)**

ଶ୍ରାବଣ ମାସରେ ଲୋକେ ଆମିଷ ତ୍ୟାଗ କରିବାସହ ଖାଦ୍ୟବ୍ୟଞ୍ଜନରେ ପିଆଜ ମଧ ବ୍ୟବହାର କରନ୍ତି ନାହିଁ। ଶେଷ ସୋମବାର ସହିତ ଶ୍ରାବଣ ପୂର୍ଣ୍ଣିମା ଏହାର ଅନ୍ତ ହୋଇଥାଏ। ଏହାପରେ ପିତୃପକ୍ଷ ଆସିବା ପର୍ଯ୍ୟନ୍ତ ଲୋକେ ସାଧାରଣ ଭାବେ ତରକାରୀରେ ପିଆଜ ବ୍ୟବହାର କରିଥାନ୍ତି। ତେବେ, ଚଳିତବର୍ଷ ଶ୍ରାବଣ ମାସରେ ପିଆଜ ଦର ଆକାଶଛୁଆଁ ହୋଇଛି। ସମ୍ପ୍ରତି ପିଆଜ ଦର ବୃଦ୍ଧି ପାଇ କିଲୋପିଛା ୬୦ ଟଙ୍କା ଥିବାବେଳେ ଆକାର ଅନୁଯାୟୀ କେତେକ ସ୍ଥାନରେ ଏହା କିଲୋପିଛା ୬୫ରୁ ୭୦ ଟଙ୍କା ପର୍ଯ୍ୟନ୍ତ ବଢ଼ିଲାଣି। ଏହାକୁ ନେଇ ଖାଉଟି ଏବେ ଚିନ୍ତାରେ। ପନିପରିବା ଦର ଅଧିକ ରହିଥିବାବେଳେ ଏବେ ପିଆଜ କନ୍ଦାଉଛି। ଦରଦାମ ଉପରେ ସରକାର କିମ୍ବା ଜିଲ୍ଲା ପ୍ରଶାସନର ନିୟନ୍ତ୍ରଣ ନାହିଁ। ଆଳୁ ଓ ପିଆଜ ଦର ଅନ୍ୟ ରାଜ୍ୟରୁ ଆସିବା ଉପରେ ସମ୍ବଲପୁର ବଜାର ଦର ନିର୍ଭର କରିଥାଏ। ଚଳିତବର୍ଷ ଆଳୁ ଦର ଖୁଚୁରା ବଜାରରେ କିଲୋପିଛା ୨୦ ଟଙ୍କାରେ ସ୍ଥିର ଥିବାବେଳେ ପିଆଜ ଦର ବଢ଼ିଚାଲିଛି। ଅନ୍ୟପକ୍ଷରେ ସରକାର କିମ୍ବା ଜିଲ୍ଲା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ପିଆଜ ଚାଷ ଉପରେ ସେଭଳି ଗୁରୁତ୍ୱ କିମ୍ବା ଚାଷୀକୁ ପ୍ରୋତ୍ସାହନ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ସମ୍ବଲପୁରର କ୍ଷେତରାଜପୁର ବଜାରରେ ଆଳୁ ଓ ପିଆଜର ୬ ଜଣ ହୋଲସେଲର୍ ଅଛନ୍ତି। ସମ୍ବଲପୁର ବଜାରକୁ ମହାରାଷ୍ଟ୍ର ନାସିକ୍‌ରୁ ପ୍ରାୟତଃ ୩ ଗାଡ଼ି ପିଆଜ ଆସିଥାଏ। ପ୍ରତି ଗାଡ଼ିରେ ହାରାହାରି ୪୨୦ ପ୍ୟାକେଟ୍ ରହୁଥିବା ସୂଚନା ମିଳିଛି। ବିଭାଗୀୟ ସୂଚନା ଅନୁଯାୟୀ, ହୋଲସେଲ ମାର୍କେଟ୍‌ରେ ପିଆଜ ଦର କ୍ୱିଣ୍ଟାଲ ପିଛା ୪୨୦୦ରୁ ୫୦୦୦ ଟଙ୍କା ରହିଥିବାବେଳେ ମଡେଲ ବଜାର ଦର କିଲୋପ୍ରତି ୫୫ ଟଙ୍କା ବୋଲି କୁହାଯାଉଛି। କିନ୍ତୁ ଖୁଚୁରା ବଜାରରେ ଏହି ଦର ୬୦ରୁ ୭୦ ଟଙ୍କାରେ ପହଞ୍ଚିଲାଣି। ଶ୍ରାବଣରେ ଦର ବଢ଼ିଥିବାବେଳେ ଆଗାମୀ ଦିନରେ ଏହି ଦର ଅହେତୁକ ଭାବେ ବଢ଼ିବାର ଆଶଙ୍କା ରହିଛି। ଉଲ୍ଲେଖଯୋଗ୍ୟ ଯେ, ମାସକ ତଳେ ଗତ ଜୁଲାଇ ୨୫ ତାରିଖ ହୋଲସେଲ ମାର୍କେଟ୍‌ରେ ପିଆଜ ଦର କ୍ୱିଣ୍ଟାଲ ପିଛା ୨୪୦୦ରୁ ୩୨୦୦ ଟଙ୍କା ରହିଥିବାବେଳେ ମଡେଲ ବଜାର ଦର କିଲୋପ୍ରତି ୩୫ ଟଙ୍କା ରହିଥିଲା। ଖୁଚୁରା ବଜାରରେ କିଲୋପିଛା ୩୫ରୁ



[illegible]

୪୦ ଟଙ୍କାରେ ପିଆଜ ମିଳୁଥିଲା। ସମ୍ବଲପୁର ଜିଲ୍ଲାରେ ଆଳୁ ଓ ପିଆଜ ଚାଷକୁ ଉଦ୍ୟାନ କୃଷି ବିଭାଗର ପ୍ରୋତ୍ସାହନ ନ ଥିବାବେଳେ ଶୀତଳଭଣ୍ଡାରର ଅଭାବ ଯୋଗୁଁ ବାହାର ରାଜ୍ୟରୁ ଆମଦାନୀ ଉପରେ ସମ୍ପୂର୍ଣ୍ଣ ବଜାର ବ୍ୟବସ୍ଥା ଓ ଦର ନିର୍ଭର କରୁଛି। ମିଳିଥିବା ସୂଚନା ଅନୁଯାୟୀ, ସମ୍ବଲପୁର ଜିଲ୍ଲାରେ ୨୦୨୪-୨୫ ବର୍ଷରେ ୭୦୦.୯୯ ହେକ୍ଟରରେ ପିଆଜ ଚାଷ ହୋଇଥିବାବେଳେ ୭୨୫୮.୦୪ ମେଟ୍ରିକ୍ ଟନ୍ ଉତ୍ପାଦନ ହୋଇଥିଲା। ସେହିପରି ୨୦୨୫-୨୬ ବର୍ଷରେ ୧୪୭୨.୨୩ ହେକ୍ଟରରେ ପିଆଜ ଚାଷ ହୋଇଥିବାବେଳେ ୧୫୨୪୩.୪୬ ମେଟ୍ରିକ୍ ଟନ୍ ଉତ୍ପାଦନ ହୋଇଥିଲା। ୨୦୨୬-୨୭ ବର୍ଷରେ ୨୦୦୦ ହେକ୍ଟରରେ ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜିଲ୍ଲାର ଚାହିଦାକୁ ପୂରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଗଲେ ଏବଂ ଚାଷୀମାନଙ୍କୁ ସବ୍‌ସିଡି ସହ ସମସ୍ତ ସୁବିଧା ଯୋଗାଇ ଦିଆଗଲେ, ଅନ୍ୟ ରାଜ୍ୟର ଯୋଗାଣ ଉପରେ ନିର୍ଭରଶୀଳ ହେବାକୁ ପଡ଼ନ୍ତା ନାହିଁ ବୋଲି ସଚେତନ ମହଲରେ ମତପ୍ରକାଶ ପାଉଛି।

ଏନେଇ ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ହୋତା କହିଛନ୍ତି, ପିଆଜ ଆସୁଥିବା ସ୍ଥାନରେ ପିଆଜ ଦର ବଢ଼ିବାସହ ଯୋଗାଣ କମ୍ ପରିମାଣରେ ହେଉଛି। ଏଥିପାଇଁ ସମସ୍ତ ସ୍ଥାନରେ ପିଆଜ ଦର ବଢ଼ିଛି। ବିଭାଗର ମାର୍କେଟିଂ ଇଣ୍ଟେଲିଜେନ୍ସ ଟିମ୍ ନିୟମିତ ଭାବେ ଏହାକୁ ମନିଟରିଂ କରୁଛନ୍ତି।

## ସାଇବର ସୁରକ୍ଷା ଶିବିର

**କଣ୍ଟାମାଲ,୨୫।୮ (ସେମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକ୍ ସଦର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କଣ୍ଟାମାଲ ଥାନା ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଟାମାଲ ଥାନା ସବ୍ ଇନ୍ସପେକ୍ଟର ପ୍ରକାଶ ଭୋଇ, କଣ୍ଟାମାଲ ଜୁନିଅର୍ ରେଡକ୍ରସ୍ ବ୍ଲକ୍ ସଂଯୋଜକ ବନମାଳୀ ମେହେର, ଶିକ୍ଷୟିତ୍ରୀ ଏମ୍.ମାଧୁରୀ ଦୋରା ମଞ୍ଚାସୀନ ଥିଲେ। ଏହି ଅବସରରେ ସାଇବର ଅପରାଧରୁ ସୁରକ୍ଷା, ଅନ୍‌ଲାଇନ ସଚେତନତା, ସାମାଜିକ ଗଣମାଧ୍ୟମର ଉପାଦେୟତା ଓ ସୁରକ୍ଷା ସଂପର୍କରେ ଅତିଥି ବୃନ୍ଦ ଆଲୋକପାତ କରିଥିଲେ। ନିଶା ମୁକ୍ତ ସମାଜ ଗଠନ ଦିଗରେ ଯତ୍ନବାନ ହେବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ସମସ୍ତେ ସମୂହ ଶପଥ ପାଠ କରିଥିଲେ। ଟୁକୁ ମେହେର ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସୁଭଦ୍ରା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବଲାଙ୍ଗିରରେ ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ଉ

**ବଲାଙ୍ଗିର,୨୫।୮ (ସମିସ):** ବଲାଙ୍ଗିର ବଜାରରେ ଅପମିଶ୍ରିତ ପନିର ବିକ୍ରି ହେଉଥିବା ନେଇ ଅଭିଯୋଗ ହେଉଛି। ତେବେ ଏହି ଅପମିଶ୍ରିତ ପନିର ବିକ୍ରି ହେଉଥିବା ଅଭିଯୋଗ ପରେ ରାଜ୍ୟରେ ଖାଦ୍ୟ ଓ ନିରାପତ୍ତା ବିଭାଗ ପକ୍ଷରୁ ଗତ କିଛି ଦିନ ଧରି ରାଜଧାନୀ ଭୁବନେଶ୍ୱର ଓ କଟକର ବିଭିନ୍ନ ହୋଟେଲ, ମିଠା ଦୋକାନ ସହ ପନିର ବ୍ୟବସାୟ ଉପରେ ଚଢ଼ଉ ଜାରି ରହିଛି। ଏହିକ୍ରମରେ ମଙ୍ଗଳବାର ବଲାଙ୍ଗିରରେ ମଧ୍ୟ ଚଢ଼ଉ ଆରମ୍ଭ ହୋଇଛି। ବଜାରରେ ମିଳୁଥିବା ଖୋଲା ପନିର କେଜି ପ୍ରତି ୨୫୦ରୁ ୩୫୦ ଟଙ୍କା ପର୍ଯ୍ୟନ୍ତ ଦରରେ ବିକ୍ରି ହେଉଥିବା ବେଳେ କମ୍ପାନୀ ପ୍ୟାକେଟ ପନିର ଦର କେଜି ପ୍ରତି ପ୍ରାୟ ୪୦୦ରୁ ୪୫୦ ଟଙ୍କା ରହିଛି। ବଲାଙ୍ଗିର ସହରର ବିଭିନ୍ନ ମିଠା ଦୋକାନ ଓ ଦୁଗ୍ଧ ବିକ୍ରୟ କେନ୍ଦ୍ରଗୁଡ଼ିକରେ ବିପୁଳ ପରିମାଣର ପନିର ବିକ୍ରି ହେଉଛି। ଗତକାଲିଠାରୁ ବଜାରରେ ଖୋଲା ପନିର ମିଳୁ ନ ଥିବା ଆଲୋଚନା ହେଉଛି। ଚଢ଼ଉ ଭୟରେ କେତେକ ବ୍ୟବସାୟୀ ପନିର ବିକ୍ରି ବନ୍ଦ କରିଥିବାରୁ ପୂର୍ବରୁ ବଜାରରେ ନକଲି (ଅପମିଶ୍ରିତ) ପନିର ବିକ୍ରି ହେଉଥିବା ସନ୍ଦେହ ଦୃଢ଼ୀଭୂତ ହେଉଛି। ବଲାଙ୍ଗିର ସହର ଓ ଜିଲ୍ଲାର ବିଭିନ୍ନ ସହରରେ ଶତାଧିକ ମିଠା ଦୋକାନ ରହିଛି।



ଏହାସହ ବିଭିନ୍ନ ସ୍ଥାନରେ ମିଠା ତିଆରି ଫ୍ୟାକ୍ଟ୍ରି ରହିଛି। ଜିଲା ଖାଦ୍ୟ ଓ ନିରାପତ୍ତା ବିଭାଗ ପକ୍ଷରୁ ଯେଉଁଭଳି ତତ୍ପରତା ଦେଖାଇ ମିଠା ଓ ଅନ୍ୟାନ୍ୟ ଖାଇବା ସାମଗ୍ରୀର ମାନ ଯାଞ୍ଚ କରାଯିବା କଥା। ସେଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ତେବେ ଆଜି ଜିଲା ଖାଦ୍ୟ ଓ ନିରାପତ୍ତା ବିଭାଗ ପକ୍ଷରୁ ବଲାଙ୍ଗିର ସହରର ବିଭିନ୍ନ ମିଠା ଦୋକାନ ସହ ସଦାଇପାଲି ନିକଟରେ ଥିବା ଏକ ମିଠା ତିଆରି ଫ୍ୟାକ୍ଟ୍ରି ଉପରେ ଚଢ଼ଉ କରାଯାଇଛି। ଅସ୍ୱଚ୍ଛ ପରିବେଶ ଯୋଗୁଁ ସହରର କେତେକ ଦୋକାନରୁ ଜୋରିମାନା ଆଦାୟ କରାଯାଇଛି। ରାଜ୍ୟ ଖାଦ୍ୟ ଓ ନିରାପତ୍ତା ବିଭାଗ ପକ୍ଷରୁ ରାଜଧାନୀ ଭୁବନେଶ୍ୱର ଓ କଟକରେ ଚଢ଼ଉ ଜାରି ରହିବା ପରେ ବଲାଙ୍ଗିରରେ ଜିଲା ଖାଦ୍ୟ ଓ ନିରାପତ୍ତା ବିଭାଗ ପକ୍ଷରୁ ଆଜି ବଲାଙ୍ଗିରର ବିଭିନ୍ନ ମିଠା ଦୋକାନରେ ଧର୍ମକୁ ଆଖିଠାର ସଦୃଶ ଚଢ଼ଉ କରାଯାଇଥିବା ନେଇ ଆଲୋଚନା ହେଉଛି। ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ତଥା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବଲାଙ୍ଗିର ଖାଦ୍ୟ ଓ ନିରାପତ୍ତା ବିଭାଗ ପକ୍ଷରୁ ଆଜି ସହରର ୧୦ଟି ମିଠା ଦୋକାନରେ ଚଢ଼ଉ କରାଯାଇଛି। ଏହା ସହ ସଦର ପୁଲିସ ସହଯୋଗରେ ବରକାନୀରେ ଥିବା ମିଠା ଫ୍ୟାକ୍ଟ୍ରିରେ ଚଢ଼ଉ ସହ ଯାଞ୍ଚ କରାଯାଇଥିଲା। ଅପରାହ୍ଣରୁ ରାତି ପ୍ରାୟ ୮ଟା ପର୍ଯ୍ୟନ୍ତ ଚଢ଼ଉ ଜାରି ରହିଥିଲା। ବିଭିନ୍ନ ଦୋକାନର ୪ କେଜି ବାସି ମିଠା ଓ ୨୦ ପ୍ୟାକେଟ ଅବଧି ସରିଥିବା ଖାଦ୍ୟ ନଷ୍ଟ କରାଯାଇଥିଲା। ନିୟମ ଉଲ୍ଲଙ୍ଘନକାରୀଙ୍କୁ ୨ ହଜାର ଟଙ୍କା ଜୋରିମାନା ନିର୍ଦ୍ଦେଶ ଦିଆଯାଇଛି। ୯ଟି ଖାଦ୍ୟ ନମୂନା ସଂଗ୍ରହ କରାଯାଇ ଯାଞ୍ଚ ପାଇଁ ପରୀକ୍ଷାଗାରକୁ ପଠାଯାଇଛି। ୩ଜଣଙ୍କୁ ନୋଟିସ ଜାରି କରାଯାଇଛି। ଚଢ଼ଉ ସମୟରେ ଅପମିଶ୍ରିତ ମିଠା କିମ୍ବା ପନିର ଜବତ ହୋଇନାହିଁ। ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ହୋଟେଲ, ଦୋକାନ ଓ ମିଠା ଦୋକାନଗୁଡ଼ିକରେ ଚଢ଼ଉ କରାଯାଇ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରାଯାଉଛି। ଆଇନ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଜିଲାର ଟିଟିଲାଗଡ଼, ସିନ୍ଧେକେଲା ଓ ବେଲଗାଁ ଆଦି ଅଞ୍ଚଳରେ ରାୟପୁରରୁ ପନିର ଓ ଛେନା ଆଦି ଅଣାଯାଇ ବିକ୍ରି କରାଯାଉଥିବା ସନ୍ଦେହ ହୋଇଛି। ଟିଟିଲାଗଡ଼ ଅଞ୍ଚଳର ବିଭିନ୍ନ ମିଠା ଦୋକାନରେ ମଧ୍ୟ ଚଢ଼ଉ କରାଯାଇଥିବା ବଲାଙ୍ଗିର ଖାଦ୍ୟ ନିରାପତ୍ତା ଅଧିକାରୀ ବିଶ୍ୱଜିତ ସିଙ୍କୁ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ଦେବଗଡ଼,୨୫।୮ (ସମିସ):** ଧାନ ଚାଷୀ ପଞ୍ଜିକରଣ ଅବଧି ବୃଦ୍ଧି ଓ ଠିକ୍ ସମୟରେ ଜମିର ଯାଞ୍ଚ କରିବା ପାଇଁ ଜିଲ୍ଲା କୃଷକ ସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ଆଜି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଦାବି ପତ୍ର ପ୍ରଦାନବେଳେ ସଂଘର ସଭାପତି ପ୍ରମୋଦ ଝଙ୍କର,ଆଇନ ପରାମର୍ଶଦାତା ବିଭୂତି ଗଙ୍ଗଦେବ, ଉପସଭାପତି ବିଜୟ ପ୍ରଧାନ,ସାଧାରଣ ସଂପାଦକ ସୁରେଶ ଚନ୍ଦ୍ର ଦେହୁରୀ, ଅରୁଣ ସାହୁ, ବିନୋଦ ବିହାରୀ ନାୟକ, ସଚ୍ଚିଦାନନ୍ଦ ପଟ୍ଟନାୟକଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

୨୦୨୬-୨୭ରେ ଖରିଫ ଧାନ



ପଞ୍ଜିକରଣ ଅବଧି ଚଳିତ ବର୍ଷ ଅଗଷ୍ଟ ୬ରୁ ଆରମ୍ଭ ହୋଇ ଅଗଷ୍ଟ ୩୧ରେ ଶେଷ କରିବା ପାଇଁ ଧାର୍ଯ୍ୟ କରାଯାଇଛି। ଏହା ସହିତ ଏଗ୍ରିଷ୍ଟାକ ୭ ଦିନ ପର୍ଯ୍ୟନ୍ତ ପଞ୍ଜିକରଣ ପାଇଁ ସମସ୍ୟା ଦେଖାଦେଇଥିଲା। ଏହାଫଳରେ ୧୮ ଦିନ ମଧ୍ୟରେ ପଞ୍ଜିକରଣ କରିବା ସମ୍ଭବ ନୁହଁ। ସେହିପରି ବର୍ତ୍ତମାନ ଚାଷ କାର୍ଯ୍ୟ ଜାରି ରହିବା ସହିତ ବିଭିନ୍ନ ସମୟରେ ଇଣ୍ଟରନେଟ ସମସ୍ୟା ମଧ୍ୟ ଦେଖାଦେଉଛି। ସେଥିପାଇଁ ପଞ୍ଜିକରଣ ଅବଧିକୁ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏଥି ସହିତ ଚାଷୀ ପ୍ରକୃତରେ ଚାଷ କରୁଛି କି ନାହିଁ ତାହା ତଦନ୍ତ ରାଜସ୍ୱ ବିଭାଗ, କୃଷି ବିଭାଗ ଓ ସମବାୟ ବିଭାଗ ମିଳିତ ତଦନ୍ତ କରି ରିପୋର୍ଟ ପ୍ରଦାନ କରନ୍ତି। ଡିସେମ୍ବର ମାସ ଶେଷ ବେଳକୁ କେବଳ ସମବାୟ ବିଭାଗ ସେଟଲାଇଟ୍ ମାଧ୍ୟମରେ ପୁଣି ତଦନ୍ତ କରିଥାନ୍ତି। ଏହା ଦ୍ୱାରା ଚାଷୀ ଜମିରୁ ଧାନ ଫସଲ ଅମଳ କରି ସୋରିଷ, ମୁଗ ଓ ଅନ୍ୟାନ୍ୟ ଫସଲ କରିଥାନ୍ତି। ଏହାଫଳରେ ଅସଲ କିସମ ଧାନ ଅମଳ ହେଉଥିବା ବିଲର ଧାନ ଚାଷୀ ବିକ୍ରି କରି ପାରେନାହିଁ। ଚାଷୀ ଅଭାବ ବିକ୍ରିର ଶିକାର ହୋଇଥାନ୍ତି। ତେଣୁ ସମବାୟ ବିଭାଗର ସେଟଲାଇଟ୍ ସର୍ଭେ ଅକ୍ଟୋବର ଶେଷ ସୁଦ୍ଧା ଶେଷ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି।

# ମୃତକଙ୍କ ପରିବାରକୁ ୫ ଲକ୍ଷ ଦେଲା ରାଜଲକ୍ଷ୍ମୀ କନ୍‌ଷ୍ଟ୍ରକସନ

**ମନମୁଣ୍ଡା,୨୫।୮ (ସମିସ):** କଣ୍ଟାମାଳ ଥାନା ଲମ୍ବସରି ପଞ୍ଚାୟତ ଗୁହିରାପାଲି ଗ୍ରାମର ସୁନାଧର ମଲ୍ଲିକ (୪୬)ଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା ମିଳିଛି। ଗତ ଶୁକ୍ରବାର ପାହାନ୍ତିଆ ସମୟରେ ମନମୁଣ୍ଡା ଗାନ୍ଧୀ ଛକ ଓଭର ବ୍ରିଜ ତଳେ ଏକ ବାଇକ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ଘଟିଥିଲା। ସେତୁ ନିର୍ମାଣ କରୁଥିବା କମ୍ପାନୀ ତରଫରୁ ଏହି ସହାୟତା ରାଶି ପ୍ରଦାନ କରାଯାଇଛି। କମ୍ପାନୀ ପ୍ରଦତ୍ତ ଏହି ଅର୍ଥ ରାଶି କମ୍ପାନୀର ଜଣେ ଅଧିକାରୀ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କ ଉପସ୍ଥିତିରେ ଦେଇଥିଲେ। ସୂଚନାଯୋଗ୍ୟ, ଓଭର ବ୍ରିଜ ତଳେ ରଖା ଯାଇଥିବା ବହୁ ପରିମାଣରେ ମେଟାଲ/ ଚିପ୍ସ ଗଦାରେ ଧକ୍କା ହୋଇ



ସୁନାଧରାଙ୍କ ମୃତ୍ୟୁ ଘଟିଥିଲା। ନିର୍ମାଣ କାମ କରୁଥିବା ରାଜଲକ୍ଷ୍ମୀ କନ୍‌ଷ୍ଟ୍ରକସନ୍ କମ୍ପାନୀର ଖାମଖିଆଲି, ବେପରୁଆ ଓ ଅବ୍ୟବସ୍ଥା କାମ ଯୋଗୁଁ ସୁନାଧରଙ୍କ ମୃତ୍ୟୁ ଘଟିଲା। କମ୍ପାନୀ ସେଥିପାଇଁ ସମ୍ପୂର୍ଣ୍ଣ ଦାୟୀ ବୋଲି ମୃତକଙ୍କ ବଡପୁଅ ବିକାଶ ମଲିକ ମନମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। କାମ ଚାଲିଥିବା ସ୍ଥାନରେ ଫଳକ, ସୁରକ୍ଷା ବାଡ଼, ନାଲି ବାନା କିମ୍ବା ଫିତା ଲଗା ଯାଇ ନ ଥିଲା। ଡାଇଭରସନ ରାସ୍ତା ଖାଲଖମା ହୋଇ ପଡ଼ି ରହିଥିଲା। ଡାଇଭରସନର ସୂଚନା ମଧ୍ୟ ଦିଆ ଯାଇ ନ ଥିଲା।

## ଗଛ ଓ ସୈନିକଙ୍କ ପାଇଁ ରାକ୍ଷୀ



**ମନମୁଣ୍ଡା,୨୫।୮ (ସମିସ):** ବୌଦ୍ଧ ବ୍ଲକ ଦହ୍ୟା ପିଏମ୍ ଶ୍ରୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ପରିବେଶ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ରାକ୍ଷୀଟିଏ ଗଛ ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନ ମାଧ୍ୟମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଏସ୍‌ଏମସି ସଭ୍ୟ, ପୁରାତନ ଛାତ୍ରଛାତ୍ରୀ, ଚେୟାରପର୍ସନ ନିତ୍ୟ ମେଣ୍ଡିଲି, ରକ୍ସା (ଦହ୍ୟା)ସରପଞ୍ଚ ବିଭୁତି ଭୂଷଣ ଡାଙ୍ଗ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜଲକ୍ଷ୍ମୀ ସ୍ୱାଇଁ ଗଛରେ ରାକ୍ଷୀ ବାନ୍ଧି ପରିବେଶ ସୁରକ୍ଷା ଓ ସଂରକ୍ଷଣ ପାଇଁ ଶପଥ ନେଇଛନ୍ତି। ସେହିପରି ଭାଇଚାରା ଓ ଦେଶପ୍ରେମର ବାର୍ତ୍ତା ସକାଶେ ସୈନିକମାନଙ୍କ ପାଇଁ ମଧ୍ୟ ରାକ୍ଷୀ ପଠାଯାଇଛି। ଛାତ୍ରଛାତ୍ରୀଙ୍କ ଦ୍ୱାରା ରାକ୍ଷୀ ପ୍ରସ୍ତୁତ କରାଯାଇଥିଲା। ଛାତ୍ରଛାତ୍ରୀ ରଙ୍ଗ ବେରଙ୍ଗର ରାକ୍ଷୀ ସହିତ ସୈନିକମାନଙ୍କ ନିକଟକୁ ଭାବପୂର୍ଣ୍ଣ ଶୁଭେଚ୍ଛା ବାର୍ତ୍ତା ପଠାଇଛନ୍ତି। ଏଥିରେ ଦେଶପ୍ରେମ, ଏକତା ଓ ସୈନିକମାନଙ୍କ ପ୍ରତି ସମ୍ମାନର ବାର୍ତ୍ତା ଦିଆଯାଇଛି। ଦେଶର ସୁରକ୍ଷା ପାଇଁ ସୈନିକଙ୍କ ତ୍ୟାଗକୁ ସ୍ମରଣ କରି ସେମାନଙ୍କ ସୁରକ୍ଷା ଓ ସୁସ୍ଥତା କାମନା କରରାଯାଇଛି।

## ବ୍ରହ୍ମା କୁମାରୀ ବିଶ୍ୱ ବିଦ୍ୟାଳୟପକ୍ଷରୁ ରକ୍ତଦାନ ଶିବିର

**ଡୁଙ୍ଗୁରିପାଲି,୨୫।୮ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲିରେ ରାଜଯୋଗିନୀ ଦାଦୀ ପ୍ରକାଶମଣିଙ୍କ ପୁଣ୍ୟ ଜନ୍ମ ସ୍ମୃତି ଦିବସ ଅବସରରେ ବ୍ରହ୍ମା କୁମାରୀ ବିଶ୍ୱ ବିଦ୍ୟାଳୟ ଡୁଙ୍ଗୁରିପାଲି ଶାଖା ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବରିଷ୍ଠ ଭେଷଜ ରୋଗ ବିଶେଷଜ୍ଞ ଡା. ସଞ୍ଜୟ ପଧାନ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଡୁଙ୍ଗୁରିପାଲି ଶାଖା ସଂଚାଳିକା ବି.କେ. ମୀରା ଭଉଣୀ ପରିଚାଳନା କରିଥିଲେ। ଏହି ଶିବିରରେ ୨୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବି.କେ. ମୀରା ଭଉଣୀ, ବି.କେ. ଡା. କ୍ଷମାନିଧି ଭାଇ, ବି.କେ. ପ୍ରକାଶ, ବି.କେ. ଅନନ୍ତ, ଶେଷଦେବ ଥନାପତି ପ୍ରମୁଖ ରକ୍ତ ଦାନ କରିଥିଲେ। ସୋନପୁର ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରର କର୍ମଚାରୀ ଜଗତ ଦରୱାନ, ସୁଦାମ ବିଶ୍ୱାଳ ରକ୍ତ ସଂଗ୍ରହ କରିଥିଲେ। ଶେଷରେ ବି.କେ. ଦିଲ୍ଲିପ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ।



## ଅନୁସୂଚିତ ଜାତି ଓ ଜନଜାତି ଛାତ୍ରାବାସ କ୍ରୟ କମିଟି ବୈଠକ

**ଝାରସୁଗୁଡ଼ା,୨୫।୮ (ସମିସ):** ଝାରସୁଗୁଡ଼ା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନ ବିଦ୍ୟାଳୟଗୁଡ଼ିକର ଛାତ୍ରାବାସ ନିମନ୍ତେ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତା କରିଥିଲେ। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଛାତ୍ରାବାସରେ ରହୁଥିବା ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ଆବଶ୍ୟକୀୟ ସୁବିଧା ସୁଯୋଗ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କ୍ରୟ ସମ୍ପର୍କରେ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଛି।



ସରକାରଙ୍କ ସ୍ୱଚ୍ଛତା ନିୟମ ଅନୁଯାୟୀ ସମସ୍ତ ସାମଗ୍ରୀ କେବଳ ସରକାରୀ ଇ-ମାର୍କେଟପ୍ଲେସ୍ ପୋର୍ଟାଲ ମାଧ୍ୟମରେ କ୍ରୟ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କୁ ଉତ୍ତମ ମାନର ସାମଗ୍ରୀ ଯୋଗାଇଦେବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି। ଯୋଗାଣ ହେଉଥିବା ସାମଗ୍ରୀଗୁଡ଼ିକର ଗୁଣବତ୍ତା ପରଖିବା ପାଇଁ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ବିଦ୍ୟାଳୟ ଦାୟିତ୍ୱ ଦିଆଯିବ। ସେମାନେ ସିଧାସଳଖ ସ୍କୁଲ ପରିଦର୍ଶନ କରି ଯାଞ୍ଚ କରିବେ।

# ଆଇଡିଏମ୍‌ରେ ଆଲୋଚନା ଚକ୍ର



**ବଲାଙ୍ଗିର,୨୫।୮ (ସମିସ):** ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଓ ଆଇଡିଏମ୍ ସ୍କୁଲର ସହଯୋଗରେ ପରବେଶ ସଂପର୍କୀତ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶିବ ପ୍ରସାଦ ତ୍ରିପାଠ, ବବିତା ଦୀକ୍ଷିତ ଅତିଥି ଭାବେ ଯୋଗ ଦେଇଥିଲେ। ଡ. ଭବାନୀ ଶଙ୍କର ପଟେଲ ସଭାପତିତ୍ୱ କରିଥିଲେ। ଅର୍ଘ୍ୟ ଅମ୍ଲାନ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରାମଶଙ୍କର ଶତପଥୀ ଜଗନ୍ନାଥ ଜଣାଣ ପରିବେଷଣ କରିଥିଲେ। ସମର୍ପିତା କର, ମାନସୀ ମିଶ୍ର, ସଂଗୀତା ମହାପାତ୍ର, ଶ୍ରଦ୍ଧାଞ୍ଜଳି ବରିହା, ବର୍ଷାରାଣୀ ସାହୁ, ଶ୍ରୀୟା ପରିମିତା ପୋଥର, ଗୋଧିବ ଶର୍ମା, ପ୍ରତୁଷ ବ୍ରହ୍ମା, ରଶ୍ମି ପାତ୍ର, ବଳିଷ୍ଠ ପଧାନ, ନିଳିନୀ ପ୍ରଭା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ରମ୍ପେଲା ଇବ୍ ସେତୁ ଉପରେ ଖାଲି ଫ୍ଲାଏଆଶ୍ ଗାଡ଼ି ଚଳାଚଳ ପାଇଁ ଅନୁମତି

**ଝାରସୁଗୁଡ଼ା,୨୫।୮ (ସମିସ):** ଝାରସୁଗୁଡ଼ା ଜିଲ୍ଲାର ରାମ୍ପେଲା ଇବ୍ ନଦୀ ସେତୁ ଉପରେ ଖାଲି ଫ୍ଲାଏ ଆଶ୍ (ପାଉଁଶ) ପରିବହନ କରୁଥିବା ଯାନବାହନ ଚଳାଚଳକୁ କୋହଳ କରାଯାଇଛି। ପୂର୍ବରୁ ଜାରି କରାଯାଇଥିବା କଟକଣା ଆଦେଶରେ ଆଂଶିକ ସଂଶୋଧନ ଆସିଛି। ଜିଲ୍ଲାପାଳ ତଥା ଆରଟିଏ ଅଧ୍ୟକ୍ଷ ଏହି ନୂତନ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜେଏସଡବ୍ଲୁ ଏନର୍ଜିର ଅନୁରୋଧ କ୍ରମେ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ନୂତନ ନିର୍ଦ୍ଦେଶ ଅନୁଯାୟୀ ରମ୍ପେଲା ଇବ୍ ସେତୁ ଦେଇ କେବଳ ଖାଲି ଫ୍ଲାଏ ଆଶ୍ ଗାଡ଼ିଗୁଡ଼ିକ ପ୍ରତିଦିନ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚଳାଚଳ କରିପାରିବ। ତେବେ ଏହି ଯାନଗୁଡ଼ିକୁ ସମସ୍ତ ପ୍ରକାର ଟ୍ରାଫିକ୍ ନିୟମ ଏବଂ ସଡ଼କ ସୁରକ୍ଷା ମାର୍ଗଦର୍ଶିକା କଡ଼ାକଡ଼ି ଭାବେ ପାଳନ କରିବାକୁ ବାଧ୍ୟତାମୂଳକ କରାଯାଇଛି। ଏହି ସଂଶୋଧିତ ନିୟମଟି ଅଗଷ୍ଟ ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏଥିସହ ପୂର୍ବ ଆଦେଶରେ ଥିବା ଅନ୍ୟ ସମସ୍ତ ସର୍ତ୍ତାବଳୀ ଓ କଟକଣା ଅପରିବର୍ତ୍ତିତ ରହିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ଆଦେଶର ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ବନ୍ଧାହେଲେ ୪ ବ୍ରାଉନସୁଗାର ବେପାରି




**ହରଭଙ୍ଗା,୨୫।୮ (ସମିସ):** ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ପୁଲିସ ବ୍ରାଉନସୁଗାର କାରବାରରେ ୪ ଜଣକୁ ଗିରଫ କରିଛି। ଏମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଫୁଲବାଣୀ ଟାଉନ ଥାନା ଅଞ୍ଚଳର ଶିବାଜୀ ମହାନ୍ତି, ପୁରୁଣାକଟକ ଅଞ୍ଚଳର ଦେବାଶିଷ ନାଏକ ଓରଫ ବାବୁଲୁ, ବାବୁଲୁ ବେହେରା ଓରଫ ବାବୁ ଓ ଜିଆଁକଟା ଗ୍ରାମର ପ୍ରକାଶ ପାତ୍ର। ଫୁଲବାଣୀରୁ ପୁରୁଣାକଟକକୁ ରାଣୀପଥର ଘାଟିର ଘଞ୍ଚ ଜଙ୍ଗଲିଆ ରାସ୍ତା ଦେଇ ବ୍ରାଉନସୁଗାର ଚାଲାଣ ହେଉଥିବା ନେଇ ଗତ ଦୁଇ ମାସ ହେଲା ଗୁପ୍ତ ସୂଚନା ମିଳୁଥିଲା। ଏହାକୁ ଆଧାର କରି ଆଜି ସକାଳେ ୧୫୭ ନମ୍ବର ଜାତୀୟ ରାଜପଥର କହଁରସାହି ଛକ ନିକଟରେ ଚଢ଼ଉ କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତକୁ ଛାଡ଼ି ପ୍ରଥମେ ଅନ୍ୟ ୩ ଜଣ ଅଭିଯୁକ୍ତଙ୍କୁ ଅଟକ କରାଯାଇଥିଲା। ୩ ଜଣଙ୍କୁ ଜେରା ସମୟରେ ସମାନେ ମୁଖ୍ୟ ଅଭିଯୁକ୍ତର ନାମ କହିଥିଲେ। ଏହାପରେ ପୁଲିସ ଶିବିଜୀକୁ ଗିରଫ କରିଥିଲା। ତେବେ ଏମାନଙ୍କ ନିକଟରୁ ୧୦.୨୫୦ ଗ୍ରାମ୍ ବ୍ରାଉନସୁଗାର ସହ ୧ ହଜାର ଟଙ୍କା, ଏକ ମୋବାଇଲ ଫୋନ ସହ ବାଇକ ଜବତ ହୋଇଛି। ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ପୁରୁଣାକଟକ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ କନକ ମାଝୀ ଏହି ସୁଚନା ଦେଇଛନ୍ତି। ଏଥିରେ ପୁରୁଣାକଟକ ଥାନା ଅଧିକାରୀ ରଞ୍ଜିତ ମୁନି ଉପସ୍ଥିତ ଥିଲେ।

● **ଅଡିଓ ଭାଇରାଲ୍ ପରେ କାର୍ଯ୍ୟାକାନୁଷ୍ଠାନ**

## ୬ ପୁଲିସ ଅଧିକାରୀଙ୍କ ଅଦଳବଦଳ, ୨ନିଲମ୍ବିତ

**ବୌଦ୍ଧ/ମନମୁଣ୍ଡା,୨୫।୮ (ସମିସ):** ଗଞ୍ଜେଇ କାରବାରକୁ ନେଇ ପୁଲିସ ଓ ଗଞ୍ଜେଇ ମାଫିଆଙ୍କ ମଧ୍ୟରେ ହୋଇଥିବା ଫୋନ୍ ବାର୍ତ୍ତାଳାପର ଅଡିଓ ରେକର୍ଡ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ବୌଦ୍ଧ ପୁଲିସ ପ୍ରଶାସନରେ ହଲଚଲ ସୃଷ୍ଟି ହୋଇଛି। ଘଟଣାକୁ ନେଇ ଡିଜିପିଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ ହୋଇଛି। ଏବେ ପୁଲିସ ପ୍ରଶାସନ ପକ୍ଷରୁ ଏକାଧିକ ଅଧିକାରୀଙ୍କ ଅଦଳବଦଳ କରାଯାଇଛି। ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ନଳିନୀକାନ୍ତ ଦାସଙ୍କୁ ଜିଲ୍ଲା ପୁଲିସ ହେଡକ୍ୱାର୍ଟରକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ପୁରୁଣାକଟକ ଥାନା ଅଧିକାରୀ ରଞ୍ଜିତ ମୁନିଙ୍କୁ ବୌଦ୍ଧ ଆଦର୍ଶ ଥାନାର ନୂତନ ଥାନା ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ହେଡକ୍ୱାର୍ଟରରେ ଥିବା ଇନ୍ସପେକ୍ଟର ବବିତା ସାହୁଙ୍କୁ ପୁରୁଣାକଟକ ଥାନା ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ଏଥିସହିତ ଜିଲ୍ଲାର ୩ ଜଣ ଏଏସଆଇଙ୍କର ମଧ୍ୟ ଅଦଳବଦଳ ହୋଇଛି। ବଘିଆପଡ଼ା ଫାଣ୍ଡିର ଏଏସଆଇ ପ୍ରାଣବନ୍ଧୁ ସାହୁଙ୍କୁ ରିଜର୍ଭରେ, ଜହ୍ନାପଙ୍କ ଫାଣ୍ଡିର ଏଏସଆଇ ବ୍ରହ୍ମାନନ୍ଦ ପ୍ରଧାନଙ୍କୁ ବଘିଆପଡା ଫାଣ୍ଡିକୁ,



VHF MESSAGE

TO : IIC, MODEL PS, BOUDH/IIC,PURUNAKATAK PS/RI, RO, BOUDH

INFO : ADDL. SP BOUDH/DSP HDQRS./DSP DIB/SDPO BOUDH

FROM : SP BOUDH

| Sl. No | Name & Rank | From | To |
|---|---|---|---|
| 1 | Inspr. Nalinikanta Das | IIC, Model PS Boudh | Hdqrs. Boudh |
| 2 | Inspr. Ranjit Muni | IIC, Purunakatak PS | IIC, Model PS Boudh |
| 3 | Inspr. Babita Sahoo | Hdqrs. Boudh | IIC, Purunakatak PS |
| 4 | ASI Pranabandhu Sahu | Baghiapada OP | RO, Boudh |
| 5 | ASI Brahmananda Pradhan | Janhapank OP | Baghiapada OP |
| 6 | ASI Pitabas Behera | RO, Boudh | Janhapank OP |

TO BE RELIEVED IMMEDIATELY (.)

MOST IMMDT.

S.P., BOUDH

ଏଏସଆଇ ପୀତବାସ ବେହେରାଙ୍କୁ ଜହ୍ନାପଙ୍କ ଫାଣ୍ଡିକୁ ବଦଳି କରାଯାଇଛି। ବୌଦ୍ଧ ଆରକ୍ଷୀ ଅଧୀକ୍ଷକ କୁଳଦୀପ ମିନାଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଅଧିକାରୀଙ୍କୁ ତୁରନ୍ତ ନୂତନ ସ୍ଥାନରେ ଦାୟିତ୍ୱ ଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷେ କାର୍ଯ୍ୟରେ ଅବହେଳା ପାଇଁ ୨ ପୁଲିସ କର୍ମଚାରୀ ବୌଦ୍ଧ ଥାନାର ସବ୍‌ଇନ୍ସପେକ୍ଟର ଚନ୍ଦନ ଜେନା ଓ ମନମୁଣ୍ଡା ଥାନା କନେଷ୍ଟବଳ ଯଶୋବନ୍ତ ମାଝୀଙ୍କୁ ବୌଦ୍ଧ ଏସ୍‌ପି କୁଳଦୀପ ମୀନା ନିଲମ୍ବିତ କରିଛନ୍ତି।

# ୨ ବର୍ଷ ପରେ ଘରକୁ ଫେରିଲା ଯୁବତୀ

**ବୌଦ୍ଧ,୨୫।୮ (ସମିସ)**

ଦୀର୍ଘ ଦୁଇ ବର୍ଷ ଧରି ନିଖୋଜ ଥିବା ବୌଦ୍ଧ ସହରର ବାପୁଜୀ ନଗରର ଜଣେ ୧୮ ବର୍ଷର ଯୁବତୀ ଶେଷରେ ଫେରିଛନ୍ତି। ତାଙ୍କୁ ଖୋଜି ପାଇବା ପରେ ପରିବାରରେ ଖୁସିର ଲହର ଖେଳିଯାଇଛି। ୨ ବର୍ଷ ତଳେ ଯୁବତୀଜଣକ ହଠାତ୍ ନିଖୋଜ ହୋଇଯାଇଥିଲେ। ପରିବାରବର୍ଗ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇପାରି ନ ଥିଲେ। ଗତ ୧୭ ଅଗଷ୍ଟରେ ରାଜସ୍ଥାନର



ସୱାଇ ମାଧୋପୁର ଜେନେରାଲ ରେଳ ଷ୍ଟେସନରେ ଯୁବତୀ ଜଣକୁ ଏକୁଟିଆ ବସିଥିବା ସେଠାକାର ରେଳବାଇ ପୁଲିସ ଦେଖିଥିଲା। ଏହାପରେ ତାଙ୍କୁ ଉଦ୍ଧାର କରି ରାଜସ୍ଥାନର ୱାନ୍ ଷ୍ଟପ୍ ସେଣ୍ଟରକୁ ହସ୍ତାନ୍ତର କରାଯାଇଥିଲା। ସେଠାରେ କାଉନସେଲିଂ ପରେ ଯୁବତୀଜଣକ ନିଜ ଠିକଣା ଦେଇଥିଲେ। ଏହାପରେ ରାଜସ୍ଥାନ ୱାନ୍ ଷ୍ଟପ୍ ସେଣ୍ଟର ପକ୍ଷରୁ ବୌଦ୍ଧର ସଖୀ ୱାନ୍ ଷ୍ଟପ୍ ସେଣ୍ଟର ସହ ଯୋଗାଯୋଗ କରାଯାଇଥିଲା। ବୌଦ୍ଧ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସଖୀ ୱାନ୍ ଷ୍ଟପ୍ ସେଣ୍ଟରର ସଞ୍ଚାଳିକା ସୋନୁଜା ପ୍ରଧାନ ଯୁବତୀଙ୍କ ପରିବାରବର୍ଗଙ୍କ ସହ ସମ୍ପର୍କ କରିଥିଲେ। ପରେ ବୌଦ୍ଧ ଆଦର୍ଶ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ସହଯୋଗରେ ଯୁବତୀଙ୍କୁ ବୌଦ୍ଧସ୍ଥିତ ସଖୀ ୱାନ୍ ଷ୍ଟପ୍ ସେଣ୍ଟରକୁ ଅଣାଯାଇଛି। ବର୍ତ୍ତମାନ ସେ ସେଠାରେ ଅଛନ୍ତି। ଦୀର୍ଘ ଦୁଇ ବର୍ଷ ପରେ ହଜିଯାଇଥିବା ଝିଅକୁ ଫେରି ପାଇ ପରିବାରବର୍ଗ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି। ଯୁବତୀଜଣକ କେଉଁ ପରିସ୍ଥିତିରେ ଏତେ ଦିନ ଧରି ପରିବାରଠାରୁ ଦୂରରେ ରହିଥିଲେ ତାହାର କାରଣ ଜାଣିବା ସହ ଘଟଣାର ସମ୍ପୂର୍ଣ୍ଣ ପୃଷ୍ଠଭୂମି ଖୋଜିବା ପାଇଁ ସଖୀ ୱାନ୍ ଷ୍ଟପ୍ ସେଣ୍ଟର ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି।

ସକାଳ
THE SAKALA



# ସମ୍ପାଦକୀୟ



ମହାକାଶ ଯାତ୍ରାର ସଫଳତା ତୁଳନାରେ ଲକ୍ଷ୍ୟ ହାସଲ ଅଧିକ ଗୁରୁତ୍ୱପୂର୍ଣ୍ଣ।
-କଳ୍ପନା ଚାୱଲା

## ଏଆଇର ନୂତନ ପଞ୍ଝା

ଉପଭୋକ୍ତାଙ୍କ ପାଇଁ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ପ୍ରଥମ ଉଦ୍ୟୋକ୍ତା 'ଓପନ୍ ଏଆଇ' ୧୩ ବର୍ଷରୁ କମ୍ ବୟସର ବ୍ୟବହାରକାରୀଙ୍କ ପାଇଁ 'ଚାଟ୍‌ଜିପିଟି'ର ନୂତନ ସଂସ୍କରଣ ବଜାରକୁ ଛାଡ଼ିଛି। ପ୍ରତି ୧୦ ଜଣ 'ଚାଟ୍‌ଜିପିଟି' ବ୍ୟବହାରକାରୀଙ୍କ ମଧ୍ୟରୁ ୯ ଜଣ ଅପ୍ରାପ୍ତବୟସ୍କ ହୋଇଥିବାରୁ ସେମାନଙ୍କ ପାଇଁ ନୂତନ ସଂସ୍କରଣ ସୁବିଧାଜନକ ହେବ ବୋଲି 'ଓପନ୍ ଏଆଇ' କହିଛି। କିନ୍ତୁ 'ଚାଟ୍‌ଜିପିଟି' ବୟସ ନିର୍ଦ୍ଧାରଣ ପ୍ରକ୍ରିୟାରେ କେତେ ସଫଳ ହେବ ତାହାକୁ ନେଇ ବିଶେଷଜ୍ଞମାନଙ୍କ ଗୋଟିଏ ମହଲ ପ୍ରଶ୍ନ ଉଠାଇଥିବା ବେଳେ ଆଉ ଏକ ମହଲ ନୂତନ ସଂସ୍କରଣକୁ ଆଦୌ ଗ୍ରହଣ କରିପାରିନାହାନ୍ତି। ନୂତନ ସଂସ୍କରଣକୁ ବିରୋଧ କରୁଥିବା ବିଶେଷଜ୍ଞଙ୍କ ମତରେ ସମ୍ପ୍ରତି ଏଆଇର ପ୍ରତିକୂଳ ପ୍ରଭାବରୁ ଶିଶୁମାନଙ୍କୁ ସୁରକ୍ଷା ଦେବାକୁ ସଚେତନତା ଆରମ୍ଭ ହୋଇଥିବା ପରିପ୍ରେକ୍ଷୀରେ 'ଓପନ୍ ଏଆଇ'ର ଏହି ନୂଆ ବ୍ୟବସାୟିକ ଅଭିସନ୍ଧି ତାହାକୁ ଗୁରୁତର ପ୍ରଭାବିତ କରିବ।

ଏକଦା ଅନ୍‌ଲାଇନ୍ ବା ଇଣ୍ଟରନେଟ୍ ଭିତ୍ତିକ ଜ୍ଞାନଆହରଣ ଓ ଶିକ୍ଷାଦାନରେ ଅଗ୍ରଣୀ ବିକଶିତ ଦେଶମାନେ ଏବେ ନିଜନିଜର ତ୍ରୁଟି ସୁଧାରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଶିଶୁ ମନସ୍ତତ୍ତ୍ୱ, ଶୈଶବସ୍ତରୀୟ ବୌଦ୍ଧିକ ବିକାଶରେ ଇଣ୍ଟରନେଟ୍(ଏଆଇ)ର ପ୍ରତିକୂଳ ପ୍ରଭାବ ଅନୁଭୂତ ହେବା ପରେ ଉକ୍ତଦେଶମାନଙ୍କରେ ପୁଣି ଥରେ ପାରମ୍ପରିକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରାଯାଉଛି। ଅଷ୍ଟ୍ରେଲିଆ, ୟୁକେ ଆଦି ଦେଶରେ କିଶୋରମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଆମ ଦେଶର ଅଗ୍ରଣୀ ରାଜ୍ୟ ଭାବେ କର୍ଣ୍ଣାଟକ ସାହସିକ ପଦକ୍ଷେପ ନେଇ ୧୬ ବର୍ଷରୁ କମ ବୟସର ଛାତ୍ରଛାତ୍ରୀଙ୍କ ପାଇଁ କେବଳ ୧ ଘଣ୍ଟା ମୋବାଇଲ୍ ସ୍କ୍ରିନ୍ ବ୍ୟବହାର କରିବାକୁ ଅନୁମତି ଦେଇଛି। ସନ୍ଧ୍ୟା ୭ଟା ପରେ ଯେପରି ମୋବାଇଲ୍‌ରେ ସାମାଜିକ ଗଣମାଧ୍ୟମର ସ୍କ୍ରିନ୍ ଆପେ ବନ୍ଦ ହୋଇଯିବ ସେଥିପାଇଁ ଆଇଟି ବିଭାଗକୁ କର୍ଣ୍ଣାଟକ ସରକାର ବିହିତ ନିର୍ଦ୍ଦେଶ ଦେଇଛନ୍ତି। ଏହି ପୃଷ୍ଠଭୂମିରେ 'ଓପନ୍ ଏଆଇ'ର ନୂତନ ଶିଶୁକେନ୍ଦ୍ରିକ ସଂସ୍କରଣକୁ ନେଇ ଆପତ୍ତି ଉଠିବା ସ୍ୱାଭାବିକ।

ଏହା ଅସ୍ୱୀକାର କରିବାର ନାହିଁ ଯେ ଇଣ୍ଟରନେଟ୍ ଅଧୁନା ଆମ ଜୀବନରେ ଅପରିହାର୍ଯ୍ୟ ହୋଇପଡ଼ିଛି। କିନ୍ତୁ ଏହାର ବ୍ୟବହାରରେ ଯଥାସମ୍ଭବ ସଂଯମ ଅବଲମ୍ବନ କରିବା ଆବଶ୍ୟକ। ବିଶେଷକରି ଶିଶୁମାନଙ୍କୁ ଏଥିରୁ ଦୂରେଇ ନ ରଖିଲେ ଭବିଷ୍ୟତରେ ସେମାନଙ୍କ ସୃଜନଶୀଳତା ହ୍ରାସ ପାଇବ ବୋଲି ବିଶେଷଜ୍ଞମାନଙ୍କ ମତକୁ ହାଲ୍‌କା ଭାବେ ନେବା ଉଚିତ ହେବ ନାହିଁ। ଏ ଦିଗରେ ଅଭିଭାବକ, ବିଦ୍ୟାଳୟ ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ସର୍ବୋପରି ଜନମଙ୍ଗଳ ସରକାରଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ଅଧିକ ରହିଛି। ପିଲାମାନଙ୍କୁ ମଧ୍ୟ ଏ ଦିଗରେ ସଚେତନ କରିବା ପାଇଁ କର୍ଣ୍ଣାଟକ ସରକାରଙ୍କ ପଦକ୍ଷେପ ଅନୁସରଣୀୟ। ●

## ଖାଦ୍ୟରେ ବିଷ

ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଭେଜାଲ୍ ପନିର ଜବତ ହୋଇଛି ଏବଂ ଏହି ଚଢ଼ଉ ଜାରି ରହିଛି। ଆଉ ଦୁଇପାଦ ଆଗକୁ ଯାଇ କର୍ଣ୍ଣାଟକ ସରକାର ଅନ୍‌ଲାଇନ୍ ଫୁଡ୍ ଡେଲିଭରି ବା ଇଣ୍ଟରନେଟ୍ ଜରିଆରେ ନିର୍ଦ୍ଦେଶ ଆଧାରରେ ଉପଭୋକ୍ତାଙ୍କ ପାଖରେ ଖାଦ୍ୟ ପହଞ୍ଚାଉଥିବା ଆମାଜନ୍, ସ୍ୱିଗି, ବିଗ୍‌ବାସ୍କେଟ୍ ପରି ସଂସ୍ଥାମାନଙ୍କ ସେବାରେ କଟକଣା ଜାରି କରିଛନ୍ତି। କିଛିଦିନ ପୂର୍ବରୁ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ(ଏଫ୍‌ଏସ୍‌ଏସ୍‌ଏଆଇ) ଖାଦ୍ୟସାମଗ୍ରୀ ସମ୍ପର୍କିତ ବିଜ୍ଞାପନ ପ୍ରଚାର ପ୍ରସାର କରୁଥିବା ପ୍ରାୟ ଦେଢ଼ଶହ ସଂସ୍ଥାଙ୍କୁ ଅନୁରୂପ କଟକଣା ଜାରି କରିଥିଲେ। କର୍ଣ୍ଣାଟକ ଖାଦ୍ୟ ସୁରକ୍ଷା ବିଭାଗର ସୂଚନା ଅନୁଯାୟୀ ଉପରୋକ୍ତ ସଂସ୍ଥାମାନଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା କେତେକ ଖାଦ୍ୟ ସାମଗ୍ରୀରେ ବିଷାକ୍ତ ଉପାଦାନ ଠାବ ହୋଇଛି, ଯାହା ମାନବ ଶରୀର ପ୍ରତି ଗୁରୁତର ହାନିକାରକ। ଏହା ଜଣାପଡ଼ିବା ପରେ ସେହିସବୁ ସଂସ୍ଥାମାନଙ୍କର ଖାଦ୍ୟ ବିତରଣ ଅନୁମତି ବାତିଲ୍ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଅପରପକ୍ଷରେ ଖାଦ୍ୟ ଉତ୍ପାଦନ ଓ ବିତରଣରେ ଅନ୍‌ଲାଇନ୍ ସଂସ୍ଥାମାନଙ୍କ ଭାରତରେ ଆବିର୍ଭାବ ଘଟିବା ବହୁପୂର୍ବରୁ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ ହୋଇସାରିଥିବାରୁ ତାହାର ସାମ୍ପ୍ରତିକ ବୈଧତା ନେଇ ପ୍ରଶ୍ନ ଉଠିଛି। ଏହି ଆଳରେ ଅନ୍‌ଲାଇନ୍ ସଂସ୍ଥାମାନେ ନିଜକୁ ସୁରକ୍ଷିତ ରଖିବାର ଗଳାବାଟ ଖୋଜୁଛନ୍ତି, ଯାହା ଖାଦ୍ୟ ସୁରକ୍ଷା ଅଧିକାର କ୍ଷେତ୍ରରେ ନୂଆ ଆହ୍ୱାନ ସୃଷ୍ଟି କରିଛି।

ଖାଦ୍ୟ ସୁରକ୍ଷା ଓ ମାନଙ୍କ ଆଇନ - ୨୦୦୬ ଅନୁଯାୟୀ ଯେକୌଣସି ଖାଦ୍ୟ ଉତ୍ପାଦନ, ବିତରଣ, ବିକ୍ରି ଉପରେ ସତର୍କ ନଜର ରଖାଯାଇପାରିବ ଏବଂ କୌଣସି ସାମଗ୍ରୀ ଜନସ୍ୱାସ୍ଥ୍ୟ ପାଇଁ ଆପତ୍ତିଜନକ ବୋଲି ଜଣାପଡ଼ିଲେ ତାହାର ଉତ୍ପାଦନ, ବିକ୍ରି ଓ ବିତରଣକୁ ନିଷେଧ କରାଯିବ। ଅନ୍‌ଲାଇନ୍ ସଂସ୍ଥାମାନେ ଖାଦ୍ୟ ବିକ୍ରି ସେବା ପ୍ରଦାନ କରୁଥିବାରୁ ସେମାନେ ମଧ୍ୟ ଉପରୋକ୍ତ ଆଇନ ଅଧୀନରେ ଆସୁଛନ୍ତି ଏବଂ ଖାଦ୍ୟ ସୁରକ୍ଷା ପ୍ରମାଣପତ୍ର ହାସଲ କରିବା ବାଧ୍ୟତାମୂଳକ। ତେଣୁ ଅନ୍‌ଲାଇନ୍ ଫୁଡ୍ ଡେଲିଭରି ସଂସ୍ଥାମାନଙ୍କୁ ଲାଇସେନ୍ସ ଦେବା ପାଇଁ କ୍ଷମତାପ୍ରାପ୍ତ ସେଣ୍ଟ୍ରାଲ୍ ଲାଇସେନ୍ସ ଅଥରିଟିଙ୍କ ପାଖକୁ କର୍ଣ୍ଣାଟକ ସରକରା ପତ୍ର ଲେଖି ଉପରୋକ୍ତ ଅନ୍‌ଲାଇନ୍ ସଂସ୍ଥାମାନଙ୍କର ଲାଇସେନ୍ସ ଅନ୍ୟାଦେଶ ପର୍ଯ୍ୟନ୍ତ ବାତିଲ୍ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଅନ୍‌ଲାଇନ୍ ସଂସ୍ଥାଙ୍କୁ ଯୋଗାଣ କରୁଥିବା ସମ୍ପୃକ୍ତ ବ୍ୟବସାୟୀମାନଙ୍କ ଲାଇସେନ୍ସ ବାତିଲ୍ କରିବା ଲାଗି ମଧ୍ୟ ନିର୍ଦ୍ଦେଶ ଜାରି କରାଯାଇଛି।

ଆଜିର ଖାଦ୍ୟ ବଜାରର ବିଡ଼ମ୍ବନା ହେଉଛି ଏଭଳି କୌଣସି ସାମଗ୍ରୀ ନାହିଁ ଯାହା ଶତପ୍ରତିଶତ ଖାଣ୍ଟି ବୋଲି ନିଶ୍ଚିତ କରିହେବ। ଖାଦ୍ୟରେ ବିଷମିଶାଇବା ମାନସିକତା ଏକ ପ୍ରତିଯୋଗିତାରେ ପରିଣତ ହୋଇଛି। ବ୍ୟବସାୟୀମାନଙ୍କର ଲାଭଖୋର ମନୋବୃତ୍ତି ସେମାନଙ୍କ ମାନବିକତାକୁ ନଷ୍ଟ କରିସାରିଲାଣି। କିନ୍ତୁ ସେମାନେ ବୁଝିପାରୁନାହାନ୍ତି ଯେ ସେମାନେ ପ୍ରସ୍ତୁତ କରୁଥିବା ବିଷମିଶ୍ରିତ ଖାଦ୍ୟ ସେମାନଙ୍କ ସମ୍ପର୍କୀୟ ଓ ବଂଶଧରମାନେ ମଧ୍ୟ ବ୍ୟବହାର କରୁଛନ୍ତି। ଏହି ପ୍ରତିଯୋଗିତାକୁ ନିରୁତ୍ସାହିତ କରିବାକୁ ହେଲେ ଭେଜାଲ୍‌କାରୀଙ୍କ ବିରୋଧରେ କଠୋର ଦଣ୍ଡ ପ୍ରଣୟନ ହେବା ଉଚିତ। ●

# ଆମେ କେଉଁପିଢ଼ି ଗଢୁଛୁ?

**ଜ୍ୟୋତିପୁଷ୍ପା ଦାସ**

କୌଣସି ସମାଜର ପତନ ହଠାତ୍ ଘଟେନାହିଁ। ଯେତେବେଳେ ସାମାଜିକ ଏବଂ ବ୍ୟକ୍ତିଗତ ସ୍ତରରେ ମୂଲ୍ୟବୋଧର ସ୍ଥାନ ବସ୍ତୁବାଦ ନେଇଯାଏ, ଯେତେବେଳେ ଶିକ୍ଷାର ଲକ୍ଷ୍ୟ ମଣିଷ ଗଢ଼ିବାରୁ ଦୂରେଇ କେବଳ ସଫଳତା ଅର୍ଜନରେ ସୀମିତ ହୋଇଯାଏ, ଏବଂ ଯେତେବେଳେ ଜୀବନଠାରୁ ଅଧିକ ମୂଲ୍ୟବାନ ହୋଇଉଠେ ଅହଙ୍କାର ଓ ମୁହୂର୍ତ୍ତକର ଲୋକପ୍ରିୟତା, ସେତେବେଳେ ଅଜାଣତରେ ସାମାଜିକ ଜୀବନ ନିଜର ପତନ ଦେଖେ। ଗତ କିଛିଦିନ ମଧ୍ୟରେ ଦେଶର ତିନୋଟି ଭିନ୍ନପ୍ରାନ୍ତରୁ ଆସିଥିବା ତିନୋଟି ଘଟଣା ଆମକୁ ଏହି ଅସହଜ ସତ୍ୟ ସାମ୍ନାରେ ଛିଡ଼ା କରିଦେଇଛି।

ମହାରାଷ୍ଟ୍ରରେ ଜଣେ ଅଠର-ଉଣେଇଶ ବର୍ଷର ଯୁବକ ନିଜ ଆଇଫୋନର ଇଏମଆଇକୁ କେନ୍ଦ୍ର କରି ପିତାମାତାଙ୍କ ସହ ଝଗଡ଼ା କରି ଘର ଛାଡ଼ି ପାହାଡ଼ ଉପରକୁ ଚାଲିଗଲେ। ରାଗରେ ସେ ନିଜ ଜୀବନ ଶେଷ କରିବାକୁ ଉଦ୍ୟମ କଲେ। ତାଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ସହିତ ପିତା ମଧ୍ୟ ଖସିପଡ଼ିଲେ, ପୁଣି ସ୍ୱାମୀଙ୍କୁ ବଞ୍ଚାଇବାକୁ ଯାଇ ପତ୍ନୀ ମଧ୍ୟ ପ୍ରାଣ ହରାଇଲେ। ଏକ ମୋବାଇଲ୍ ଫୋନର କିସ୍ତି ଶୋଧକୁ କେନ୍ଦ୍ର କରି ଗୋଟିଏ ପରିବାରର ସମଗ୍ର ଅସ୍ତିତ୍ୱ ମୁହୂର୍ତ୍ତକ ମଧ୍ୟରେ ଲୋପ ପାଇଗଲା। ଶହଶହ ଲୋକ ସେଠାରେ ଏହାକୁ ଦେଖୁଥିଲେ ମଧ୍ୟ କେହି କିଛି କରିପାରିଲେ ନାହିଁ। ଏ ସମଗ୍ର ହୃଦୟ ବିଦାରକ ଘଟଣାଟି ମୋବାଇଲ୍‌ଫୋନ୍‌ରେ ରେକର୍ଡ ହୋଇ ସବୁଠି ଆବର୍ତ୍ତିତ ହେଉଛି। ପ୍ରଶ୍ନ ହେଉଛି - ଏହା କେବଳ ଗୋଟିଏ ଦୁର୍ଘଟଣା ନା ଆମର ମୂଲ୍ୟବୋଧର ଦେବାଳିଆପଣର ନିର୍ମମ ପ୍ରମାଣ?

ଦ୍ୱିତୀୟ ଘଟଣାଟି ହାଇଦ୍ରାବାଦର। ଏକ ସମୃଦ୍ଧ ବିଦ୍ୟାଳୟର ଅଧକ୍ଷା ହଷ୍ଟେଲରେ ରହୁଥିବା ଚଉଦ ବର୍ଷର ଛାତ୍ରମାନଙ୍କ ପାଖରୁ ବେଆଇନ ଭାବେ ରଖାଯାଇଥିବା ମୋବାଇଲ୍ ଓ ଆପତ୍ତିଜନକ ସାମଗ୍ରୀ ଜବତ କରି ସେମାନଙ୍କୁ ହଷ୍ଟେଲରୁ ବହିଷ୍କାର କରିଥିଲେ। ଏହାର ପ୍ରତିକ୍ରିୟାରେ ସେହି ଛାତ୍ରମାନେ ତାଙ୍କ ଘରକୁ ପଶି ଛୁରିରେ ସତେଇଶ ଥର ଆଘାତ କରି ହତ୍ୟା କଲେ ଏବଂ ଘରେ ଥିବା ଅଢ଼େଇଲକ୍ଷ ଟଙ୍କା ନେଇ ଚାଲିଗଲେ। ଅପରାଧ ପରେ ସେମାନଙ୍କ ମନରେ ଅନୁତାପର ଛାୟା ମଧ୍ୟ ନଥିଲା; ବରଂ ସେହି ଟଙ୍କାରେ ସାଙ୍ଗମାନଙ୍କୁ ପାର୍ଟି ଦେଉଥିଲେ। ଯେଉଁ ବୟସରେ ବିବେକ ଜାଗ୍ରତ ହେବା କଥା, ସେଠାରେ ବିବେକର ମୃତ୍ୟୁ ହେଲା ଏବଂ ନୃଶଂସତାର ଚରମ ସୀମାରେ ସେମାନେ ପହଞ୍ଚି ସାରିଥିଲେ। ତୃତୀୟ ଘଟଣା ଆମ ବାଲେଶ୍ୱରର। ବନ୍ୟା ଓ ବର୍ଷାର ବିପଦପୂର୍ଣ୍ଣ ପରିସ୍ଥିତି, ସରକାରୀ ସତର୍କ ସୂଚନା ଏବଂ ସବୁପ୍ରକାର କଟକଣା ସତ୍ତ୍ୱେ କିଛି ଛାତ୍ର ନୀଳଗିରିର ବ୍ଲୁ ଲେକକୁ ଭ୍ଲଗିଂ କରିବାକୁ ଯାଇଥିଲେ। ସେମାନେ ପାଣିରେ ପଶିଲେ, ଆଉ ଭାଇରାଲ୍ ଭିଡିଓର ସ୍ୱପ୍ନ ଦୁଇଟି ଜୀବନକୁ ଚିରଦିନ ପାଇଁ ଗିଳିନେଲା। ସେହି ଦୁଇପିଲାଙ୍କ ପରିବାର ସଦସ୍ୟଙ୍କ ଦୁଃଖ ପ୍ରତ୍ୟକ୍ଷଦର୍ଶୀ ଦେଖି ସହି ପାରିବେ ନାହିଁ।

ଏହି ତିନୋଟି ଘଟଣା ପରସ୍ପରଠାରୁ ଭିନ୍ନ ହେଲେ ମଧ୍ୟ ସେମାନଙ୍କ ମୂଳ ଏକ। ଆଜିର ପିଢ଼ି ମନେହୁଏ ଜୀବନକୁ ବଞ୍ଚିବା ପାଇଁ ନୁହେଁ, ଦେଖାଇବା ପାଇଁ ବଞ୍ଚୁଛି। ଏହା କେବଳ କିଛି ଯୁବକଙ୍କ ଭୁଲ୍ ନୁହେଁ; ଏହା ଆମ ସମାଜର ନିରବ ବିଫଳତା। ଆମେ ସନ୍ତାନମାନଙ୍କୁ ସବୁକିଛି ଦେଉଛୁ। ଦାମୀ ମୋବାଇଲ୍, ଅତ୍ୟାଧୁନିକ ବିଦ୍ୟାଳୟ, ଆରାମଦାୟକ ଜୀବନ, ପ୍ରତିଯୋଗିତାରେ ଆଗକୁ ବଢ଼ିବାର ସମସ୍ତ ସୁଯୋଗ। କିନ୍ତୁ ଆମେ ସେମାନଙ୍କୁ କ'ଣ ଶିଖାଉଛୁ? 'ପାଇବା'ର କଳା, ନା 'ହରାଇବା'ର ସାହସ? ସଫଳତାର ସଜ୍ଞା, ନା ଜୀବନର ମୂଲ୍ୟ? ଆମ ଶିକ୍ଷା ବ୍ୟବସ୍ଥା ବୁଦ୍ଧି ବିକାଶ କରୁଛି, କିନ୍ତୁ ବିବେକ ନୁହେଁ। ଆମ ଘରଗୁଡ଼ିକ ସୁବିଧାରେ ପରିପୂର୍ଣ୍ଣ, କିନ୍ତୁ ସଂଳାପରେ ଶୂନ୍ୟ। ପିଲାମାନଙ୍କ ହାତରେ ସ୍ମାର୍ଟଫୋନ୍ ଅଛି, କିନ୍ତୁ ହୃଦୟରେ ସହାନୁଭୂତି କ୍ରମଶଃ କ୍ଷୀଣ ହେଉଛି। ଆମେ ସେମାନଙ୍କୁ ବିଶ୍ୱ ଜିତିବାକୁ ଶିଖାଉଛୁ, କିନ୍ତୁ ନିଜ କ୍ରୋଧ, ଲୋଭ ଓ ଅହଙ୍କାରକୁ ଜିତିବାର ଶିକ୍ଷା ଦେଉନାହୁଁ। ସମାଜର ସବୁଠାରୁ ବଡ଼ ବିପର୍ଯ୍ୟୟ ସେତେବେଳେ ଘଟେ, ଯେତେବେଳେ ଚରିତ୍ରଠାରୁ କ୍ୟାରିୟର ବଡ଼ ହୋଇଯାଏ, ବିବେକଠାରୁ ବ୍ରାଣ୍ଡ ମୂଲ୍ୟ ବଢ଼ିଯାଏ ଏବଂ ମଣିଷଠାରୁ ବସ୍ତୁର ଦାମ ଅଧିକ ହୋଇଯାଏ, ସେତେବେଳେ ମୋବାଇଲ୍ ପାଇଁ ପରିବାର ମରେ, ଶୃଙ୍ଖଳା ପାଇଁ ଶିକ୍ଷକ ହତ୍ୟା ହୁଅନ୍ତି ଏବଂ କିଛି 'ଲାଇକ୍' ପାଇଁ ଯୁବକମାନେ ମୃତ୍ୟୁକୁ ଆଲିଙ୍ଗନ କରନ୍ତି।

ନୂତନ ପାଠ୍ୟକ୍ରମ ଅପେକ୍ଷା ଆଜିର ପିଢ଼ି ପାଇଁ ଆବଶ୍ୟକତା ଅଛି ନୂଆ ଚେତନାର।

ପିଲାମାନଙ୍କୁ ଗଣିତ, ବିଜ୍ଞାନ ଓ ପ୍ରଯୁକ୍ତି ସହିତ ସଂଯମ, କୃତଜ୍ଞତା, କରୁଣା, ବିଫଳତାକୁ ସ୍ୱୀକାର କରିବାର ସାହସ ଏବଂ ଜୀବନ ପ୍ରତି ସମ୍ମାନ ମଧ୍ୟ ଶିଖାଇବାକୁ ପଡ଼ିବ। ଏହା କେବଳ ଶିକ୍ଷକ ବା ବିଦ୍ୟାଳୟ ଉପରେ ଛାଡ଼ିଦେଲେ ହେବନାହିଁ। କାରଣ ଦଣ୍ଡମୁକ୍ତ ହେଲା ପରେ ଏବଂ ରାଜନୈତିକ କମିଟି ଗଠନ ହେଲା ପରେ ପ୍ରାୟ ବିଦ୍ୟାଳୟମାନଙ୍କରେ ଶିକ୍ଷକସମାଜର ହାତ ଓ ମୁହଁ ବନ୍ଧା। ଏପରିକି ଘରୋଇ ବିଦ୍ୟାଳୟରେ ମଧ୍ୟ ଯେତେବେଳେ ପିଲାମାନେ ଭୁଲ କରନ୍ତି ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ଡାକି ଏ ବିଷୟରେ ଜଣାହୁଏ, ନବେଭାଗ ଅଭିଭାବକ ନିଜ ପିଲାର ଭୁଲ ସ୍ୱୀକାର କରିବା ପାଇଁ ରାଜି ହୁଅନ୍ତି ନାହିଁ। ଓଲଟି ସେମାନେ ଶିକ୍ଷକ ବା ଶୃଙ୍ଖଳା ବିଭାଗକୁ ଦୋଷ ଦିଅନ୍ତି। ନାମଲେଖା ସମୟରେ ସବୁପ୍ରକାର ନିୟମ, ଶୃଙ୍ଖଳା ବାରମ୍ବାର ବୁଝା ହୋଇଥିଲେ ମଧ୍ୟ ପିଲାମାନଙ୍କ ଅପେକ୍ଷା ଅଭିଭାବକ ଅଧିକ ନିୟମ ଭାଙ୍ଗନ୍ତି ଏବଂ ଓଲଟି ଯୁକ୍ତିତର୍କ କରନ୍ତି। ଅନେକ ସମୟରେ ପରିବେଶ ଏବଂ ପରିସ୍ଥିତିକୁ ଆଖିରେ ରଖି ଚୁପ୍ ରହିବାକୁ ପଡ଼େ। କିନ୍ତୁ ଏପରି କରି ସେମାନେ ନିଜ ପିଲାମାନଙ୍କୁ ହିଁ କୁପଥରେ ଟାଣି ନେଉଛନ୍ତି। ଏହାର ଶହଶହ ଉଦାହରଣ ପ୍ରତ୍ୟେକ ଶିକ୍ଷାବିତ୍ ଦେଖି ଆସୁଛନ୍ତି।

ଆମ ଶିକ୍ଷା ବିଭାଗରେ ନୈତିକ ଶିକ୍ଷା, ଶୃଙ୍ଖଳା ତାଲିମ୍ ଏବଂ ବସ୍ତୁବାଦ ଓ ଆତ୍ମବାଦର ପ୍ରଚଳନ ନାହିଁ କହିଲେ ଚଳେ। ପାଠ୍ୟକ୍ରମ ବାହାରେ ଯାଇ ଯଦି କେହି ଚେଷ୍ଟା ବି କରନ୍ତି ପିଲାଙ୍କୁ ଭଲ ଉପଦେଶ କି ବିବେକ ଅନୁମୋଦିତ ଜ୍ଞାନ ଦେବା ପାଇଁ, ତାଙ୍କୁ ନିରାଶ ହେବାକୁ ପଡ଼େ। ଅନେକ ସମୟରେ ତାଙ୍କ ନାମରେ ଅଭିଯୋଗ ଆସେ ପାଠଛାଡ଼ି ଅଯଥା କଥା କହୁଛନ୍ତି ବୋଲି। ଏଣୁ ଏଠାରେ ନୈତିକ ମୂଲ୍ୟବୋଧ, ସହନଶୀଳତା, ପରିସ୍ଥିତିକୁ ମୁକାବିଲା କରିବାର ସଂଯମ ପିଲାଟିଏ ଶିଖିବାର ଗୁରୁଦାୟିତ୍ୱ ସର୍ବପ୍ରଥମେ ଅଭିଭାବକଙ୍କ ଉପରେ ରହୁଛି। ଆମେ ପିଲାମାନଙ୍କୁ ଭଲ ମୋବାଇଲ୍, ଦାମୀ ପୋଷାକ, ଆଧୁନିକ ସୁବିଧା ଓ ଉଚ୍ଚଶିକ୍ଷା ଦେଉଛୁ; କିନ୍ତୁ ଜୀବନର ମୂଲ୍ୟ, ସଂଯମ, ଦାୟିତ୍ୱବୋଧ, କୃତଜ୍ଞତା ଓ ମାନବିକତା ଶିଖାଇବାରେ ଆମେ ଧୀରେଧୀରେ ବିଫଳ ହେଉଛୁ। ସେମାନେ 'କ'ଣ ପାଇଲେ ସଫଳ' ତାହା ଶିଖୁଛନ୍ତି, କିନ୍ତୁ 'କେମିତି ମଣିଷ ହେବେ' ତାହା ଶିଖୁନାହାନ୍ତି। ମାର୍କଶିଟ୍‌ରେ ନମ୍ବର ବଢୁଛି; କିନ୍ତୁ ଚରିତ୍ରରେ ଗଭୀରତା କମୁଛି। ଭୌତିକ ସଫଳତାର ଦୌଡ଼ରେ ନୈତିକତା ପଛରେ ପଡ଼ିଯାଉଛି। ପରିବାରରେ କଥାବାର୍ତ୍ତା କମୁଛି, ମୋବାଇଲ୍ ସ୍କ୍ରିନ୍ ବଢୁଛି। ଗୁରୁଜନଙ୍କ ପ୍ରତି ସମ୍ମାନ ସ୍ଥାନରେ ଅହଙ୍କାର, ଧୈର୍ଯ୍ୟ ସ୍ଥାନରେ ଅଧୈର୍ଯ୍ୟ, ମୂଲ୍ୟବୋଧ ସ୍ଥାନରେ ଭୋଗବାଦ ଆସି ବସିଛି।

ଏହା କେବଳ ପିଲାମାନଙ୍କର ବିଫଳତା ନୁହେଁ; ଏହା ପରିବାର, ବିଦ୍ୟାଳୟ ଓ ସମାଜର ମଧ୍ୟ ବିଫଳତା। ଯଦି ଆମେ କେବଳ ସଫଳ ପେଶାଜୀବୀ ଗଢ଼ିବାରେ ବ୍ୟସ୍ତ ରହିବା ଏବଂ ଭଲ ମଣିଷ ଗଢ଼ିବାକୁ ଭୁଲିଯିବା, ତେବେ ଏପରି ଘଟଣା ଆଗକୁ ମଧ୍ୟ ଦେଖିବାକୁ ପଡ଼ିବ। ପିଲାମାନଙ୍କୁ କେବଳ ଦାମୀ ଜିନିଷ ନୁହେଁ, ସଠିକ୍ ଚିନ୍ତାଧାରା ଦିଅନ୍ତୁ। କେବଳ ପ୍ରତିଯୋଗିତା ନୁହେଁ, ସହାନୁଭୂତି ଶିଖାନ୍ତୁ। ସଫଳତାର ସ୍ୱପ୍ନ ନୁହେଁ, ବିଫଳତାକୁ ସାମ୍ନା କରିବାର ସାହସ ଶିଖାନ୍ତୁ। କାରଣ ଏକ ସମାଜର ଭବିଷ୍ୟତ ତାହାର ପିଲାମାନଙ୍କ ହାତରେ ରହେ; ଆଉ ପିଲାମାନଙ୍କ ଭବିଷ୍ୟତ ଆମର ମୂଲ୍ୟବୋଧ ଉପରେ ନିର୍ଭର କରେ। ଆମେ କେବଳ ସନ୍ତାନ ଜନ୍ମ ଦେଲେ ଚାଲିବ ନାହିଁ; ମଣିଷ ମଧ୍ୟ ଗଢ଼ିବାକୁ ପଡ଼ିବ। ନଚେତ୍ ଆଗାମୀ ଦିନରେ ଇତିହାସ ଆମକୁ କ୍ଷମା କରିବ ନାହିଁ। ●

ବାରିପଦା,
ମୋ: ୯୧୮୯୮୪୨୨୧୯୧୦

# ଅବସରପ୍ରାପ୍ତଙ୍କୁ ପୁନଃନିଯୁକ୍ତି!

**ନିଶିକାନ୍ତ ବଳ**

ଗଣତାନ୍ତ୍ରିକ ରାଷ୍ଟ୍ର କିମ୍ବା ପ୍ରଗତିଶୀଳ ରାଜ୍ୟର ପ୍ରକୃତ ସମ୍ପଦ ହେଉଛନ୍ତି ତାହାର ଯୁବଶକ୍ତି। ଯେଉଁ ଦେଶରେ ଯୁବସମାଜର ମେଧା, ଉତ୍ସାହ ଓ ନୂତନ ଚିନ୍ତାଧାରାକୁ ସଠିକ୍ ଦିଗଦର୍ଶନ ମିଳିଥାଏ, ସେହି ଦେଶ ବିକାଶର ଶୀର୍ଷରେ ପହଞ୍ଚିଥାଏ। ମାତ୍ର ଅଭିଶପ୍ତ ଭାରତବର୍ଷରେ ତାହା ସମ୍ପୂର୍ଣ୍ଣ ଭିନ୍ନ। ଶିକ୍ଷାନୁଷ୍ଠାନର ଚାରିକାନ୍ଥ ଭିତରେ ଦିନରାତି ଏକ କରି ଭବିଷ୍ୟତର ସ୍ୱପ୍ନ ବୁଣୁଥିବା ଛାତ୍ରଛାତ୍ରୀ ଓ ଉଚ୍ଚଶିକ୍ଷିତ ଯୁବପିଢ଼ି ଆଜି ନିଜର ମୌଳିକ ଅଧିକାର ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେଉଛନ୍ତି। ପରୀକ୍ଷା ଦେବାଠାରୁ ଆରମ୍ଭ କରି ସ୍ଥାୟୀ ନିଯୁକ୍ତି ପାଇବା ପର୍ଯ୍ୟନ୍ତ ପ୍ରତ୍ୟେକ ସୋପାନରେ ସେମାନଙ୍କୁ କେବଳ ପ୍ରତାରଣା, ସଂଘର୍ଷ ଓ ନିରାଶାର ସମ୍ମୁଖୀନ ହେବାକୁ ପଡୁଛି।

ଏ ଦିଗରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ଦେଖିଲେ ଚିତ୍ରଟି ଆହୁରି ସଙ୍ଗିନ ମନେହୁଏ। ରାଜ୍ୟର ହଜାରହଜାର ସ୍କୁଲ ଓ କଲେଜରେ ଅଧ୍ୟାପକ ଓ ଶିକ୍ଷକ ପଦବୀ ଫାଙ୍କା ପଡ଼ିଛି। ପାଠପଢ଼ା ବ୍ୟାହତ ହେଉଛି। କିନ୍ତୁ ନୂତନ ବିଜ୍ଞାପନ ବାହାର କରିବା ପରିବର୍ତ୍ତେ ସରକାରୀ ସ୍ତରରେ ନିରବତା ଅବଲମ୍ବନ କରାଯାଉଛି। ପୂର୍ବରୁ ରାଜ୍ୟର ୪୮୮ ବର୍ଗ ଏବଂ ଅନ୍ୟାନ୍ୟ ବେସରକାରୀ/ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ନୂତନ ଡିଗ୍ରୀଧାରୀ (ଏମ୍.ଫିଲ୍, ପିଏଚ୍.ଡି, ନେଟ୍ କ୍ୱାଲିଫାଇଡ୍) ଯୁବକଯୁବତୀଙ୍କୁ 'ଅତିଥି ଅଧ୍ୟାପକ' ଭାବେ ନିଯୁକ୍ତି ମିଳୁଥିଲା। ଏହାଦ୍ୱାରା ନବୀନ ଶିକ୍ଷିତ ଯୁବପିଢ଼ିକୁ ଆଂଶିକ ରୋଜଗାର ମିଳିବା ସହ ଶିକ୍ଷାଦାନର ବାସ୍ତବ ଅଭିଜ୍ଞତା ହାସଲ କରିବାର ସୁଯୋଗ ମିଳୁଥିଲା। ମାତ୍ର ବର୍ତ୍ତମାନ ଏହି ବ୍ୟବସ୍ଥାକୁ ସଙ୍କୁଚିତ ବା ବନ୍ଦ କରି ନୂଆ ଯୁବପିଢ଼ିଙ୍କ ବଦଳରେ ଅବସରପ୍ରାପ୍ତ ଅଧ୍ୟାପକ ଓ ଶିକ୍ଷକମାନଙ୍କୁ ନିଯୁକ୍ତି ଦିଆଯାଉଛି।

ସବୁଠାରୁ ଆଶ୍ଚର୍ଯ୍ୟଜନକ ଓ ବିଡ଼ମ୍ବନାର ବିଷୟ ହେଉଛି ପୂର୍ବରୁ ଅବସରପ୍ରାପ୍ତ ଶିକ୍ଷକଙ୍କ ପୁନଃନିଯୁକ୍ତି ପାଇଁ ଯେଉଁ ବୟସସୀମା ଥିଲା, ତାହାକୁ ଏବେ ବୃଦ୍ଧି କରାଯାଇ ୭୦ ରୁ ୭୫ ବର୍ଷ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଅର୍ଥାତ୍, ୭୫ ବର୍ଷ ବୟସର ଅବସରପ୍ରାପ୍ତ ବ୍ୟକ୍ତିମାନେ ପୁଣିଥରେ ଶ୍ରେଣୀଗୃହକୁ ଫେରିବେ। ଜଣେ ଅବସରପ୍ରାପ୍ତ କର୍ମଚାରୀ ଗୋଟିଏ ପଟେ ସରକାରଙ୍କଠାରୁ ମୋଟା ଅଙ୍କର ପେନ୍‌ସନ୍ ନେଉଛନ୍ତି, ଅନ୍ୟପଟେ ପୁନଃନିଯୁକ୍ତି ମାଧ୍ୟମରେ କାର୍ଯ୍ୟ କରି ପୁନର୍ବାର ଦରମା ବା ପାରିଶ୍ରମିକ ନେଉଛନ୍ତି। ଏହାଦ୍ୱାରା ସରକାରୀ କୋଷାଗାରରୁ ଦୁଇଗୁଣା ଅର୍ଥ ଖର୍ଚ୍ଚ ହେଉଛି। ଏପଟେ ପ୍ରକୃତ ଚିତ୍ରଟି ଅତ୍ୟନ୍ତ କରୁଣ। ଓଡ଼ିଶାର ମେଧାବୀ, ଉଚ୍ଚଶିକ୍ଷିତ ଯୁବକଯୁବତୀମାନେ ଏମ୍.ଫିଲ୍, ପିଏଚ୍.ଡି, ବି.ଏଡ୍, ଓ ଏମ୍.ଇ/ଏମ୍.ଟେକ୍ ଭଳି ଉଚ୍ଚ ଡିଗ୍ରୀ ହାତରେ ଧରି ଚାରିଆଡ଼େ ହା-ହତାଶ ହୋଇ ବୁଲୁଛନ୍ତି। ପରିବାରର ବୋଝ ବୋହିବା ଏବଂ ନିଜର ପେଟ ପୋଷିବା ପାଇଁ ସେମାନେ ନିଜର ଯୋଗ୍ୟତାଠାରୁ ଅନେକ ନିମ୍ନମାନର କାମ କରିବାକୁ ବାଧ୍ୟ ହେଉଛନ୍ତି। କିଏ କୌଣସି ହୋଟେଲ ବା ରେଷ୍ଟୁରାଣ୍ଟରେ କାମ କରୁଛି, କିଏ ବାଇକ୍-ଟ୍ୟାକ୍ସି ଚଳାଉଛି, ତ ଆଉ କିଏ ଦାଦନ ଖଟିବା ପାଇଁ ସୁଦୂର ସୁରଟ କିମ୍ବା ବାଙ୍ଗାଲୋର୍ ଯାଉଛି ତ ପୁଣି କିଏ ବିଭିନ୍ନ ଅସାଧୁ କାର୍ଯ୍ୟପ୍ରଣାଳୀ ଅବଲମ୍ବନ କରୁଛି।



ଯେଉଁ ହାତରେ ସ୍ୱାକ୍ଷର କରି ଗୋଟିଏ ପିଢ଼ିର ଭବିଷ୍ୟତ ଗଢ଼ିବାର କ୍ଷମତା ଥିଲା, ସେହି ହାତ ଆଜି ରାଇଡର୍ ଭାବେ ବାଇକ୍ ହ୍ୟାଣ୍ଡେଲ୍ ଧରିଛି କିମ୍ବା ହୋଟେଲର ଥାଳି ଉଠାଉଛି। ଏହାଠାରୁ ବଳି ଦୁର୍ଭାଗ୍ୟଜନକ ସାମାଜିକ ଚିତ୍ର ଆଉ କ'ଣ ହୋଇପାରେ?

ଅବସରପ୍ରାପ୍ତ ବ୍ୟକ୍ତିଙ୍କ ଅଭିଜ୍ଞତା ଓ ଜ୍ଞାନ ପ୍ରତି ସମାଜର ପୂର୍ଣ୍ଣ ସମ୍ମାନ ରହିଛି। ମାତ୍ର ପ୍ରଶ୍ନ ଉଠୁଛି, ଯେଉଁ ବୟସରେ ଜଣେ ବ୍ୟକ୍ତି ଶାରୀରିକ ଓ ମାନସିକ ବିଶ୍ରାମ ନେବା କଥା, ସେହି ୭୦ ରୁ ୭୫ ବର୍ଷ ବୟସରେ ସେମାନଙ୍କୁ ପୁନର୍ବାର ସେବାରେ ନିୟୋଜିତ କରି ନୂତନ ଯୁବପିଢ଼ିର ଭବିଷ୍ୟତକୁ ବଳି ପକାଯିବା କେଉଁ ପ୍ରକାରର ନ୍ୟାୟ? ୭୦-୭୫ ବର୍ଷର ଜଣେ ବୃଦ୍ଧଙ୍କଠାରୁ ଆଜିର ଆଧୁନିକ, ଡିଜିଟାଲ୍ ଓ ନୂତନ ଶିକ୍ଷାଦାନ କୌଶଳ କେତେ ଦୂର ଆଶା କରାଯାଇପାରେ? ଶ୍ରେଣୀଗୃହରେ ଯେଉଁ ନୂତନ ଉତ୍ସାହ, ଶାରୀରିକ ସକ୍ରିୟତା, ଆଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଓ ନୂତନ ଚିନ୍ତାଧାରାର ଆବଶ୍ୟକତା ରହିଛି, ତାହା କେବଳ ଜଣେ ନବୀନ, ଶକ୍ତିଶାଳୀ ଓ ଉତ୍ସାହୀ ଯୁବକ ହିଁ ଦେଇପାରିବ। ସରକାର ବିଭିନ୍ନ ସଭାସମିତିରେ '୨୦୩୬ ବିକଶିତ ଓଡ଼ିଶା' କିମ୍ବା '୨୦୪୭ ବିକଶିତ ଭାରତ'ର ରୋଚକ ନାରା ଦେଉଛନ୍ତି। କାଗଜପତ୍ର ବା ନାରାବାଜିରେ ଦେଶ କିମ୍ବା ରାଜ୍ୟ ବିକଶିତ ହୁଏନାହିଁ। ଯେଉଁ ଦେଶରେ ନିଜର ଯୁବଶକ୍ତିକୁ ଅବହେଳିତ କରି ରଖାଯାଏ, ସେମାନଙ୍କର ମେଧାକୁ ଉଚିତ୍ ପ୍ରାଧାନ୍ୟ ଦିଆଯାଏ ନାହିଁ, ସେହି ଦେଶର ବିକାଶ କେବଳ ଏକ ମରୀଚିକା ହୋଇ ରହିଯାଏ। ଯୁବସମାଜକୁ ବେକାର ରଖି, ସେମାନଙ୍କ ଆଖିରୁ ସ୍ୱପ୍ନକୁ ଛଡ଼ାଇ ନେଇ କୌଣସି ରାଜ୍ୟ କେବେ ବି ପ୍ରଗତିର ପଥରେ ଆଗେଇ ପାରିବ ନାହିଁ।

ଅବସରପ୍ରାପ୍ତଙ୍କୁ ନେଇ 'ବିକଶିତ ଓଡ଼ିଶା' ଗଢ଼ିବାର ସ୍ୱପ୍ନ କେବଳ ଅପରିଣାମଦର୍ଶୀ ନୁହେଁ, ବରଂ ଶିକ୍ଷା ବ୍ୟବସ୍ଥା ପାଇଁ ଆତ୍ମଘାତୀ। ସରକାରୀ ସ୍ତରରେ ଏହି ପ୍ରଶାସନିକ ନୀତିର ତୁରନ୍ତ ପୁନର୍ବିଚାର ହେବା ଜରୁରୀ। ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଫାଙ୍କା ପଡ଼ିଥିବା ସମସ୍ତ ପଦବୀରେ ସ୍ଥାୟୀ ନିଯୁକ୍ତି ପାଇଁ ନୂତନ ବିଜ୍ଞାପନ ପ୍ରକାଶ ପାଉ ଏବଂ ଅତିଥି ଅଧ୍ୟାପକ ଭାବେ ନୂତନ ଡିଗ୍ରୀଧାରୀଙ୍କୁ ପୂର୍ବପରି ସୁଯୋଗ ଦିଆଯାଉ। ଯୁବସମାଜକୁ ସେମାନଙ୍କର ପ୍ରାପ୍ୟ ଓ ସମ୍ମାନ ନ ମିଳିଲେ ଏହି ନିରାଶା ଆଗାମୀ ଦିନରେ ଏକ ବିଶାଳ ସାମାଜିକ ବିପ୍ଳବର ରୂପ ନେଇପାରେ। ●

କିର୍ମିରା(ଝାରସୁଗୁଡ଼ା),
ମୋ: ୬୩୭୧୯୫୯୩୩୬

# ବଡ଼ଦେଉଳରେ ତେଲିଙ୍ଗି ବାଇଦ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ଗଜପତି ଦ୍ୱିତୀୟ ଥର କାଞ୍ଚି ବିରୁଦ୍ଧରେ ଯୁଦ୍ଧଯାତ୍ରା କରିବା ପୂର୍ବରୁ ମହାପ୍ରଭୁଙ୍କ ପାଖରେ ଅଧିଆ ପଡ଼ି ଯୁଦ୍ଧରେ ସହାୟକ ହେବା ପାଇଁ ପ୍ରାର୍ଥନା କଲେ। ମହାପ୍ରଭୁ ତାଙ୍କ ପ୍ରଥମ ସେବକର ପ୍ରାର୍ଥନା ଶୁଣିଲେ। ଦୁଇଭାଇ କଳା-ଧଳା ଘୋଡ଼ା ଚଢ଼ି ସୈନିକ ରୂପରେ ଯୁଦ୍ଧରେ ଯୋଗଦେଲେ। ଗଜପତି ବିଜୟ ଲାଭ କଲେ ଏବଂ ରାଜକନ୍ୟା ମୁକାମ୍ବିକା(ପଦ୍ମାବତୀ), କାଞ୍ଚି ରାଜାଙ୍କ ଆରାଧ୍ୟ ଗଣେଶ ବିଗ୍ରହ ଏବଂ ମାଆ ତାରିଣୀଙ୍କ ବିଗ୍ରହ ସହ ସଗର୍ବେ ଉତ୍କଳ ପ୍ରତ୍ୟାବର୍ତ୍ତନ କଲେ। ରାଜ ଓ ପାରିଷଦମାନେ ଦିନସାରା ଚାଲୁଥିଲେ ଏବଂ ସନ୍ଧ୍ୟା ହେଲେ କୌଣସି ଏକ ଗାଆଁ ନିକଟରେ ଶିବିର ପକେଇ ରହୁଥିଲେ। ପ୍ରାୟ ସବୁଦିନ ରାତିରେ ବିଜୟ ଉଲ୍ଲାସରେ ଭୋଜିଭାତର ଆୟୋଜନ ହେଉଥିଲା। ଏହିପରି ଆସିବା ବାଟରେ ଦିନେ ଅଧୁନା ଗଞ୍ଜାମ ଜିଲ୍ଲାର ମନ୍ତ୍ରିଡ଼ି ଗାଆଁରେ ଶିବିର ପଡ଼ିଲା। ସେତେବେଳକୁ ଭୋଜିଭାତରେ ସେମାନଙ୍କ ପାଖରେ ଥିବା ଖାଦ୍ୟ ସାମଗ୍ରୀ ପ୍ରାୟ ସରି ଯାଇଥିଲା। ଏତେ ବଡ଼ ସେନାବାହିନୀ ପାଇଁ ଖାଦ୍ୟ ଯୋଗାଡ଼ କରିବା କିଛି ସହଜ କଥା ନ ଥିଲା। ମନ୍ତ୍ରୀ କହିଲେ, 'ମଣିମା! ନୌବାଣିଜ୍ୟରୁ ପ୍ରଚୁର ଧନସମ୍ପତ୍ତି ରୋଜଗାର କରିଥିବା ଅନେକ ସାହୁକାର ଏ ଗାଆଁରେ ଅଛନ୍ତି। ଆପଣ ଅନୁମତି ଦେଲେ ଧାରସୂତ୍ରରେ ଅର୍ଥ ଓ ସାମଗ୍ରୀ ପାଇଁ ସେମାନଙ୍କୁ ଅନୁରୋଧ କରାଯାଇପାରନ୍ତା।' ଏ କଥାରେ ରାଜି ହେବା ବ୍ୟତୀତ ରାଜାଙ୍କ ପାଖରେ ଅନ୍ୟ ଉପାୟ ନ ଥିଲା।

ମନ୍ତ୍ରୀ ସାହୁକାରମାନଙ୍କୁ ଗାଆଁ ମଣ୍ଡପକୁ ଡକେଇ ଆଲୋଚନା କଲେ। ଚୌଧୁରୀ ନାମକ ଜଣେ ସାହୁକାର ରାଜି ହେବାରୁ ମନ୍ତ୍ରୀ ତାଙ୍କୁ ଧରି ଗଜପତିଙ୍କ ପାଖରେ ପହଞ୍ଚିଲେ। ରାଜା କହିଲେ, ' ତୁମର ସାହାଯ୍ୟ ଆମ୍ଭଙ୍କୁ କୃତଜ୍ଞ କରିବ। ଆମ୍ଭେ ତୁମଠାରୁ ନେଇଥିବା ଅର୍ଥ ଓ ସାମଗ୍ରୀ କଡ଼ାକଡ଼ା କରି ଫେରସ୍ତ କରିଦେବୁ।' ସାହୁକାର କହିଲେ, 'ମଣିମା ରାଜଧାନୀରେ ପହଞ୍ଚିବା ପରେ ରାଜକାମରେ ବ୍ୟସ୍ତ ରହି ମୋ କଥା ଭୁଲି ଯାଇପାରନ୍ତି। ତେଣୁ ମଣିମା ଆପଣ ମୋତେ କିଛି ଗୋଟେ ସନ୍ତକ ଦିଅନ୍ତୁ, ଯାହାକୁ ଦେଖିଲେ ମୋତେ ଚିହ୍ନିବାରେ କିଛି ଅସୁବିଧା ହେବ ନାହିଁ।' କ'ଣ ସନ୍ତକ ଦେଲେ ଠିକ ହେବ - ସେ କଥା ଚିନ୍ତା କରୁଥିବା ବେଳେ ଉଦ୍ଦେଶ୍ୟହୀନ ଭାବେ ରାଜା ନିଜ ମୁହଁରେ ହାତ ବୁଲେଇ ଆଣିଲେ। ତା' ପରେ ହାତ ପାପୁଲିକୁ ଚାହିଁ ଦେଖିଲେ ଯେ ତାଙ୍କ ନିଶର ଗୋଟେ ବାଳ ଉପୁଡ଼ି ହାତରେ ଲାଗିଛି। ନିଶ ଓ ମୁକୁଟକୁ ରାଜାଙ୍କର ସମ୍ମାନର ପ୍ରତୀକ ବୋଲି ଧରାଯାଉଥିଲା। ତେଣୁ ରାଜା ନିଶବାଳଟିକୁ ସନ୍ତକ ଭାବେ ଦେଲେ। ସାହୁକାର ଯତ୍ନର ସହ ପାଟକନାରେ ଗୁଡ଼େଇ ନେଇଗଲେ ଏବଂ ଆବଶ୍ୟକୀୟ ଅର୍ଥ ଓ ସାମଗ୍ରୀ ଦେଇଦେଲେ।

ଏ ଘଟଣାର ଅନେକଦିନ ପରେ ସାହୁକାର ମହାପ୍ରଭୁଙ୍କ ଦର୍ଶନ ପାଇଁ ବାହାରିଲେ। ସାତସମୁଦ୍ର ପାର ହୋଇ ନୌବାଣିଜ୍ୟ କଲା ବେଳେ ସାଧବମାନଙ୍କର ବିଶ୍ୱାସ ଥିଲା ଯେ ମହାପ୍ରଭୁଙ୍କ କରୁଣାରୁ ସେମାନେ ବିପଦପୂର୍ଣ୍ଣ ସମୁଦ୍ରରେ ନିର୍ବିଘ୍ନରେ ଯାତାୟତ କରୁଥିଲେ। ଚୌଧୁରୀ ଶ୍ରୀକ୍ଷେତ୍ରରେ ପହଞ୍ଚି ପ୍ରଥମ ଦିନର ତ୍ରିସନ୍ଧ୍ୟା।।ରେ ମହାପ୍ରଭୁଙ୍କୁ ଦର୍ଶନ କଲେ ଏବଂ ପରଦିନ ରାଜାଙ୍କ ଦରବାରକୁ ଯାଇ ସାକ୍ଷାତ କଲେ। ସତକୁ ସତ ଗଜପତି ସାହୁକାରକୁ ଚିହ୍ନି ପାରିଲେନି। ପ୍ରମାଣ ସ୍ୱରୂପ ସାହୁକାର ପାଟ କନା ଭିତରୁ ଗଜପତିଙ୍କ ନିଶ ବାଳଟି ବାହାର କରି ରାଜାଙ୍କ ହାତକୁ ଦେବା ପରେ ତାଙ୍କର ସବୁ କଥା ଗୋଟି ଗୋଟି କରି ମନେ ପଡ଼ିଗଲା। ସାହୁକାରଙ୍କୁ ରାଜସଭାରେ ସମ୍ବର୍ଦ୍ଧିତ କରାଗଲା। ତା'ପରେ ଗଜପତି ସାହୁକାରଙ୍କଠାରୁ ଆଣିଥିବା ଅର୍ଥ ଓ ସାମଗ୍ରୀ ଫେରେଇ ଦେବା ପାଇଁ ଆଦେଶ ଦେଲେ। କିନ୍ତୁ ସାହୁକାର ନିବେଦନ କଲେ, 'ମଣିମା! ମହାପ୍ରଭୁଙ୍କ ଦୟାରୁ ମୁଁ ମୋ ଜୀବନକାଳରେ ବହୁତ ଧନସମ୍ପତ୍ତି ରୋଜଗାର କରିଛି। ମୁଁ ଧାର ଅର୍ଥ ଓ ସାମଗ୍ରୀ ଫେରେଇ ନେବା ପାଇଁ ଚାହେଁନାହିଁ। କାଲି ମୁଁ ଦେଖିଲି ଯେ ମହାପ୍ରଭୁଙ୍କ ନୀତିକାନ୍ତି ନିଃଶବ୍ଦରେ ସମ୍ପାଦନ କରାଯାଉଛି। ମୁଁ ମହାପ୍ରଭୁଙ୍କ ଆଗରେ ସଙ୍କଳ୍ପ କରିଛି ଯେ ମୁଁ ଆପଣଙ୍କୁ ଦେଇଥିବା ଅର୍ଥ ସେହି କାମରେ ବିନିଯୋଗ କରାଯିବ। ଆମ ଦକ୍ଷିଣ ଅଞ୍ଚଳରେ ଶୁଭକାମରେ ତେଲିଙ୍ଗି ବାଇଦ ଓ ମହୁରୀ ବାଜିବାର ପରମ୍ପରା ଅଛି। ମୋର ଅନୁରୋଧ ରକ୍ଷା କରି ଆପଣ ଠାକୁରଙ୍କ ନୀତି ଓ ବାହାର ବିଜେ ବେଳେ ସେହି ପରମ୍ପରା ଆରମ୍ଭ କରିବା ପାଇଁ ଆଦେଶ ପ୍ରଦାନ କରନ୍ତୁ। ଏହା ମଧ୍ୟ ମହାପ୍ରଭୁଙ୍କ ସହ ଆମ ଅଞ୍ଚଳର ସଂପୃକ୍ତି ଅହରହ ଘୋଷଣା କରିବ।' ରାଜାଜ୍ଞା ଘୋଷଣା କରାଗଲା। ସେହିଦିନଠାରୁ ମହାପ୍ରଭୁଙ୍କ ନୀତି ଓ ବାହାର ବଜେ ସମୟରେ ତେଲିଙ୍ଗି ବାଇଦ ଓ ମହୁରୀ ବାଜିବାର ପରମ୍ପରା ଆରମ୍ଭ ହୋଇ ଆଜିଯାଏଁ ଚାଲିଆସିଛି। ●

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଏମ୍ଏମ୍ଡିଆର ସଂଶୋଧନ ବିଲ — ରାଜ୍ୟ ବିରୋଧରେ ଷଡ଼ଯନ୍ତ୍ର

### ବିଜେଡିର ଅଭିଯୋଗ

**ଏମ୍ଏମ୍ଡିଆର ସଂଶୋଧନ ବିଲ୍ ପାରିତ ହେବା ଦିନଟି ଓଡ଼ିଶା ପାଇଁ କଳା ଦିବସ**

**ଓଡ଼ିଶାର ଅର୍ଥନୈତିକ ସ୍ୱାଧୀନତାକୁ ଅପହରଣ କରି ନିଆଯାଇଛି**

**ସମ୍ପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟବାସୀଙ୍କ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ରଖନ୍ତୁ**



ଭୁବନେଶ୍ୱର,୨୫।୮(ସମିସ): ଏମଏମଡିଆର ସଂଶୋଧନ ଆଇନକୁ ନେଇ ବିଜେଡି କ୍ରମାଗତ ଭାବରେ ନିଜର କଡ଼ା ପ୍ରତିବାଦ ପ୍ରକାଶ କରିଆସୁଛି। ଏମଏମଡିଆର ସଂଶୋଧନ ବିଲ ପାରିତ ହେବା ଦିନଟି ଓଡ଼ିଶା ପାଇଁ କଳା ଦିବସ ଥିଲା। ଏହି ବିଲ୍ ମାଧ୍ୟମରେ ଓଡ଼ିଶାଠାରୁ ଅର୍ଥନୈତିକ ସ୍ୱାଧୀନତା ଛଡ଼ାଇ ନିଆଯାଇଛି କ୍ଷୋଭ ପ୍ରକାଶ କରିଛି ଦଳ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ବିଧାୟକ ଗୌତମବୁଦ୍ଧ ଦାସ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଏମଏମଡିଆର ବିଲ୍ ଓଡ଼ିଶାର ସ୍ୱାର୍ଥ ବିରୋଧୀ ବୋଲି ମତବ୍ୟକ୍ତ କରିଛନ୍ତି।

ଗୌତମବୁଦ୍ଧ ଦାସ କହିଥିଲେ ଯେ ଏମଏମଡିଆର ସଂଶୋଧନ ବିଲ୍ ମାଧ୍ୟମରେ ରାଜ୍ୟର ନ୍ୟାଯ୍ୟ ପ୍ରାପ୍ୟ ଯେତେବେଳେ ଛଡାଇ ନିଆଯାଉଥିଲା, ସେତେବେଳେ ବିଜେପିର ୨୦ ଜଣ ଲୋକସଭା ସଦସ୍ୟ ଓ ୫ ଜଣ ରାଜ୍ୟସଭା ସଦସ୍ୟ ଏହାକୁ ହାତ ଟେକି ସମର୍ଥନ କରିଥିଲେ। ଇତିହାସ ଏମାନଙ୍କୁ କେବେ କ୍ଷମା ଦେବ ନାହିଁ। ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରି ବିଜେପିର ସାଂସଦ ମାନେ ନିଜ ପାର୍ଟିର ସ୍ୱାର୍ଥ ପାଇଁ କାର୍ଯ୍ୟକଲେ। ପୁଞ୍ଜିପତି ମାନଙ୍କୁ ଫାଇଦା ଦେବା ପାଇଁ ଏହି ଷଡ଼ଯନ୍ତ୍ର ରଚାଯାଇଛି। ଏହି ଆଇନ ପାରିତ ହେବା ଯୋଗୁ ଓଡ଼ିଶା ଏକ ଲକ୍ଷ କୋଟି ଟଙ୍କାରୁ ଉଦ୍ଧ୍ୱର୍ ବକେୟା ଆଦାୟ କରିବାରୁ ବଞ୍ଚିତ ହୋଇଛି। ଏହାଛଡ଼ା ଖଣିରେ ଲାଗୁ ହେବାକୁ ଥିବା ଟିକସ ମାଧ୍ୟମରେ ପ୍ରତି ବର୍ଷ ୧୨,୦୦୦ କୋଟି ଟଙ୍କାର ରାଜସ୍ୱ ଓଡ଼ିଶା ହରାଇବ। ଦୁର୍ଭାଗ୍ୟର କଥା ନିକଟରେ କେନ୍ଦ୍ର ମନ୍ତ୍ରୀମଣ୍ଡଳରୁ ବିଦା ହୋଇଥିବା ଜଣେ ବିଜେପି ସାଂସଦ ଏହି ସଂଶୋଧନ ବିଲ ସପକ୍ଷରେ ଯୁକ୍ତି ବାଢୁଛନ୍ତି। ବିଜେଡି ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ଓଡ଼ିଶାର ସ୍ୱାର୍ଥକୁ ହାସଲ ପାଇଁ ସେ ଲଢେଇର ଆହ୍ୱାନ ଦେଇଛନ୍ତି। ତେଣୁ ବିଜୁ ଜନତା ଦଳ ଓଡ଼ିଶାର ସ୍ୱାର୍ଥ ପାଇଁ ଲଢେଇ ଜାରି ରଖିବ। ଡ. ଲେନିନ ମହାନ୍ତି କହିଥିଲେ ଖଣି ରାଜସ୍ୱ ଓଡ଼ିଶାର ବିକାଶର କର୍ଣ୍ଣଧାର ହୋଇଥିବା ବେଳେ ଖଣିରୁ ରାଜ୍ୟକୁ ମିଳିବାକୁ ଥିବା ବିପୁଳ ରାଜସ୍ୱ, ଏମଏମଡିଆର ସଂଶୋଧନ ବିଲ ମାଧ୍ୟମରେ ହାନୀ ହେବାକୁ ଯାଉଛି। ଅଥଚ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁହଁରେ ତୁଣ୍ଡି ଦେଇ ବସିଛନ୍ତି। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରସଙ୍ଗରେ ସ୍ପଷ୍ଟୀକରଣ ରଖୁ ନାହାନ୍ତି। କେନ୍ଦ୍ର ସରକାର ଚଞ୍ଚକତା କରି ଖଣି ଓ ଖଣି ରହିଥିବା ଜମି ଉପରେ ମଧ୍ୟ ରାଜ୍ୟର କୌଣସି ଅଧିକାର ରହିବ ନାହିଁ ବୋଲି ବ୍ୟବସ୍ଥା କରିଛନ୍ତି। ଏହାଛଡା ଏହି ଆଇନ ମାଧ୍ୟମରେ ରାଜ୍ୟ ସରକାର ଖଣିଜ ପଦାର୍ଥ ଉପରେ କୌଣସି ଟିକସ ଲଗାଇ ପାରିବ ନାହିଁ। ବିଜେପିର କିଛି ନେତା ଦାବି କରୁଛନ୍ତି, ୨୦୧୫ ମସିହାରେ କେନ୍ଦ୍ର ସରକାର ଏମଏମଡିଆର ଆକ୍ଟରେ ସଂଶୋଧନ ଆଣିବା ପରେ ଓଡ଼ିଶାର ଖଣି ରାଜସ୍ୱ ୫୦୦୦ କୋଟିରୁ ୫୦, ୦୦୦ କୋଟିକୁ ବୃଦ୍ଧି ପାଇଲା। ଓଡ଼ିଶାର ଖଣି ରାଜସ୍ୱ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଶ୍ରେୟ ଦେବାକୁ ଚେଷ୍ଟା କରୁଥିବା ବିଜେପି ନେତା ମାନେ କହିବେ କି, କେଉଁ କାରଣରୁ ଓଡ଼ିଶାର ଖଣି ରାଜସ୍ୱ ବୃଦ୍ଧି ତୁଳନାରେ ଗୁଜୁରାଟ, ମହାରାଷ୍ଟ୍ର, ରାଜସ୍ଥାନ ଇତ୍ୟାଦି ରାଜ୍ୟର ୨୦୧୫ ଏମଏମଡିଆର ସଂଶୋଧନ ପରେ ସମାନ ଅନୁପାତରେ ବୃଦ୍ଧି ପାଇଲା ନାହିଁ କାହିଁକି। ମୁଖ୍ୟମନ୍ତ୍ରୀ ଏଥିପାଇଁ ମଧ୍ୟ ରାଜ୍ୟବାସୀଙ୍କୁ ସ୍ପଷ୍ଟୀକରଣ ଦେବା ଦରକାର। ଏହି ଆଇନ ମାଧ୍ୟମରେ ଓଡ଼ିଶା ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ ବିଜେଡି ଲଢେଇ ଜାରି ରଖିବ ବୋଲି ସେ କହିଛନ୍ତି।

## ସାପ କାମୁଡ଼ାରେ ୪ ମୃତ

**ଭାଇ-ଭଉଣୀ, ଅଜା-ନାତି ମୃତ**

ବଣାଇଁଗଡ଼, ୨୫।୮ (ସମିସ): ଶୋଇଥିବାବେଳେ କାମୁଡ଼ିଲା ସାପ। ଚାଲିଗଲା ଅଜା-ନାତି ଓ ଭାଇ-ଭଉଣୀଙ୍କ ଜୀବନ। ମୃତକ ହେଲେ ବଣାଇଁ ବ୍ଲକ ଟିକାୟତପାଲି ଥାନା ଅନ୍ତର୍ଗତ ତିଳେଇମାଲ ଗ୍ରାମର ରବି ଭୂୟାଁ (୭୬) ଓ ତାଙ୍କ ନାତି ସଞ୍ଜୟ ନାଏକ (୮) ଓ ଗୁରୁଣ୍ଡିଆ ବ୍ଲକ ଚାନ୍ଦିପୋଷ ଥାନା ଅନ୍ତର୍ଗତ ଗିର୍ଜାଟୋଲି ଗାଁର ସମୀର ହାରୋ (୧୦) ଏବଂ ତାଙ୍କ ଭଉଣୀ ସାଇରେନ ହାରୋ (୭)। ପ୍ରକାଶ ଯେ, ବଣାଇଁ ବ୍ଲକ ଟିକାୟତପାଲି ଥାନା ଅନ୍ତର୍ଗତ ତିଳେଇମାଲ ଗ୍ରାମ ଭୂୟାଁସାହିର ରବି ଭୂୟାଁ ଓ ତାଙ୍କ ନାତି ସଞ୍ଜୟ ସୋମବାର ରାତିରେ ଖାଇପିଇ ଶୋଇଥିଲେ। ମାତ୍ର ବିଳମ୍ବିତ ରାତିରେ ଉଭୟଙ୍କୁ ସାପ କାମୁଡ଼ି ଦେଇଥିଲା। ଅଜା-ନାତିଙ୍କୁ ବଣାଇଁ ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ଉଭୟଙ୍କ ମୃତଦେହକୁ ଶୋକାକୂଳ ପରିବେଶରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ଟିକାୟତପାଲି ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ଗୁରୁଣ୍ଡିଆ ବ୍ଲକ ଚାନ୍ଦିପୋଷ ଥାନା ଅନ୍ତର୍ଗତ ଗିର୍ଜାଟୋଲି ଗାଁର ସମୀର ତାଙ୍କ ସାନ ଭଉଣୀ ସାଇରେନ ସହ ଶୋଇଥିବାବେଳେ ସାପ କାମୁଡ଼ି ଥିଲା। ରାତି ୩ ଟା ବେଳେ ଉଭୟ ପେଟ ଯନ୍ତ୍ରଣା ହେଉଛି କହିବାରୁ ପରିବାର ଲୋକେ ଡାକ୍ତରଖାନା ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଜାତିଗତ ଜନଗଣନା ପ୍ରଶ୍ନାବଳୀ ରଦ୍ଦ ପାଇଁ ମୋଦିଙ୍କୁ ରାହୁଲ-ଖଡ଼ଗେଙ୍କ ଚିଠି

ନୂଆଦିଲ୍ଲୀ, ୨୫।୮(ଏଜେନ୍ସି): ଆଗାମୀ ଜନଗଣନାରେ ଜାତି ସମ୍ପର୍କିତ ତଥ୍ୟ ସଂଗ୍ରହ ପାଇଁ କେନ୍ଦ୍ର ସରକାର ପ୍ରସ୍ତୁତ କରିଥିବା ପ୍ରଶ୍ନାବଳୀକୁ କଂଗ୍ରେସ ତୀବ୍ର ବିରୋଧ କରିଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ମିଳିତ ହିନ୍ଦୀ ଚିଠି ଲେଖିଛନ୍ତି। ସେଥିରେ ବର୍ତ୍ତମାନର ଓପନ୍-ଏଣ୍ଡେଡ୍ (ଖୋଲା ଉତ୍ତର ଆଧାରିତ) ଜାତି ପ୍ରଶ୍ନ ଫର୍ମାଟକୁ ସମ୍ପୂର୍ଣ୍ଣ ରଦ୍ଦ କରିବାକୁ ଦାବି କରିଛନ୍ତି। ଦୁଇ ନେତାଙ୍କ ଅଭିଯୋଗ ଅନୁଯାୟୀ, ବିନା କୌଣସି ପୂର୍ବନିର୍ଦ୍ଧାରିତ ମାନକ ତାଲିକାରେ ଉତ୍ତରଦାତାଙ୍କ ଜାତି ନାମ ସେମାନଙ୍କ କହିବା ଅନୁସାରେ ଲିପିବଦ୍ଧ ହେଲେ ବିଭ୍ରାଟ ସୃଷ୍ଟି ହେବ। ଭାରତର ଗୋଟିଏ ଜାତି ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ନାମ ବା ଉପଜାତି ଭାବେ ଜଣାଶୁଣା। ଏହି ଓପନ୍-ଏଣ୍ଡେଡ୍ ଢାଞ୍ଚା ଯୋଗୁଁ ଗୋଟିଏ ସମ୍ପ୍ରଦାୟ ହଜାର ହଜାର ଭାଗରେ ବିଭକ୍ତ ହୋଇଯିବ। ଫଳରେ ଜନସଂଖ୍ୟା ଗଣନାରେ ଜାତି ଭିତ୍ତିକ ତଥ୍ୟ ଭୁଲ୍ ଆସିବ। ସେମାନେ ଚେତାବନୀ ଦେଇଛନ୍ତି ଯେ ଏହାଫଳରେ ଓବିସି, ଅତି ପଛୁଆ ଓ ଅବହେଳିତ ବର୍ଗଙ୍କ କଲ୍ୟାଣ, ଶିକ୍ଷା ଓ ସାମାଜିକ ନ୍ୟାୟ ନୀତି ଗୁରୁତର ଭାବେ ପ୍ରଭାବିତ ହେବ। କଂଗ୍ରେସ ନେତୃତ୍ୱ ପ୍ରସ୍ତାବ ଦେଇଛନ୍ତି ଯେ ବିହାର (୨୦୨୨) ଓ ତେଲେଙ୍ଗାନା (୨୦୨୪) ଜାତି ସର୍ବେକ୍ଷଣ ଭଳି ଏକ ସ୍ଥିର ମାନକ ଜାତି ତାଲିକା ବ୍ୟବହାର କରାଯାଉ।

## ଏସ୍କେ ନିଜାମୁଦ୍ଦିନ ବିଜେଡି ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ

**୩୦ ଜିଲ୍ଲାରେ ସଭାପତି ଓ କାର୍ଯ୍ୟକାରୀ ସଭାପତି ନିଯୁକ୍ତ**

**ଦିଲ୍ଲୀପ ତିର୍କୀ, ମୁନ୍ନା ଖାଁ, ସସ୍ମିତ ପାତ୍ର ଉପଦେଷ୍ଟା**

ଭୁବନେଶ୍ୱର,୨୫।୮(ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ସଂଖ୍ୟାଲଘୁ ସେଲର ପୁନର୍ଗଠନ କରିଛନ୍ତି। ସଂଖ୍ୟାଲଘୁ ସେଲର ଅଧ୍ୟକ୍ଷ ଭାବେ ଏସକେ ନିଜାମୁଦ୍ଦିନଙ୍କୁ ନିଯୁକ୍ତି ମିଳିଛି। ସେଲରେ ମୋଟ ୧୪୪ ଜଣ ସଂଖ୍ୟାଲଘୁ ନେତାଙ୍କୁ ସ୍ଥାନ ମିଳିଛି। ଏନେଇ ବିଜେଡି କାର୍ଯ୍ୟାଳୟ ପକ୍ଷରୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ଏହାସହ ୩୦ଟି ଜିଲ୍ଲାରେ ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ଏବଂ କାର୍ଯ୍ୟକାରୀ ସଭାପତି ନିଯୁକ୍ତ ହୋଇଛନ୍ତି। ବିଜେଡି ସଂଖ୍ୟାଲଘୁ ସେଲରେ ୩ ଜଣ ବରିଷ୍ଠ ନେତାଙ୍କୁ ଉପଦେଷ୍ଟା ଭାବରେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେମାନେ ହେଲେ ଡ. ଦିଲ୍ଲୀପ ତିର୍କୀ, ମୁଜିବୁଲ୍ଲା ଖାନ୍ ଓ ଡ. ସସ୍ମିତ ପାତ୍ର। ସେହିପରି କାର୍ଯ୍ୟକାରୀ ସଭାପତି ଭାବରେ ରୋହିତ୍ ଯୋଶେଫ ତିର୍କୀ, ରିଜୱାନା ବେଗମ ଏବଂ ଡ. ଅମଜାଦ୍ ଖାନଙ୍କୁ ସ୍ଥାନ ମିଳିଛି। ଏହାବ୍ୟତୀତ ସେଲରେ ୨୮ ଜଣ ଉପସଭାପତି, ୩୧ ଜଣ ବରିଷ୍ଠ ସାଧାରଣ ସମ୍ପାଦକ, ୩୨ ଜଣ ସାଧାରଣ ସମ୍ପାଦକ, ୨୫ ଜଣ ସମ୍ପାଦକ ଏବଂ ୨୧ ଜଣ ଯୁଗ୍ମ ସମ୍ପାଦକ ରହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ସୁଯୋଗ, ବିଶ୍ୱାସ...

ବିପର୍ଯ୍ୟୟ ପରିଚାଳନା ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିପାରିଛି ବୋଲି ରାଜ୍ୟପାଳ କହିଛନ୍ତି।

ଏହି ଅବସରରେ ରାଜ୍ୟପାଳ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାର ଉତ୍ଥାନକୁ ପ୍ରଶଂସା କରିବା ସହ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ଯୁବପିଢ଼ିକୁ କେବଳ ଚାକିରି ପାଇଁ ନୁହେଁ, ଚାକିରି ସୁଯୋଗ ସୃଷ୍ଟି କରିବା ପାଇଁ ମଧ୍ୟ ପ୍ରସ୍ତୁତ କରାଯିବା ଆବଶ୍ୟକ। ମହିଳା ନେତୃତ୍ୱାଧୀନ ବିକାଶ ଉପରେ ଗୁରୁତ୍ୱାରୋପ କରି ରାଜ୍ୟପାଳ କହିଛନ୍ତି ଯେ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ଅବଦାନ ସଂକ୍ରାନ୍ତ ଖବର କେବଳ ସୂଚନା ଦିଏନାହିଁ, ସାଧାରଣ ଲୋକଙ୍କୁ ଅନୁପ୍ରେରିତ, ଉତ୍ସାହିତ କରିବା ସହ ପରିବର୍ତ୍ତନ ସୃଷ୍ଟି ନିମନ୍ତେ ମଧ୍ୟ ଆତ୍ମବିଶ୍ୱାସ ସୃଷ୍ଟି କରିଥାଏ। ତେଣୁ ଗଣମାଧ୍ୟମ ଏହି ଖବରଗୁଡ଼ିକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

କାର୍ଯ୍ୟକ୍ରମରେ 'ସକାଳ' ଓ 'ନନ୍ଦିଘୋଷ' ଟିଭିର ଅଧ୍ୟକ୍ଷ ତଥା ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଯୋଗ ଦେଇ ବର୍ତ୍ତମାନ ସମୟରେ ଗଣମାଧ୍ୟମ ସମ୍ମୁଖୀନ ହୋଇଥିବା ସମସ୍ୟା ଓ ଆହ୍ୱାନ ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି ଯେ ଗଣମାଧ୍ୟମ ଏକ ବ୍ୟବସାୟ ନୁହେଁ; ଏହା ଏକ ସାମାଜିକ ଉତ୍ତରଦାୟିତ୍ୱ। ସାମ୍ପ୍ରତିକ ସମୟରେ ଗଣମାଧ୍ୟମ ଏକ ସ୍ପର୍ଶକାତର ସ୍ଥିତି ଦେଇ ଗତିକରୁଛି। ଆଜି ପ୍ରତ୍ୟେକ ମୋବାଇଲ୍ ଫୋନ୍ ଏକ ନ୍ୟୁଜରୁମ୍। ପ୍ରତ୍ୟେକ ସୋସିଆଲ ମିଡିଆ ଆକାଉଣ୍ଟ ଏକ ପ୍ରକାଶନ ସଂସ୍ଥା। ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ମାଧ୍ୟମରେ ଖବର ଉପଭୋଗ କରିବାର ପ୍ରବୃତ୍ତି ଲୋକଙ୍କ ମଧ୍ୟରେ ଦ୍ରୁତଗତିରେ ବୃଦ୍ଧି ପାଇଛି। ଏଆଇ ଜେନେରେଟ୍ଡ ଫଟୋ, ଡିପ୍ ଫେକ୍ ଜରିଆରେ ପ୍ରସ୍ତୁତ ନିମ୍ନରୁଚିର ଖବରକୁ ଲୋକମାନେ ତତ୍କ୍ଷଣାତ୍ ବିଶ୍ୱାସ କରୁଛନ୍ତି। ମାତ୍ର ସତ୍ୟ ଆଲୋକକୁ ଆସିବା ବେଳକୁ ବେଶ୍ ବିଳମ୍ବ ହୋଇ ଯାଉଛି। ଏହା ଉପରେ ନୀତି ନିର୍ଦ୍ଧାରଣ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି। ପୁନଶ୍ଚ ସାମ୍ପ୍ରତିକ ସମୟରେ ସରକାରଙ୍କ ପୃଷ୍ଠପୋଷକତା ଓ ବିଜ୍ଞାପନରୁ 'ସକାଳ' ଓ 'ନନ୍ଦିଘୋଷ' ଟିଭି ବଞ୍ଚିତ ହୋଇଥିବାରୁ ସେ ନିରାଶା ବ୍ୟକ୍ତ କରିଛନ୍ତି। ଗଣତନ୍ତ୍ରକୁ ସତ୍ୟ ସୁଦୃଢ଼ କରେ ଓ ଗଣମାଧ୍ୟମ ତାକୁ ସୁନିଶ୍ଚିତ କରିଥାଏ। 'ସକାଳ' ଓ 'ନନ୍ଦିଘୋଷ ଟିଭି' ସେହି ସିଦ୍ଧାନ୍ତର ଅନୁଧାବନ କରୁଛି ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ନନ୍ଦିଘୋଷ ଟିଭିର ସିଓଓ ଜବର ସିଂହ ପାନୱାର ସ୍ୱାଗତ ଭାଷଣ ଦେଇଥିବା ବେଳେ 'ସକାଳ'ର ପ୍ରକାଶକ ଓ ମୁଦ୍ରାକର ଅମିତ ମଲ୍ଲିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ 'ନନ୍ଦିଘୋଷ' ଟିଭିର ମୁଖ୍ୟ ସମ୍ପାଦକ ସମରେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ସମୟରେ ଦିନ ତମାମ ୪ ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ୪ ଟି ଅଧିବେଶନରେ ମାନସ ମନ୍ଥନ କରିଥିଲେ।

### ସେପ୍ଟେମ୍ବର ୨୨ରୁ...

ବିଧାନସଭା ଛୁଟି ରହିବ। ୨୮, ୨୯, ୩୦ ଓ ଅକ୍ଟୋବର ୧ ତାରିଖରେ ଗୃହକାର୍ଯ୍ୟ ଚାଲିବ ଓ ୨ ତାରିଖ ଗାନ୍ଧୀ ଜୟନ୍ତୀରେ ଛୁଟି ରହିବ। ୩ ତାରିଖରେ ଗୃହକାର୍ଯ୍ୟ ଅନୁଷ୍ଠିତ ହେବା ସହ ଅଧିବେଶନ ବିଧିବଦ୍ଧ ଭାବେ ସମାପ୍ତ ହେବ। ବର୍ତ୍ତମାନ ସମୟରେ ରାଜ୍ୟ ସରକାର ଏକାଧିକ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ନିଶାଣରେ ରହିଛନ୍ତି। ବିଶେଷକରି ଏମଏମଡିଆର ଆଇନରେ ସଂଶୋଧନକୁ ନେଇ ରାଜ୍ୟବ୍ୟାପୀ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଏନେଇ ବିରୋଧୀ ସରକାରଙ୍କ ଉପରେ ବର୍ଷୁଛନ୍ତି। ଏହି ସଂଶୋଧିତ ଆଇନ କାରଣରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ରାଜ୍ୟ ପାଇବାକୁ ଥିବା ୧.୨ ଲକ୍ଷ କୋଟିର ବକେୟା ରାଜସ୍ୱ ହରାଇବ ଏବଂ ଏହାବ୍ୟତୀତ ବାର୍ଷିକ ୧୨ ହଜାର କୋଟିର କ୍ଷତି ସହିବ। ଏନେଇ ବିରୋଧୀ ଗୃହରେ ସରକାରଙ୍କୁ ଘେରିବାକୁ ଏକ ପ୍ରକାର ସ୍ଥିର କରିସାରିଛନ୍ତି। ସେହିପରି ବନ୍ୟା ପରିଚାଳନାରେ ଚରମ ବିଫଳତା, ପୁସ୍ତକ ମୁଦ୍ରଣ ଜନିତ ତ୍ରୁଟି ଓ ସଂଶୋଧିତ ପୁସ୍ତକ ପ୍ରଦାନରେ ଟାଳଟୁଳ ନୀତି, ଚାଷୀ ପଞ୍ଜୀକରଣରେ ନାନାଦି ସମସ୍ୟା, ବିଜୁ ପଟ୍ଟନାୟକ ବିମାନ ବନ୍ଦରର ଘରୋଇ କରଣ ଆଦିକୁ ପ୍ରସଙ୍ଗକୁ ନେଇ ସରକାର ନିଶ୍ଚିତ ଭାବେ ଗୃହରେ ଅଡୁଆ ପରିସ୍ଥିତିର ସାମ୍ନା କରିବେ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି।

### ଘରୋଇ କମ୍ପାନୀକୁ...

ପୂର୍ବରୁ ଅନେକ ପ୍ରତିରକ୍ଷା ପ୍ରଣାଳୀର ଉତ୍ପାଦନରେ କେବଳ ସରକାରୀ ପ୍ରତିଷ୍ଠାନର ଭୂମିକା ପ୍ରମୁଖ ଥିଲା। କିନ୍ତୁ ନୂଆ ନୀତି ଅନୁସାରେ ବେସରକାରୀ ପ୍ରତିରକ୍ଷା କମ୍ପାନିମାନେ ମଧ୍ୟ ଡିଆରଡିଓର ବିକଶିତ ପ୍ରଯୁକ୍ତିକୁ ବ୍ୟବହାର କରି ଉତ୍ପାଦନ କ୍ଷମତା ବୃଦ୍ଧି କରିପାରିବେ ବୋଲି କୁହାଯାଉଛି। ପ୍ରତିରକ୍ଷା ଉପକରଣ ଓ କ୍ଷେପଣାସ୍ତ୍ର ସମ୍ବନ୍ଧୀୟ ବ୍ୟବସ୍ଥାର ସ୍ୱଦେଶୀ ଉତ୍ପାଦନ ବୃଦ୍ଧି ସହ ଆମଦାନୀ ଉପରେ ନିର୍ଭରଶୀଳତା ଓ ସାମରିକ ସାମଗ୍ରୀ କ୍ରୟ ପାଇଁ ହେଉଥିବା ବିପୁଳ ବ୍ୟୟକୁ ମଧ୍ୟ ହ୍ରାସ କରିବାରେ ଏହି ପଦକ୍ଷେପ ସହାୟକ ହେବ ବୋଲି କେନ୍ଦ୍ର ସରକାର ମନେ କରୁଛନ୍ତି। 'ଆତ୍ମନିର୍ଭର ଭାରତ' ଓ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଅନ୍ତର୍ଗତ ପ୍ରତିରକ୍ଷା କ୍ଷେତ୍ରକୁ ସ୍ୱଦେଶୀକରଣ କରିବା ଲକ୍ଷ୍ୟରେ ସରକାର ବେସରକାରୀ କ୍ଷେତ୍ରର ଅଂଶଗ୍ରହଣକୁ ପ୍ରୋତ୍ସାହନ ଦେଇଆସୁଛନ୍ତି। ଡିଆରଡିଓର ମିସାଇଲ ପ୍ରଯୁକ୍ତିକୁ ଦେଶୀୟ ଶିଳ୍ପକୁ ହସ୍ତାନ୍ତର କରିବା ନିଷ୍ପତ୍ତିକୁ ଏହି ନୀତିର ଏକ ବଡ଼ ପଦକ୍ଷେପ ଭାବେ ଦେଖାଯାଉଛି।


**ପଶ୍ଚିମ ରେଳବାଇ-ରତଲାମ ମଣ୍ଡଳ**

ସଂଶୋଧନ ବିଜ୍ଞପ୍ତି
ଇ-ଟେଣ୍ଡର ବିଜ୍ଞପ୍ତି

• ଟେଣ୍ଡର ନଂ.: EL-2025-26-26R2 • କାର୍ଯ୍ୟର ନାମ: ରତଲାମ ଡିଭିଜନ୍: ରତଲାମ ଏବଂ ଇନ୍ଦୋର – ରତଲାମ ଷ୍ଟେସନର ପ୍ଲାଟଫର୍ମ ନଂ. ୦୪ ଏବଂ ୦୭ରେ ୦୬ଟି ଏସ୍କାଲେଟର୍ ଏବଂ ଇନ୍ଦୋର ଷ୍ଟେସନର PF-୦୫/୦୬ର ସର୍କୁଲେଟିଂ ଏରିଆରେ ୦୧ଟି ଏସ୍କାଲେଟର୍ ବ୍ୟବସ୍ଥା କରିବା (ଇଲେକ୍ଟ୍ରିକାଲ୍ + ସିଭିଲ୍)। • ଟେଣ୍ଡର ବନ୍ଦ ତାରିଖ/ସମୟ: ୦୮/୦୯/୨୦୨୬ ଦିନ ୧୫:୦୦ ଘଣ୍ଟା। CRY/221

Like us on: facebook.com/WesternRly

**VEHICLE FOR SALE**

3-WHEELER PAIGGIO APE E-XTRA EX, ELECTRIC, MODEL 2025, Regn. No -OD-07-BA-0978 in as is where is condition. Contact: M/S Sundaram Finance Limited, BERHAMPUR BRANCH, Ph:0680-2290703, MOB - 94375 77759, within 7 days.

**VEHICLE FOR SALE**

PIAGGIO APE XTRA LDX+. DIESEL, MODEL 2023, Regn. No -OD-07-AR-6296 in as is where is condition. Contact: M/S Sundaram Finance Limited, BERHAMPUR BRANCH, Ph: 0680- 2290703, MOB-9437577759, within 7 days.

**VEHICLE FOR SALE**

MAHINDRA 475 DI XP PLUS DIESEL, MODEL 2024, Regn. No -OD-07-AV-6515 in as is where is condition. Contact: M/S Sundaram Finance Limited, BERHAMPUR BRANCH, Ph: 0680- 2290703, MOB-9437577759, within 7 days.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1116, dated 19.08.2026, I, GYAN LILIYAN PARICHHA, Daughter of - Kishor Chandra Parichha, permanent resident of Village - Bamanaguda, PO - Manchagaon, PS - Khatiguda, Dist - Nabarangpur, Odisha, Pin - 764070, declare that I have changed my name from GANLIAN PARICHHA to GYAN LILIYAN PARICHHA. Henceforth, I shall be known as **GYAN LILIYAN PARICHHA** for all purposes.
Sd/- Gyan Liliyan Parichha

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 950, dated 17-08-2026, I, NADU BHATRA, S/o - Sonu Bhatra, permanent resident of Village - Tentuliguda, PO - Chatahandi, PS - Kodinga, Dist - Nabarangpur, Odisha, Pin - 764075, declare that I have changed the name of my Daughter from DASUDHA BHATRA to JANAKA BHATRA. Henceforth, she shall be known as **JANAKA BHATRA** for all purposes.
Sd/- Nadu Bhatra

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur Patra, dated-19.08.2026 C.F No-2268, I Upama Naik W/o Raghunath Patra of Village-Sujagad Kaithagadia, Po-Kaithagadia, Ps-Khaira, Dist-Baleswar declare that I have changed my minor son's name from Ritesh Naik to Ritesh Patra in Aadhar card. Henceforth, he shall be known as **Ritesh Patra** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1112, dated 18.08.2026, I, DEULA CHANDRA NAYAK, Son of - Hari Nayak, permanent resident of Village - Manigam, PO - Manigam, PS - Dabugam, Dist - Nabarangpur, Odisha, Pin - 764072, declare that I have changed my name from DEULA CHANDRA PUJARI to DEULA CHANDRA NAYAK. Henceforth, I shall be known as **DEULA CHANDRA NAYAK** for all purposes.
Sd/- Deula Chandra Nayak

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1114, dated 19-08-2026, I, SARADU BHATRA, S/o - Madhu Bhatra, permanent resident of Village - Khutiguda, PO - Jatabal, PS - Papadahandi, Dist - Nabarangpur, Odisha, Pin - 764071, declare that I have changed the name of my Daughter from CHUMKI BHATRA to MAHALAXMI BHATRA. Henceforth, she shall be known as **MAHALAXMI BHATRA** for all purposes.
Sd/- Saradu Bhatra

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1115, dated 19-08-2026, I, DINABANDHU MAJHI, S/o - Hari Majhi, permanent resident of Village/PO/PS - Khatiguda, Dist - Nabarangpur, Odisha, Pin - 764085, declare that my Daughter's name has been wrongly recorded as "PRABHASINI MAJHI" instead of "PUNAM PRIYA MAJHI" in the Birth Registration Certificate Vide Registration No. 3992/2016, dated: 13.10.2016. Henceforth, the correct name of my Daughter shall be known as **"PUNAM PRIYA MAJHI"** for all purposes.
Sd/- Dinabandhu Majhi

**AFFIDAVIT**

I, Rohit Kumar Agrawal, aged about 42 years, S/o-Gajanand Agrawal, resident of Kundangali, Titlagarh, Po- Titilagarh, Ps- Titilagarh, Dist-Balangir, Odisha, PIN-767033, do hereby declare by this affidavit No. 1743, dtd-25.08.2026, that now onwards I shall be known as **ROHIT AGRAWAL** for all future purposes.

**SHRIRAM GENERAL INSURANCE COMPANY LIMITED**

This is to inform you that we are shifting our Jajpur Branch located at Chorda by Pas Road, Jajpur Road, Jajpur, ODISHA-755019 to following address:

**Shriram General Insurance Co.Ltd.**
**Plot NO. 380/28, 2nd floor,**
**santara, PO-Byasanagar,**
**Dist- Jajpur, Odisha-755019**

IRDAI Reg. No.137
CIN No. U66010RJ2006PLC029979

Office of the Principal
**SANTHA KABI BHIMA BHOI MAHIMA +3 MAHAVIDYALAYA, CHAKARKEND**
AT/PO-CHAKARKEND VIA-SOHELA, PS/DIST-BARGARH, PIN-768033
e-mail-skbbm3ckd@gmail.com, Mob-No-8328932842, 7377549302

***Walk- in-interview***

*A walk-in interview will be held on dated.09.09.2026 at 10.00am in the office of the undersigned for the post of lecturers in ECONOMICS-1, HISTORY-1 & SNASKRIT-1 (2nd Post). Candidates with minimum 55% marks at PG level( M.Phil & PhD will be Preferable) in respective subjects for lecturers are invited to report themselves with all relevant documents and resume before 10.00am on the stipulated date.*

*The undersigned reserves the right to cancel the interview without showing any reason thereof.*

*N.B:- No TA/DA will be paid.*

*Sd/-Principal*
*S.K.B.B.M +3 Mahavidyalaya, Chakarkend*

**OFFICE OF THE DIVISIONAL FOREST OFFICER**
**CHILIKA WILDLIFE DIVISION, BALUGAON**
At/Po- Gopinathpur, Balugaon, Dist- Khordha-Pin-752030
Email:- dfo.chilikawl@odisha.gov.in
8001/278/2627

**INVITATION FOR BIDS THROUGH e-Procurement**
Bid Identification No. 01 / 2026-27

| | | | |
|---|---|---|---|
| 1. | Name of the work | : | Construction of 2nd Floor Divisional ECRICC and Sea Grass Project Management Centre |
| 2. | Total no of Works | : | One |
| 3. | Estimated cost | : | Rs. 15,79,217.00 (Approx) |
| 4. | Class of Contractor | : | As Per DTCN |
| 5. | Period of Completion | : | 3 (Three Calendar Months) |
| 6. | Type of tender | : | Single Cover Tender |
| 7. | Date and Time of availability of Bid documents in the portal | : | From dtd 28.08.2026 to 17.00 hrs of dtd. 09.09.2026 |
| 8. | Last Date/Time for receipt of bids in the portal | : | Dtd. 09.09.2026 upto 17.00 hrs |
| 9. | Submission of Original documents (TP cost, EMD, Affidavit etc as per DTCN) | : | During office hours from 10.30 A.M. on dtd. 09.09.2026 to dtd. 10.09.2026 up to 17.00 hrs in the office of the undersigned. |
| 10. | Date of opening of Bid through online | : | Dtd. 11.09.2026 at 11.30 hrs in the office of the undersigned. |
| 11. | Name & address of the O.I.T (Officer Inviting tender) | : | Divisional Forest Officer, Chilika Wildlife Division, Balugaon. |

Further details can be seen from the e-procurement portal https://tendersodisha.gov.in.
**N.B. Subsequent corrigendum/addendum if required shall be available in the website as indicated above.**

Sd/-
Divisional Forest Officer
Chilika Wildlife Division, Balugaon
OIPR-8001/8015/1/26-27/0002

34001/651/2627
E-mail ID: eepwd765017@gmail.com
Phone-(06856)233066

Government of Odisha
**"E" Procurement Notice**
**OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO -II**

**Bid Identification No: RC (RANDB) RGD NO-II 08/2026-27 (Online tender)**

No 2348 Dated 12/08/26

1. Total No. of the works :- **02** no Work (**Double cover System**)
2. Approximate estimated Cost: - **Rs 84.61** Lakhs to **84.72** lakhs
3. Period of completion :- **02 (Two)** Calendar months
4. Date & Time of availability of bid document in the portal:- **11.00 Hrs.** of dated **28.08.2026** to **17.00 Hrs.** of dated **10.09.2026** for online bidding.
5. Last Date/time for receipt of bids in the portal: - Up to **17.00 Hrs.** of dated **10.09.2026**
6. Name and address of the officer inviting BID: - **Superintending Engineer, Rayagada (R&B) Division No-II**
7. Date of opening of Technical Bid at **11.00 Hours** on dated **11.09.2026**
8. Further details can be seen from the e-Procurement portal: **www.tendersodisha.gov.in.**
9. Further Addendum/Corrigendum if any will be hosted in the above website only.

Superintending Engineer
Rayagada (R&B) Division No-II
Dated 12/08/26
OIPR-34001/34139/1/26-27/0007

**PANCHAYAT SAMITI OFFICE, NUAGAON**
INVITATION FOR BIDS
**Bid Identification No. BDO/NGN/01/2026-27**
**Letter No. 1987 / Dt. 21.08.2026** 19001/214/2627

The PANCHAYAT SAMITI OFFICE, NUAGAON on behalf of the Govt. of Odisha invites **Percentage Rate** bids in **Double cover system** on online Mode. Bid Identification No. **BDO/NGN/01/2026-27** for 01 nos. Civil work with value of **Rs. 70.64 Lakh.**

1. Bid documents will be available in website www.tendersorissa.gov.in from 21.08.2026.
2. Bids must be submitted on "online" on or before 17.09.2026 by 17:00 hours.
3. Bids shall be opened at 11:00 hours on 18.09.2026 in the office of the undersigned in the presence of the bidders or their authorized agents.
4. Other details will be available in the web site tendersorissa.gov.in

Block Development Officer
Nuagaon
OIPR-19001/19358/1/26-27/0001

25001/1023/2627
**OFFICE OF THE SUPERINTENDING ENGINEER, RWS&S DIVISION, BARAGADA**
Infront of Government ITI, Baragada-768028
Ph-06646-233220 (O) 234626 (FAX)
E-mail:- eerwss_bgh@nic.in
eerwssBaragada@gmail.com

No. **2268** Date **20.08.2026**

**Quotation Call Notice**

The Superintending Engineer, RWS&S Division, Baragada on behalf of the Governor of Odisha invites sealed Quotation from the Reputed Firms/Agencies/Manufacturer for Supplying, Erection, Testing & Commissioning of R.O Based Defluoridation & Water Treatment Drinking Water Station Capacity $2M^3$/Hour including one year Maintenance cost on Trunkey basis in different places of different villages under Baragada District as per Annexure "A", "B", "C" and "D" for finalization of rate.

1. **Date of receipt of the Quotation (Tender Box /Postal):- Dt. 28.08.2026** to **Dt. 17.09.2026** up to 5.00 P.M
2. **Last Date of receipt of the Quotation (Tender Box /Postal):- Dt. 17.09.2026** up to 5.00 P.M
3. **Date & time of Opening of Quotation: - Dt. 18.09.2026 at 11.00 A.M.**
4. **Estimated Cost for Single Unit is 18.83 Lakhs (Approximate)**
5. **Name and address of the Officer Inviting Quotation: -** Superintending Engineer, RWS&S Division, Baragada, District:- Baragada.

Further details (Annexure A, B, C & D) can be collected from office of the Superintending Engineer, RWS&S Division Baragada. The authority reserves the right to reject any or all the tenders without assigning any reason thereof.

Superintending Engineer
RWS&S Division, Baragada
OIPR-25001/25018/1/26-27/0006

**OFFICE OF THE SUPERINTENDING ENGINEER** 34001/699/2627
**DEBAGADA (R&B) DIVISION, DEBAGADA**

Letter No. **3085** Date. **24.08.2026**

**1st Corrigendum**

Tender Reference No. SE PWD DGR No. 05 of 2026-27

1. The availability of bid documents in of the mentioned below works will be from **Dt. 03.09.2026 to 17.00 PM of 17.09.2026** instead of **Dt. 24.08.2026** to 17.00 Hours of **07.09.2026.**
2. The technical bids will be opened at **11.30 Hours of 18.09.2026** instead of **08.09.2026.**

| Sl No | Name of Work | Name of the road with details chainages | Approximate value of work (In Lakhs) | Amount of Bid security | Cost of Bid document | Period of completion | Class of Bidder |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | Short Term Maintenance Contract (STMC) work for 03 Nos. road for a length 24.866 Km under Debagada (R&B) Division ( Package-1) | Kundheigola to Baghabar road via, Kurodposhi-Jharaberni, Tugamal from Ch. 0/000 Km to 4/500 Km; Kundheigola to Utunia road via Khandadhuan from 0/000 Km to 12/183 Km; Aunli to Tutabariroad from 0/000 Km to 8/183 km | Rs. 74.46 | Rs.74,500.00 | Rs. 10,000/- | 12 (Twelve) Calendar months | "B" Class Contractor |

Superintending Engineer
Debagada (R&B) Division
OIPR-34001/34061/1/26-27/0006

# ଧାନ ମହଜୁଦ ରଖିବାକୁ ସ୍ଥାନ ନାହିଁ

**ଭବାନୀପାଟଣା, ୨୫।୮ (ସମିସ)**

କଳାହାଣ୍ଡି ଜିଲ୍ଲାରେ ଚାଷୀ ପଞ୍ଜିକରଣ ବ୍ୟବସ୍ଥା ୭୪ଟି ପାକ୍ସ ଅଧୀନରେ କରାଯାଉଛି। ଆଜି ସୁଦ୍ଧା ଜିଲ୍ଲାର ୬୫, ୩୬୭ ଜଣ ଚାଷୀ ପଞ୍ଜୀକରଣ କରିଥିବା ସରକାରୀ ରିପୋର୍ଟରୁ ଜଣାଯାଇଛି। ଗତ ଖରିଫରେ ୨୧, ୧୮୧ ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ। ରାଜ୍ୟର ବରଗଡ଼ ପରେ କଳାହାଣ୍ଡି ଧାନ ଉତ୍ପାଦନ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ତେବେ ସରକାର ଘା ' ଗୋଟିଏ ସ୍ଥାନରେ ମଲମ ଲଗାଉଛନ୍ତି ଅନ୍ୟସ୍ଥାନରେ। କଳାହାଣ୍ଡି ଜିଲ୍ଲାର ୧୦୨ଟି ମିଲ୍‌ରେ ଗତ ଖରିଫ ଓ ରବି ଧାନ ୭୬ଲକ୍ଷ ୫୦ହଜାର କ୍ୱିଣ୍ଟାଲ ଧାନ ମହଜୁଦ ରହିଛି। ଏଫସିଆଇରୁ ଚାଉଳ ଉଠୁନାହିଁ। କୌଣସି ମିଲ୍‌ରେ ଧାନ ଷ୍ଟକ୍ ରଖିବାକୁ ସ୍ଥାନ ନାହିଁ। ପଞ୍ଚାୟତରେ ମଧ୍ୟ ସବୁ ଗୋଦାମରେ ଚାଉଳ ଭର୍ତ୍ତି। ଏଫ୍ ସି ଆଇରୁ ଚାଉଳ ଲିଫ୍ଟ ହେଉନାହିଁ। ଧାନ ରଖିବାକୁ ଜିଲ୍ଲାରେ ସ୍ଥାନ ନାହିଁ। ଏଭଳି ସମସ୍ୟାର ସମାଧାନ ଚିନ୍ତା ଡବଲଇଞ୍ଜିନ ସରକାର ପ୍ରାଥମିକତା ନେଦେଇ ଚାଷୀଙ୍କୁ ପଞ୍ଜୀକରଣର ପାଠ ପଢ଼ାଇ ମୂଳସମସ୍ୟା ଠାରୁ ସରକାର ଦୂରେଇ ରହିଛନ୍ତି। ଆଉ ଦୁଇ ମାସ ପରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଯିବ। ଦୁଇ ମାସରେ ଜିଲ୍ଲାର ଏମଡିଏମ ଚାଉଳର ଆବଶ୍ୟକତା ଅନୁଯାୟୀ ୬ଲକ୍ଷ କ୍ୱିଣ୍ଟାଲ ଖାଲି ହେବାପରେ ଆଉ ୭୦ଲକ୍ଷ କ୍ୱିଣ୍ଟାଲ ଧାନର ଅବସ୍ଥା କିଏ ବୁଝିବ ତାହା ହିଁ ବଡ଼ ପ୍ରଶ୍ନ। ଅନ୍ୟପକ୍ଷରେ ଚଳିତବର୍ଷ ସରକାରଙ୍କ ଧାନବିକ୍ରି ପଞ୍ଜୀକରଣ ପାଇଁ ନୂତନ ଗାଇଡ୍‌ଲାଇନ ଚାଷୀମାନଙ୍କୁ ଘୋର ସମସ୍ୟାର ସମ୍ମୁଖୀନ ହେବାକୁ ବାଧ୍ୟକରିଛି। ଅନ୍ୟପଟେ ଆସନ୍ତା ୩୧ତାରିଖ ଧାନବିକ୍ରି ପଞ୍ଜୀକରଣ ପ୍ରକ୍ରିୟା ସରିଯିବ। ଏହାକୁନେଇ ଏବେଠାରୁ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି।

**୧୯ଦିନରେ ୬୫, ୩୬୭ ଜଣ ଚାଷୀ ପଞ୍ଜିକୃତ**

**ପ୍ରଥମରୁ ପଞ୍ଜୀକରଣକୁ ନେଇ ସରକାର ଚାଷୀଙ୍କୁ ଭ୍ରମିତ କଲେ**

ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲ୍ଲାରେ ପ୍ରତି ୬ ମାସରେ ଥରେ ଅର୍ଥାତ୍ ଉଭୟ ରବି ଓ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଧାନବିକ୍ରି ପଞ୍ଜୀକରଣ ହୋଇ ଆସୁଛି। ଚାଷୀ ଚାଷକାର୍ଯ୍ୟ ଆରମ୍ଭ କଲାମାତ୍ରେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଏଥିପାଇଁ ନିର୍ଦ୍ଦିଷ୍ଟ ସମୟସୀମା ରହିଥାଏ। ଫଳରେ ଚାଷୀ ଚାଷକାର୍ଯ୍ୟ ଆରମ୍ଭ କରିବ ନା ପଞ୍ଜୀକରଣ ପାଇଁ ବାରମ୍ବାର ଦୌଡ଼ୁଥିବ ? ଚାଷ କାର୍ଯ୍ୟ ଆରମ୍ଭରୁ ସେହି ଚିନ୍ତା ଚାଷୀମାନଙ୍କୁ ଘାରିଥାଏ। କାରଣ ପଞ୍ଜୀକରଣ ନ ହେଲେ ଧାନବିକ୍ରି ସମସ୍ୟା ଉପୁଜିବ। ତେଣୁ ବାଧ୍ୟହୋଇ ଚାଷୀମାନେ ଚାଷକାର୍ଯ୍ୟକୁ ପଛରେ ପକାଇ ପଞ୍ଜୀକରଣରେ ଲାଗି ପଡ଼ିଥାନ୍ତି। ଏହି କ୍ରମରେ ପୂର୍ବବର୍ଷ ଭଳି ଏଥର ମଧ୍ୟ ଚାଷୀମାନେ ପଞ୍ଜୀକରଣ ପାଇଁ ଆଗେଇ ଆସିଥିଲେ। ଗତ ୬ତାରିଖରୁ ଜିଲ୍ଲାରେ ଖରିଫ ଧାନ ବିକ୍ରି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମରୁ ଏଗ୍ରିଷ୍ଟାକ୍ ଆଇଡ଼ି ଚାଷୀଙ୍କୁ ବ୍ୟଥିତ କରିଥିଲା। ବିଭାଗୀୟ କର୍ମଚାରୀମାନେ ପଞ୍ଜୀକରଣରେ ଏଗ୍ରିଷ୍ଟାକ୍ ଆଇଡ଼ିକୁ ବାଧ୍ୟତାମୂଳକ କହିଥିଲେ। ଫଳରେ ପଞ୍ଜୀକରଣ କରିବାକୁ ଯାଇ ଅନେକ ଚାଷୀଙ୍କୁ ପାକ୍ସରୁ ନିରାଶ ହୋଇ ଘରକୁ ଫେରିବାକୁ ପଡ଼ିଥିଲା। ସେହିପରି ବିଭିନ୍ନସ୍ଥାନରେ ବିଦ୍ୟୁତ୍ ବିଲ୍ ଚାଷୀମାନଙ୍କୁ ପଞ୍ଜୀକରଣରେ ଅଡୁଆ ସାଜିଥିବାବେଳେ ପାକ୍ସ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ସମଗ୍ର ପ୍ରକ୍ରିୟାର ବାଧକ ସାଜିଥିବା କୁହାଯାଉଛି। ପଞ୍ଜୀକରଣ ୫୦% ହୋଇଥିବାବେଳେ ଆହୁରି ୭୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣ ଅପେକ୍ଷାରେ ରହିଛନ୍ତି।

### ବଡ଼ଧରଣର ଡକାୟତି ଘଟଣାର ପର୍ଦ୍ଦାଫାସ

## ଲକ୍ଷାଧିକ ଟଙ୍କା, ସୁନା, ରୁପା ଜବତ; ୬ ଗିରଫ



**କେସିଙ୍ଗା, ୨୫।୮ (ସମିସ):** ଗତ ଜୁଲାଇ ୨୧ ତାରିଖରେ କେସିଙ୍ଗା ୱାର୍ଡ ନଂ ୩ର ବ୍ୟବସାୟୀ ପୁନମ ଅଗ୍ରୱାଲଙ୍କ ଘରୁ ବଡ଼ ଧରଣର ଡ଼କାୟତି ହୋଇଥିଲା। ଏହି ଘଟଣାର ପ୍ରାୟ ମାସେ ପରେ ମଙ୍ଗଳବାର ଡକାୟତି ଘଟଣାର ପର୍ଦ୍ଦାଫାସ କରିଛି କେସିଙ୍ଗା ପୁଲିସ। ଗିରଫ ହୋଇଥିବା ଡ଼କାୟତମାନେ ହେଲେ ଗ୍ୟାଙ୍ଗର ମୁଖ୍ୟ କଳାହାଣ୍ଡି ଜିଲ୍ଲା କେସିଙ୍ଗା ୱାର୍ଡ ନଂ ୩ ର ନରେଶ ତାଣ୍ଡି(୨୭), ରାୟଗଡ଼ା ଜିଲ୍ଲା ଆରକେ ନଗରର ରବିଶଙ୍କର ମହାନନ୍ଦିଆ(୩୩), ରାହୁଲ ସାମଲ(୨୩), ପ୍ରମି ଶ୍ରୀକାନ୍ତ (୩୨), ତେଜପ ଓରଫ୍ ଅଜିତ ନାଏକ (୨୭)। ଅନ୍ୟଜଣେ ରାୟଗଡ଼ା ଜିଲ୍ଲାର କୋଟାପେଟା ଦୀପସାହି ଗ୍ରାମର ହୁଇକା ଦୂତୀଆ(୨୯) ବୋଲି କଳାହାଣ୍ଡି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାଗରାଜ୍ ଦେବରକୋଣ୍ଡା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେମାନଙ୍କଠାରୁ ୭୨ ଗ୍ରାମ ସୁନା, ୧୧୩୮ ଗ୍ରାମ ରୁପା ଓ ନଗଦ ୨ଲକ୍ଷ ୭୦ ହଜାରଟଙ୍କା ଜବତ ହୋଇଛି। ସାମ୍ବାଦିକ ସମ୍ମିଳନୀରେ କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀ, ଥାନା ଅଧିକାରୀ ଜୀତେନ୍ଦ୍ର ବିଶ୍ୱାଳଙ୍କ ସମେତ କେସିଙ୍ଗାଥାନାର ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

## ୨୫ ଲିଟର ଦେଶୀ ମଦ, ବାଇକ୍ ଜବତ ; ୨ ଗିରଫ



**କୋକସରା, ୨୫।୮ (ସମିସ):** କୋକସରା ଅବକାରୀ ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଦେଶୀ ହାତରନ୍ଧା ମଦ ଓ ଗୋଟିଏ ବାଇକ୍ ଜବତ କରାଯିବା ସହ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଧର୍ମଗଡ଼ ଅବକାରୀ ଇନ୍ସପେକ୍ଟର ଅରୁଣ କୁମାର ଯୋଷୀଙ୍କ ନେତୃତ୍ୱରେ ଅବକାରୀ ଟିମ୍ ଖଲିଗଡ଼, ଡେଙ୍ଗାଗୁଡ଼ା ଓ କୁଲେରଗୁଡ଼ା ଆଦି ଗ୍ରାମରେ ଚଢ଼ଉ କରିଥିଲେ। ଏହି ସମୟରେ ଖଲିଗଡ଼ ନୂଆପଡ଼ାର ଜୟରାମ ମାଝୀ (୪୦)ଙ୍କ ଠାରୁ ୧୦ ଲିଟର ଦେଶୀ ମଦ ଏବଂ କୁଲେରଗୁଡ଼ା ଗ୍ରାମର କମଳନାଥ ମାଝୀ (୨୭)ଙ୍କ ଠାରୁ ୧୫ ଲିଟର ଦେଶୀ ମଦ ସହ ଗୋଟିଏ ବାଇକ୍ ଜବତ କରାଯାଇଥିଲା। ଏହି ସମୟରେ ଧର୍ମଗଡ଼ ତହସିଲଦାର ସମ୍ପଦ ମାଝୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଉପସ୍ଥିତ ରହିଥିବାବେଳେ ଚଢ଼ାଉରେ ଧର୍ମଗଡ଼ ଅବକାରୀ ଇନ୍ସପେକ୍ଟର ଶ୍ରୀ ଯୋଷୀଙ୍କ ସମେତ କୋକସରା ଅବକାରୀ ଥାନା ଓଆଇସି ଗୁପ୍ତେଶ୍ୱର ପଟେଲ, କନେଷ୍ଟବଳ ଖୁସିଦେବ କଟା, ମହାଦେବ ମାଝୀ ଓ ପ୍ରିୟମ୍ବଦା ଜେନା ପ୍ରମୁଖ ସାମିଲ ଥିଲେ।

## ବୋଡ଼େନ ବ୍ଲକରେ ମୋବାଇଲ ନେଟୱାର୍କ ସମସ୍ୟା

**ଖଡ଼ିଆଲ, ୨୫।୮ (ସମିସ):** ନୂଆପଡ଼ା ଜିଲ୍ଲାର ବୋଡେନ ବ୍ଲକର ୧୫ଟି ପଞ୍ଚାୟତରେ ମୋବାଇଲ ନେଟୱାର୍କ ସମସ୍ୟା ଲାଗି ରହିଛି। ବିଭିନ୍ନ କମ୍ପାନୀର ମୋବାଇଲ ନେଟୱର୍କ ଉପଲବ୍ଧ ଥିଲେ ମଧ୍ୟ ଅଧିକାଂଶ ସ୍ଥାନରେ ନେଟୱର୍କ ଦୁର୍ବଳ ରହୁଥିବା ସହ ୪ଜି ଡାଟା ଠିକ୍ ଭାବେ ଚାଲୁ ନ ଥିବା ଅଭିଯୋଗ ହେଉଛି। ଏହାଫଳରେ ବୋଡ଼େନ ବ୍ଲକବାସୀ ବିଭିନ୍ନ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ପ୍ରାୟ ସମସ୍ତ ସରକାରୀ କାର୍ଯ୍ୟ ଅନଲାଇନ ମାଧ୍ୟମରେ ସମ୍ପାଦିତ ହେଉଥିବାରୁ ଦୁର୍ବଳ ନେଟୱର୍କ ଯୋଗୁଁ ଲୋକଙ୍କୁ ଅନଲାଇନ ଆବେଦନ, ବିଭିନ୍ନ ସରକାରୀ ସେବା ଓ ଡିଜିଟାଲ କାର୍ଯ୍ୟ କରିବାରେ ସମସ୍ୟା ହେଉଛି। ଛାତ୍ରଛାତ୍ରୀ, ଚାକିରି ଆଶାୟୀ, ବ୍ୟବସାୟୀ ଓ ସାଧାରଣଲୋକେ ମଧ୍ୟ ଏଥିରେ ପ୍ରଭାବିତ ହେଉଛନ୍ତି। ବ୍ଲକର ଦୁର୍ଗମ ଓ ଜଙ୍ଗଲ ଅଞ୍ଚଳରେ ଏହି ସମସ୍ୟା ଅଧିକ ଗୁରୁତର ଥିବା ଜଣାପଡ଼ିଛି। ତେଣୁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ଟେଲିକମ୍ କମ୍ପାନୀମାନେ ଏଥିପ୍ରତି ଦୃଷ୍ଟିଦେଇ ନେଟୱର୍କ ସମସ୍ୟାର ଯାଞ୍ଚକରି ଶୀଘ୍ର ସମାଧାନ କରିବାକୁ ବୋଡେନବାସୀ ଦାବି କରିଛନ୍ତି।

## ଡିଇଓ ଅଫିସ କ୍ୟାସିୟର ଅରବିନ୍ଦ ପଣ୍ଡାଙ୍କ ଅକାଳ ବିୟୋଗ

**ଭବାନୀପାଟଣା, ୨୫।୮ (ସମିସ):** କଳାହାଣ୍ଡି ଜିଲ୍ଲା ସମଗ୍ର ଶିକ୍ଷା ପ୍ରକଳ୍ପ ଅଫିସରେ କାର୍ଯ୍ୟରତ କ୍ୟାସିୟର(କୋଷାଧ୍ୟକ୍ଷ) ଅରବିନ୍ଦ ପଣ୍ଡା (୫୬)ଙ୍କ ହୃଦ୍‌ଘାତରେ ମଙ୍ଗଳବାର



ପୂର୍ବାହ୍ନରେ ପରଲୋକ ହୋଇଯାଇଛି। ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପରଲୋକ ଖବର ଶୁଣି ଜିଲ୍ଲା ଶିକ୍ଷାଅଧିକାରୀ ରାଧାକାନ୍ତ ଛତ୍ରି ସମେତ ସମସ୍ତ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ, ସମଗ୍ର ଶିକ୍ଷାର ସୌମେନ୍ଦ୍ର ପଟ୍ଟନାୟକ, ପ୍ରଭାତ ସାହୁ, ଲଳିତ ମୋହନ, ସାଧୁସରନ ପ୍ରସାଦ, ପ୍ରଭାକର ପ୍ରଧାନ, ଶ୍ରଦ୍ଧାଞ୍ଜଳି ଦାଶ, ଲିପିକା ଅପରାଜିତା ବିଶ୍ୱାଳ ପ୍ରମୁଖ ଶୋକ ପ୍ରକାଶ କରିଥିଲେ।

## ଅନ୍ତର୍ଲା-ସାହାଜବାହାଲି ରାସ୍ତା ଶୋଚନୀୟ



**ଗୋଲାମୁଣ୍ଡା, ୨୫।୮ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ନକଟିକାନୀ ପଞ୍ଚାୟତ ଅନ୍ତର୍ଗତ ଅନ୍ତର୍ଲା ଗ୍ରାମରୁ ସାହାଜବାହାଲି ପଡ଼ାକୁ ସଂଯୋଗ କରୁଥିବା ରାସ୍ତା ଦୀର୍ଘଦିନ ହେଲା ଶୋଚନୀୟ ହୋଇପଡ଼ିଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲଖମା ହେବା ସହ ବର୍ଷା ପାଣି ଜମି ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏହି ରାସ୍ତା ଉପରେ ଛାତ୍ରଛାତ୍ରୀ, ଚାଷୀ ଓ ସ୍ଥାନୀୟ ଲୋକେ ଦୈନନ୍ଦିନ ଯାତାୟାତ ପାଇଁ ନିର୍ଭର କରୁଥିବାରୁ ଦୁରବସ୍ଥା ଯୋଗୁଁ ଦୁର୍ଘଟଣାର ଆଶଙ୍କା ମଧ୍ୟ ରହିଛି। ପୂର୍ବରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ଅଧୀନରେ ଉନ୍ନୟନ କାର୍ଯ୍ୟପାଇଁ ପାଣ୍ଠିଥିବା ସତ୍ତ୍ୱେ ରାସ୍ତା ଦୀର୍ଘଦିନ ଅବହେଳିତ ରହିବାକୁ ନେଇ ପଞ୍ଚାୟତ ପ୍ରଶାସନର ଭୂମିକା ଉପରେ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ତେବେ ଏନେଇ ପଞ୍ଚାୟତ ପ୍ରଶାସନର ପକ୍ଷ ମିଳିପାରିନାହିଁ। ତୁରନ୍ତ ଖାଲଖମା ପୂରଣ ସହ ରାସ୍ତାର ଆବଶ୍ୟକ ମରାମତି ଓ ଦୀର୍ଘମିଆଦୀ ଉନ୍ନତୀକରଣ ପାଇଁ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭୁଲିଯାଇଥିବା ଖାଦ୍ୟ ଓ ଅବହେଳିତ ଫସଲ ଉପରେ ସଚେତନତା



**କୋମନା, ୨୫।୮ (ସମିସ):** କୋମନା ବ୍ଲକ ଅଧୀନ ଜିତାମିତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭୁଲିଯାଇଥିବା ଖାଦ୍ୟ ଓ ଅବହେଳିତ ଫସଲର ପୁନରୁଦ୍ଧାର ଏବଂ ସ୍ଥାୟୀ ତିବ୍ରୀକରଣ ଯୋଜନା ଅଧୀନରେ ଏକ ବିଦ୍ୟାଳୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧାନଶିକ୍ଷକ ନବୀନ କୁମାର ମେହେରଙ୍କ ସଭାପତିତ୍ୱରେ କୃଷି ଅଧିକାରୀ ସଙ୍ଗୀତା ମେହେର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ବିରଞ୍ଚି ନାରାୟଣ ମହାପାତ୍ର ଯୋଗଦେଇ ଥିଲେ। କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଉମା ପ୍ରଧାନ ଏବଂ ଅନୁଜ କୁମାର ରୟ ଯୋଗଦେଇ ଭୁଲିଯାଇଥିବା ଖାଦ୍ୟ ଓ ଅବହେଳିତ ଫସଲର ଗୁରୁତ୍ୱ, ପୁଷ୍ଟିଗୁଣ, ପାରମ୍ପରିକ ଓ ସାଂସ୍କୃତିକ ମହତ୍ତ୍ୱ, ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ। ଏଥିରେ ୩୫୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲା ସଂଯୋଜକ ସୌମ୍ୟ ପଣ୍ଡା ଓ ଶିକ୍ଷକ-ଶିକ୍ଷୟିତ୍ରୀ ଧନ୍ୟବାଦ ଦେଇଥିଲେ।

## ଖଲିଗଡ଼ରେ ସମ୍ପନ୍ନ ହେଲା ମା’ ପାଟରାଣୀଙ୍କ ଯାତ୍ରା

**କୋକସରା, ୨୫।୮ (ସମିସ):** କଳାହାଣ୍ଡି ଜିଲ୍ଲାରେ ଦେବାଦେବୀଙ୍କ ପ୍ରତି ଲୋକଙ୍କର ରହିଛି ଅପୂର୍ବ ଭକ୍ତି ଓ ପ୍ରଗାଢ଼ ବିଶ୍ୱାସ। ଚାଷକାର୍ଯ୍ୟ ପ୍ରଥମ ପର୍ବ ‘ବିହନ ଛିନା’ଠାରୁ ଆରମ୍ଭ କରି ଅମଳ ପର୍ଯ୍ୟନ୍ତ ଏଠାରେ ବିଭିନ୍ନ କୃଷି ଭିତ୍ତିକ ପର୍ବପର୍ବାଣି ପାଳିତ ହୋଇଥାଏ। ଏହି କ୍ରମରେ କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତର ଅଦିବାସୀ ବହୁଳ ଖଲିଗଡ଼ ଗ୍ରାମରେ ଗାଁର ଶାନ୍ତି, ମଙ୍ଗଳ, ଉତ୍ତମ ବର୍ଷା ଓ ଭଲ ସଫଳ ହେବା ଆଶା ନେଇ ପାଳିତ ହୋଇଯାଇଛି ମା’ ପାଟରାଣୀଙ୍କ ଯାତ୍ରା। ମଙ୍ଗଳବାର ସକାଳୁ ଗ୍ରାମବାସୀ ଶ୍ରଦ୍ଧାର ସହ ମନ୍ଦିର ଅଭିମୁଖେ ବାହାରି ପୂଜାର୍ଚ୍ଚନାରେ ଭାଗ ନେଇଥିଲେ। ମା’ ପାଟରାଣୀଙ୍କ ସମେତ ଦେବୀ କପାଟଦରେନ୍, କୋଲାଜାନୀ, କଳାକଆଁର, ବାଆଦୀ କଆଁର, ସାତ ଭଉଣୀ ଓ ଜଳ କାମହିନି ଆଦି ଦେବାଦେବୀଙ୍କଠାରେ ବିଶେଷ ପୂଜାର୍ଚ୍ଚନା କରାଯାଥିଲା। ଏହାପରେ ଦେବାଦେବୀଙ୍କୁ ତେଲ ହଳଦି ଅର୍ପଣ କରାଯାଇଥିଲା। ପୂଜାକୁ ପୂଜକ ମାନସିଂ ପୁଝାରୀ ଓ ଧନେଶ୍ୱର ପୁଝାରୀ, ଶିରା ନରସିଂ ଚଲାନ ଓ ନବେ ମାଝୀ ସମ୍ପାଦନ କରିଥିଲେ। କୃଷିଭିତ୍ତିକ ଏହି ପର୍ବର ଗୌନ୍ତିଆ ଗୋବର ମାଝୀ, ଗଣା ଖଗେଶ୍ୱର ମହାନନ୍ଦ, ସେବକ ରାମସିଂ ବାଗ, ବିଭୀଷଣ ନାଏକ ଓ ଭୁବନେ ଲଦୂଆଙ୍କ ସମେତ ପରିଚାଳନା କମିଟିର ପଦୁ ନାଏକ, ପଦ୍ମନ ଚଲାନ, ବିରେନ କନ୍ଧ, ବନୁ ମାଝୀ, ସୁକଚନ୍ ମାଝୀ, ତ୍ରିନାଥ ପୁଝାରୀ, ପୁରୁନ୍ କନ୍ଧ, ଜଗନ୍ନାଥ ପୁଝାରୀ, ଜୟସିଂଙ୍ଗ ମାଝୀ, ଅମୃରୁ ମାଝୀ, ଧର୍ମୁ ମାଝୀ, କୁମ ମାଝୀ ଓ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଶିକ୍ଷକ ନିଯୁକ୍ତି ଦାବି

## ବିଇଓ ଅଫିସ ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା



**ସିନାପାଲି, ୨୫।୮ (ସମିସ):** ଶିକ୍ଷକ ଅଭାବ ଯୋଗୁଁ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ କରି ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ବସି ପାଠ ପଢ଼ିଲେ କାପସି ଉପର ପ୍ରାଇମେରୀ ସ୍କୁଲର ଛାତ୍ରଛାତ୍ରୀ। ହାତରେ ବହି ଓ ଖାତା ଧରି ଛାତ୍ରଛାତ୍ରୀମାନେ ଶିକ୍ଷକ ନିଯୁକ୍ତି ଦାବି କରି ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏପରିକି ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କାହ୍ନୁ ଚରଣ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଧୀନ କାପସି ଉପର ପ୍ରାଇମେରୀ ସ୍କୁଲରେ ଦୀର୍ଘଦିନ ଧରି ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ଶ୍ରେଣୀ ଅନୁଯାୟୀ ନିୟମିତ ପାଠପଢ଼ା ହୋଇପାରୁ ନ ଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିବା ଜଣାପଡ଼ିଛି। ସମସ୍ୟାର ତୁରନ୍ତ ସମାଧାନ ଦାବିକରି ଛାତ୍ରଛାତ୍ରୀମାନେ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ବସି ବହି ଖୋଲି ପାଠ ପଢ଼ିଥିଲେ। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ଶିକ୍ଷକ ଅଭାବ ଯୋଗୁଁ ଶ୍ରେଣୀଗୃହରେ ନିୟମିତ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି। ପିଲାମାନଙ୍କ ଶିକ୍ଷା ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ସ୍କୁଲରେ ତୁରନ୍ତ ଶିକ୍ଷକ ନିଯୁକ୍ତି କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ସିନାପାଲି ଗୋଷ୍ଠୀ ଶିକ୍ଷାଧିକାରୀ କାହ୍ନୁ ଚରଣ ନାୟକଙ୍କୁ ପଚାରିବାରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ। ଏଥିପାଇଁ ଗ୍ରାମବାସୀଙ୍କୁ ସମୟ ଦିଆଯାଇଛି ବୋଲି ପ୍ରକାଶ କରିଥିଲେ। ଏହି ବିଦ୍ୟାଳୟଟି ଏଡେଡ ହୋଇଥିବା ବେଳେ ଏଠାରେ ଥିବା ଶିକ୍ଷକଙ୍କ ଅବସର ପରେ ଅନ୍ୟ ଶିକ୍ଷକ ନିଯୁକ୍ତି ହୋଇନାହିଁ। ଯାହାଫଳରେ ବିଦ୍ୟାଳୟଟି ବନ୍ଦ ରହିଛି। ସରକାରୀ ନିୟମ ଅନୁସାରେ ଶିକ୍ଷକ ଅବସର ପୂର୍ବରୁ ଶିକ୍ଷକ ନିଯୁକ୍ତି ନେଇ ଶିକ୍ଷାବିଭାଗ ପ୍ରକ୍ରିୟା ଆରମ୍ଭ କରିବା କଥା ହେଲେ କେଉଁଠି ଭୁଲ ପାଇଁ ଅବ୍ୟବସ୍ଥା ଦେଖା ଦେଇଛି।

### ଥୁଆମୂଳ ରାମପୁରରେ ବନ୍ୟା କ୍ଷୟକ୍ଷତି

## ଘର ଭୁଶୁଡ଼ିଲା; ଚାଷଜମିରେ ବାଲିଚର

**ଥୁଆମୂଳ ରାମପୁର, ୨୫।୮ (ସମିସ)**

ଗତ ୨୧ ଓ ୨୨ ତାରିଖରେ ଲଘୁଚାପଜନିତ ଲଗାଣ ବର୍ଷାରେ କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଅତ୍ୟଧିକ ବର୍ଷା ଯୋଗୁଁ ଅନେକ ଗରିବ ପରିବାରଙ୍କ ଚାଳ ଓ ମାଟି ଘରର କାନ୍ଥ ଭୁଶୁଡ଼ି ପଡ଼ିଥିବା ବେଳେ ବହୁ ଚାଷଜମି ବାଲିଚର ହୋଇ ଫସଲ ନଷ୍ଟ ହୋଇଛି। ଫଳରେ ଅନେକ ପରିବାର ଏବେ ଘର ମରାମତି କରିବା କିମ୍ବା ନୂଆ ଘର ତିଆରି କରିବା ନେଇ ଚିନ୍ତାରେ ପଡ଼ିଛନ୍ତି। ସରକାରୀସ୍ତରରେ କ୍ଷୟକ୍ଷତିର ଆକଳନ ପାଇଁ ଉଦ୍ୟମ ଜାରି ରହିଥିବା ସତ୍ତ୍ୱେ ଚୂଡ଼ାନ୍ତ ତଥ୍ୟ ଏପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ। ଅନ୍ୟପକ୍ଷରେ ଘରଦ୍ୱାର ହରାଇଥିବା ଗରିବ ପରିବାରଗୁଡ଼ିକ ତୁରନ୍ତ ସରକାରୀ ସହାୟତା ଦାବି କରିଛନ୍ତି। କାଣିଗୁମା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜୁବାଙ୍ଗ ଗ୍ରାମର ୭୦ ବର୍ଷୀୟ ଗରିବ ବୃଦ୍ଧ ଦେରୁ ମାଝୀ ଓ ତାଙ୍କ ସ୍ତ୍ରୀଙ୍କ ଚାଳମାଟି ଘରର ଗୋଟିଏ ପଟର କାନ୍ଥ ବର୍ଷାରେ ଭୁଶୁଡ଼ି ପଡ଼ିଛି। ଘରର ଏକ ଅଂଶ ଭାଙ୍ଗିଯିବା ପରେ ବୃଦ୍ଧ ଦମ୍ପତି କେଉଁଠି ଏବଂ କାହା ଘରେ ଆଶ୍ରୟ ନେବେ, ସେନେଇ ଚିନ୍ତାରେ ଅଛନ୍ତି। ସେହିପରି ପୋଡ଼ାପଦର ଗ୍ରାମ ପଞ୍ଚାୟତ ଅଧୀନ ତେନ୍ତୁଳିପଦର ଗାଁର ପଦ୍ମ ନାଏକଙ୍କ ଘରର କାନ୍ଥ ଓ ଆଜବେଷ୍ଟ ଭାଙ୍ଗି ପଡ଼ିଥିବା ଜଣାପଡ଼ିଛି। ବର୍ଷା ଯୋଗୁଁ ଘରଟି କ୍ଷତିଗ୍ରସ୍ତ ହେବା ପରେ ପରିବାରର ଦୁର୍ଦ୍ଦଶା ବଢ଼ିଛି। ଏହି ପଞ୍ଚାୟତ ଅଧୀନ ବାଗଡ଼ିଆଣି ଗାଁର ଅସହାୟ ବୃଦ୍ଧା ଶଶିମଣୀଙ୍କ ଘରର ମଧ୍ୟ ଗୋଟିଏ ପଟର କାନ୍ଥ ଭୁଶୁଡ଼ି ପଡ଼ିଛି। ଘର ଭାଙ୍ଗିଯିବା ପରେ ବର୍ଷା ଦିନରେ ତାଙ୍କ ପାଇଁ ଆଶ୍ରୟର ସମସ୍ୟା ଦେଖାଦେଇଛି। ତଳଆମ୍ବପଦର ଗ୍ରାମ ପଞ୍ଚାୟତ ଅଧୀନ ତୁଲବାଡ଼ି ଗ୍ରାମରେ ମଧ୍ୟ ବର୍ଷାର ପ୍ରଭାବ ଗୁରୁତର ହୋଇଛି। ଗ୍ରାମର ସୁରେନ୍ଦ୍ର ବାଗଙ୍କ ଘର ଭାଙ୍ଗିଯିବା ପରେ ସେ ପରିବାର ସହ ପଲିଥିନ ତାଙ୍କି ରହୁଥିବା ଜଣାପଡ଼ିଛି। ସେହିପରି ତୁଲବାଡ଼ି ଗ୍ରାମର ଭୈରବ ମାଝୀ ରୋଜଗାର ପାଇଁ କେରଳ ଯାଇଥିବାବେଳେ ଏପଟେ ତାଙ୍କ ମାଟି ଘରର କାନ୍ଥ ଭୁଶୁଡ଼ିପଡ଼ିଛି। ତାଙ୍କ ସ୍ତ୍ରୀ ଲବଣୀ ମାଝୀ ବର୍ତ୍ତମାନ ଅସହାୟ ଅବସ୍ଥାରେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିବା ଜଣାପଡ଼ିଛି। ଏହି ଗାଁର ଗୁରୁନାଥ ବାଗ ଓ ଅଖିଳ ନାଏକଙ୍କ ଘର ମଧ୍ୟ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ଏଥିସହ ତୁଣ୍ଡାମୁଇ ଗାଁର କାର୍ତ୍ତିକ ନାଏକଙ୍କ ଘର ସମେତ ପଞ୍ଚାୟତର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଘରଦ୍ୱାର, ଚାଷଜମି ଓ ଫସଲ କ୍ଷତିଗ୍ରସ୍ତ ହୋଇଥିବା ସ୍ଥାନୀୟ ସରପଞ୍ଚ ପ୍ରକାଶ ମାଝୀ ସୂଚନା ଦେଇଛନ୍ତି। ବର୍ଷା ଓ ବନ୍ୟାଜଳର ପ୍ରଭାବରେ ଜମିର ଉର୍ବର ମାଟି ନଷ୍ଟ ହେବା ସହ ଅନେକ ଚାଷୀ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷୟକ୍ଷତିର ସଠିକ୍ ଆକଳନ କରାଯାଇ କ୍ଷତିଗ୍ରସ୍ତ ପରିବାରଙ୍କୁ ନିୟମ ଅନୁସାରେ ଘରଭଙ୍ଗା ସହାୟତା, ପଲିଥିନ ଓ ଅନ୍ୟାନ୍ୟ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବାକୁ ଦାବି ହେଉଛି। ସେହିପରି କ୍ଷତିଗ୍ରସ୍ତ ଚା"ଷଜମି ଓ ଫସଲର ଆକଳନ କରି ଚାଷୀମାନଙ୍କୁ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ଦେବାକୁ ମଧ୍ୟ ଦାବି ଉଠିଛି।



**ସରକାରୀ ସହାୟତା ଅପେକ୍ଷାରେ କ୍ଷତିଗ୍ରସ୍ତ ପରିବାର**

## ନୂଆପଡ଼ାରେ ଜିଲ୍ଲା ଆପତକାଳୀନ ବୈଠକ



**ସିନାପାଲି, ୨୫।୮ (ସମିସ):** ଜିଲ୍ଲାରେ ଯେକୌଣସି ଆପତ୍‌କାଳୀନ ପରିସ୍ଥିତି ଓ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ପ୍ରସ୍ତୁତି, ବିଭାଗୀୟ ସମନ୍ୱୟ ଏବଂ ତ୍ୱରିତ ପଦକ୍ଷେପ ନେଇ ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଆପତ୍‌କାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଅତିରିକ୍ତ ଆରକ୍ଷୀଧିକ୍ଷକ ରଞ୍ଜିତ ନାୟକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, ଆସିଷ୍ଟାଣ୍ଟ ଡାଇରେକ୍ଟର ଫ୍ୟାକ୍ଟରିଜ୍ ଆଣ୍ଡ ବଏଲର୍ସ ସ୍ୱାଧୀନ କୁମାର ବେହେରା, ଡେପୁଟି କଲେକ୍ଟର ଶେଖ୍ ନସୀମ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାରେ ବିଭିନ୍ନ ପ୍ରକାରର ଆପତକାଳୀନ ପରିସ୍ଥିତି ଉପୁଜିଲେ ତାହାର ମୁକାବିଲା ପାଇଁ ଉପଲବ୍ଧ ସମ୍ବଳ, ଉପକରଣ, ମାନବ ସମ୍ବଳ ଓ ବିଭାଗୀୟ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ଆପତ୍ କାଳୀନ ପରିସ୍ଥିତିରେ ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ତ୍ୱରିତ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ କହିଥିଲେ। ବିଭିନ୍ନ ବିଭାଗ ନିଜ ନିଜ ଦାୟିତ୍ୱ ଅନୁଯାୟୀ ପ୍ରସ୍ତୁତ ରହିବା ସହ ଆପତ୍ କାଳୀନ ସମୟରେ ପରସ୍ପର ମଧ୍ୟରେ ଉତ୍ତମ ସମନ୍‌ୱୟ ରଖିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଆପତକାଳୀନ ପରିସ୍ଥିତିରେ ଉଦ୍ଧାର, ସ୍ଥାନାନ୍ତରଣ, ଚିକିତ୍ସା ସେବା, ଅଗ୍ନିଶମ ସେବା, ପୁଲିସ ସହାୟତା ଏବଂ ଆବଶ୍ୟକୀୟ ଜରୁରୀ ସେବା ଯୋଗାଇବା ସମ୍ପର୍କରେ ବିଭାଗୱାରୀ ପ୍ରସ୍ତୁତି ସମୀକ୍ଷା କରାଯାଇଥିଲା।

# ବରଗଡ଼ରେ ରାଜ୍ୟ ମହିଳା ଆୟୋଗଙ୍କ ଶିବିର ଅଦାଲତ



**ବରଗଡ଼, ୨୫।୮ (ସମିସ):** ବରଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଶିବିର ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିର ଅଦାଲତରେ ୨୪ଟି ମାମଲା ଶୁଣାଣି କରାଯାଇଥିଲା। ୧୧ଟି ମାମଲାର ଆପୋଷ ସମାଧାନ କରାଯାଇଥିବା ବେଳେ, ୬ଟି ମାମଲାକୁ ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀ ଏବଂ ୪ଟି ମାମଲାକୁ ସୁରକ୍ଷା ଅଧିକାରୀଙ୍କ ନିକଟକୁ ସମାଧାନ ପାଇଁ ପ୍ରେରଣ କରାଯାଇଛି। ଅବଶିଷ୍ଟ ୩ଟି ମାମଲାରେ ସମ୍ପୃକ୍ତ ପକ୍ଷମାନଙ୍କ ପୁନର୍ବାର ଉପସ୍ଥିତି ପାଇଁ ନୋଟିସ୍ ଜାରି କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀ, ଓଡ଼ିଶା ରାଜ୍ୟ ମହିଳା ଆୟୋଗର ସଦସ୍ୟା ମୁକ୍ତା ସାହୁ ଏବଂ ପ୍ରତିଭା ଶତପଥୀ, ଡିଏସପି ଶିପ୍ରା କୁମାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟାରାଣୀ ନେପାକ, ଆଇନ ଅଧିକାରୀ ଅରବିନ୍ଦ ପଟ୍ଟନାୟକ, ମାନ୍ୟବର ଅଧ୍ୟକ୍ଷାଙ୍କ ଷ୍ଟେନୋଗ୍ରାଫର ତଥା ଅନ୍ୟାନ୍ୟ ଅଧିକାରୀ ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

# ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଚାଷୀ

**ବରଗଡ଼, ୨୫।୮ (ସମିସ)**

ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ ଜୋର୍‌ସୋର୍‌ରେ ଚାଲିଥିବା ବେଳେ ଝାରବନ୍ଧ ଏବଂ ଡଭା ପ୍ରାଥମିକ କୃଷି ସମବାୟ ସମିତିରେ ଏହା ବାଧାପ୍ରାପ୍ତ ହୋଇଛି। ଗତ ୨୦ ଅଗଷ୍ଟ ରୁ ପଞ୍ଜୀକରଣ ପ୍ରାୟ ବନ୍ଦ ହୋଇଯାଇଛି। ଚାଷୀଙ୍କ ବିଭିନ୍ନ କିସମ ଜମିରୁ ଆଟ ସାଧାରଣ ପଞ୍ଜୀକରଣ ହୋଇପାରିବ ନାହିଁ ବୋଲି ଜିଲ୍ଲାପାଳ ଏକ ମୌଖିକ ଆଦେଶ ଜାରି କରିଥିବା ଜଣାପଡ଼ିଛି। ଏହି ସମସ୍ୟାକୁ ନେଇ ଝାରବନ୍ଧ ବ୍ଲକର ଏକ ଚାଷୀ ପ୍ରତିନିଧି ଦଳ ମଙ୍ଗଳବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ଝାରବନ୍ଧ ଏବଂ ଡଭା ପ୍ରାଥମିକ କୃଷି ସମବାୟ ସମିତିରେ ଆଟ ସାଧାରଣ ଜମି ପଞ୍ଜୀକରଣ ହେଉ ନାହିଁ। ଧାନ ବିକ୍ରି ପାଇଁ ଆରମ୍ଭରୁ କିଛିଦିନ ସୁରୁଖୁରୁରେ ପଞ୍ଜୀକରଣ ଚାଲିଥିବା ବେଳେ ଗତ ୨୦ରୁ ଏହା ବନ୍ଦ ହୋଇଯାଇଛି। ଜିଲ୍ଲାର ସମସ୍ତ ବ୍ଲକରେ ଆଟ ସାଧାରଣ ଜମି ପଞ୍ଜୀକରଣରେ କୌଣସି ଅସୁବିଧା ହେଉନଥିବା ବେଳେ ଝାରବନ୍ଧ ବ୍ଲକରେ କାହିଁକି ବ୍ୟତିକ୍ରମ ବୋଲି ଚାଷୀ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହି ବ୍ଲକରେ ମୋଟ ରୟତି ଜମିର ୮୦ ଭାଗ ହେଉଛି ଆଟ ସାଧାରଣ। ଗଭୀର ନଳକୂପ ଏବଂ ଚାକଧରା ଡ୍ୟାମ୍ କାରଣରୁ ବ୍ଲକର ଅଧିକାଂଶ ଜମି ଜଳସେଚନ ହୋଇପାରିଛି। ଯଦି ଆଟ ସାଧାରଣକୁ ପଞ୍ଜୀକରଣ କରାନଯାଏ ତାହେଲେ କୌଣସି ପଞ୍ଜୀକରଣ କରିପାରିବେ ନାହିଁ।



ଏହି ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ସାକ୍ଷାତ କଲାପରେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ଏଥିରେ ଜମି ପଞ୍ଜୀକରଣ ହେବ କି ନାହିଁ ଆସନ୍ତାକାଲି କହିବି ବୋଲି କହିଥିଲେ।

ଏହାକୁ ନେଇ ଜିଲ୍ଲାପାଳଙ୍କ ସହିତ ଜୟ କିସାନ ଆନ୍ଦୋଳନ ସାଧାରଣ ସମ୍ପାଦକ ହର ବଣିଆଁ, ଝାରବନ୍ଧ ଆଞ୍ଚଳିକ କୃଷକ ସଂଗଠନ ର ସଭାପତି କ୍ଷମାନିଧି ସାହୁ, ମନୋଜ ପ୍ରଧାନ, ହେମରାଜ ନାୟକ, ବାଲମୁକୁନ୍ଦ ନାଏକ, ମହେନ୍ଦ୍ର ସାହୁ, ଦେବରାଜ ବିଶ୍ୱାଳ, ଲଳିତ ପଟେଲ ଏବଂ ଭଜନ ସାଗର ଉପସ୍ଥିତ ଥିଲେ।

# ବିଏସ୍‌ଏଫ୍ ଯବାନଙ୍କ ଝିଅ ପଢ଼ିବେ ଡାକ୍ତରୀ ପାଠ



**ବରଗଡ଼, ୨୫।୮ (ସମିସ):** ବରଗଡ଼ ବ୍ଲକ ଅନ୍ତର୍ଗତ ବଗେଇବିରା ମାଟିର ଝିଅ ତଥା ସୀମା ସୁରକ୍ଷା ବଳ ରେ କାର୍ଯ୍ୟରତ ଯବାନ ଅର୍ଜୁନ ଷଣ୍ଢ ଓ ମାତା ଟିକିରାଣୀ ଷଣ୍ଢଙ୍କ ସୁପୁତ୍ରୀ ସୃଷ୍ଟି ପ୍ରିୟଦର୍ଶିନୀ ମେଡିକାଲ ଶିକ୍ଷା କ୍ଷେତ୍ରରେ ଏକ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ସେ ଏକାସାଙ୍ଗରେ ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାମୂଳକ ପରୀକ୍ଷା ନିଟ୍, ସିୟୁଇଟି ଏବଂ ଓୟୁଇଟିରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପାଇଁ ଦିଲ୍ଲୀର ବିଏସଏଫ୍ ମେଡିକାଲ ଅଫିସର (ଆଇଜି ଇନେଷ୍ଟର ଜେନେରାଲ ମେଡିକାଲ) ତାଙ୍କୁ ବିଶେଷ ଭାବେ ସମ୍ମାନିତ ଓ ପୁରସ୍କୃତ କରିଛନ୍ତି।

# ଆକ୍ରମଣ ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

**ପଦ୍ମପୁର, ୨୫।୮ (ସମିସ):** ଜଣେ ଯୁବକଙ୍କୁ ଖଣ୍ଡାରେ ହାଣିବା ଘଟଣାରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସୂର୍ଯ୍ୟ ନାରାୟଣ ଦ୍ୱିବେଦୀ ୨୧ ଜଣ ସାକ୍ଷୀ ଓ ପ୍ରମାଣ ଆଧାରରେ ଅଭିଯୁକ୍ତ ଦିନେଶ ରାଓଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପ୍ରତ୍ୟେକ ଦଫାରେ ୭ ବର୍ଷ (ଆର୍‌ଆଇ) କାରାଦଣ୍ଡାଦେଶ ଏବଂ ୨୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଆଉ ୬ ମାସ କାରାଦଣ୍ଡର ନିର୍ଦ୍ଦେଶ ରହିଛି। ଦିନେଶ ଛଡ଼ା ଅନ୍ୟ ସମସ୍ତ ଅଭିଯୁକ୍ତ ଅନୁପସ୍ଥିତ ଥିବାରୁ ସେମାନଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଛି।

ସୂଚନାଯୋଗ୍ୟ ଯେ, ଗତ ୨୦ ମେ' ୨୦୨୫ରେ ନବୋଦୟ ବିଦ୍ୟାଳୟ ରାସ୍ତା ନିକଟରେ ସୋନୁ ବାରିକଙ୍କୁ ଦୀନେଶ ରାଓ, ନଭ ଚାନ୍ଦ, ନିଲୁ ତାଣ୍ଡି ଏବଂ ଲାଲା କୁମ୍ଭାର ଖଣ୍ଡାରେ ହାଣିଥିଲେ। ଏନେଇ ସୋନୁଙ୍କ ବାପା ଲୋକନାଥ ପାଇକମାଳ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ଓଆଇସି କୈଳାସ ଚନ୍ଦ୍ର ପ୍ରଧାନ (ଆଇଓ) ତଦନ୍ତ କରିଥିଲେ।

ଏହି ମାମଲାକୁ ହରେଶ କୁମାର ସୁନାନୀ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ପରିଚାଳନା କରିଥିଲେ। ଏହି ମାମଲାକୁ ଶ୍ରୀ ବେଣୁଲାଲ ପ୍ରଧାନ ଡେପୁଟି ଡାଇରେକ୍ଟର ତଦାରଖ କରୁଥିଲେ।

# ଗଙ୍ଗାଧର ସାହିତ୍ୟ ପ୍ରତିଯୋଗିତାର ପ୍ରବନ୍ଧ ଫଳ ପ୍ରକାଶିତ

**ବିଜେପୁର, ୨୫।୮ (ସମିସ):** ବରଗଡ଼ ଜିଲ୍ଲା ବିଜେପୁର ସ୍ଥିତ ଖଗେଶ୍ୱର ସାହିତ୍ୟ କଳା ପରିଷଦ ପକ୍ଷରୁ ଆୟୋଜିତ ବ୍ଲକସ୍ତରୀୟ ଗଙ୍ଗାଧର ସାହିତ୍ୟ ପ୍ରତିଯୋଗିତାର ପ୍ରବନ୍ଧ ଫଳ ପ୍ରକାଶ ପାଇଛି। ଆଦର୍ଶ ଚେତନାର କବି ଗଙ୍ଗାଧର ଶୀର୍ଷକ ଉଚ୍ଚ ପ୍ରାଥମିକ ବିଭାଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପରିଧି ସାହୁ, ଆଓଲିନା ସାୟନ୍ତିକା ସାହୁ, ଅଙ୍କିତ କୁମାର ପାଇକ ଯଥାକ୍ରମେ କୃତିତ୍ୱର ସହିତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି।

ମାଧ୍ୟମିକ ବିଦ୍ୟାଳୟ ପ୍ରବନ୍ଧ ପ୍ରତିଯୋଗିତାରେ ଓଡ଼ିଆ ଆଦର୍ଶ ବିଦ୍ୟାଳୟର ସ୍ମୁତିପର୍ଣ୍ଣା ଦାଶ, ପ୍ରିୟଙ୍କା ଦେବତା, ଅନୁଷ୍କା ସାହୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ଉଚ୍ଚ ମାଧ୍ୟମିକ ବିଭାଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସ୍ୱପ୍ନା ସୁନା ପ୍ରଥମ, ବିଜେପୁର ମହାବିଦ୍ୟାଳୟର ରୋଷନୀ ସାହୁ ଦ୍ୱିତୀୟ, ରେଡିଏନ୍ସ ଶିକ୍ଷାନୁଷ୍ଠାନର ଅର୍ପିତା ମେହେର ତୃତୀୟ ହୋଇଛନ୍ତି। ସେହିପରି ମହାବିଦ୍ୟାଳୟ ବିଭାଗରେ ବିଜେପୁର ମହାବିଦ୍ୟାଳୟର ସୋନାଲି ସାହୁ, ପ୍ରୀତି ସାହୁ, ଯଶୋଦା ସାହୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସମସ୍ତ ସଫଳ ପ୍ରତିଯୋଗୀଙ୍କୁ ଖଗେଶ୍ୱର ସାହିତ୍ୟ କଳା ପରିଷଦ ପକ୍ଷରୁ ଆଗାମୀ ୨୮ ରେ ପୁରସ୍କୃତ କରାଯିବ ବୋଲି ସମ୍ପାଦକ ରାଜେଶ୍ୱର ବେହେରା ସୂଚନା ଦେଇଛନ୍ତି।

# ଡୁମ୍ରେବାହାଲ ସ୍କୁଲରେ ଚାରାରୋପଣ




**ପାଇକମାଲ, ୨୫।୮ (ସମିସ):** ପାଇକମାଲ ବ୍ଲକ ଡୁମ୍ରେବାହାଲ ସ୍କୁଲ ପରିସରରେ ପ୍ରଧାନଶିକ୍ଷକ ହୃଷୀକେଶ ବାଗଙ୍କ ଅଧ୍ୟକ୍ଷତାରେ ଚାରାରୋପଣ କରାଯାଇଛି। ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ମାଁ ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଚାରାରୋପଣ କରିଥିଲେ। ମାଣ୍ଡୋସିଲ ସରପଞ୍ଚ ଓମ୍ ପ୍ରକାଶ ନାୟକ, ସିଆର୍‌ସିସି ବାସୁଦେବ କୁମ୍ଭାର, ପୂର୍ବତନ ଏସ୍‌ଏମ୍‌ସି ସଭାପତି ବନବାସ ସାହୁ ଓ ବର୍ତ୍ତମାନର ଏସ୍‌ଏମ୍‌ସି ସଭାପତି ସୁଶାନ୍ତ ଖୁମୁରୀ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ଏସ୍‌ଏମ୍‌ସି ସଭାପତି ବନବାସ ସାହୁ ଡୁମ୍ରେବାହାଲ ଗ୍ରାମରେ ପ୍ରସ୍ତାବିତ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ପାର୍ବତୀଗିରି ମହିଳା ମହାବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ

**ବରଗଡ଼, ୨୫।୮ (ସମିସ):** ପାର୍ବତୀଗିରି ମହିଳା ମହାବିଦ୍ୟାଳୟ ବରଗଡ଼ର କ୍ୟାରିୟର କାଉନସେଲ୍‌ଫ ପକ୍ଷରୁ ସାହୁ ବ୍ରଦର୍ସ ଏବଂ ସିଆଇଆଇ/ଏମସିସି ସମ୍ବଲପୁରର ସହଯୋଗରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ନନ୍ଦିନୀ ନିରୋଦ ପଣ୍ଡା ସଭାପତିତ୍ୱ କରଥିବାବେଳେ କ୍ୟାରିୟର କାଉନସେଲିଂ ଓ ପ୍ଲେସମେଣ୍ଟ ସେଲ୍‌ର ମୁଖ୍ୟ ଡଃ ଗାୟତ୍ରୀ ମିଶ୍ର ଅତିଥିମାନଙ୍କୁ ପରିଚୟ କରାଇବା ସହ ଶିକ୍ଷାନୁଷ୍ଠାନ ଓ ନିଯୁକ୍ତି ଅନୁଷ୍ଠାନ ମଧ୍ୟରେ ଥିବା ପାର୍ଥକ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ସାହୁ ବ୍ରଦର୍ସ ପକ୍ଷରୁ କନଭେନର ସାକେତ ଭୂଷଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାଇଡାନ୍ସ ଅଧିବେଶନର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ସମ୍ବଲପୁରର କେନ୍ଦ୍ରର ମୁଖ୍ୟ ରାହୁଲ ସାହୁ ଏହାର ଉପଯୋଗିତା ବିଷୟରେ ଆଲୋଚନା କରିଥିଲେ। କ୍ୟାରିୟର ପରାମର୍ଶଦାତା ସୁଶ୍ରୀ ପ୍ରଜ୍ଞା ପାରମିତା ମହାପାତ୍ର ଛାତ୍ରୀମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ କ୍ୟାରିୟର ସୁଯୋଗ, ନିଯୁକ୍ତି କ୍ଷେତ୍ର, ଦକ୍ଷତା ବିକାଶ, ବୃତ୍ତିଗତ ପ୍ରସ୍ତୁତି ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ବିସ୍ତୃତ ଦିଗ୍‌ଦର୍ଶନ ଦେଇଥିଲେ।

# ଟ୍ରାକ୍ଟର ଚକା ଚୋରି ଅଭିଯୋଗ

**ଭେଡେନ, ୨୫।୮ (ସମିସ):** ଭେଡେନ ବ୍ଲକ ଅନ୍ତର୍ଗତ ରେଶମ ଗ୍ରାମର ସାନୁଜ ପଧାନ ଘର ସାମ୍ନାରେ ରଖିଥିବା ଟ୍ରାକ୍ଟର ଚକା କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଭେଡେନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ତାଙ୍କ ଟ୍ରାକ୍ଟରର ୪ଟି ପଛ ବଡ଼ ଚକ ଘର ଆଗରେ ରଖିଥିଲେ। ସକାଳୁ ଦେଖିବାବେଳକୁ କେହି ଦୁର୍ବୃତ୍ତ ଚୋରି କରିନେଇଛି। ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ବିଜେପୁର ସିଏଚ୍‌ସିରେ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ



**ବିଜେପୁର, ୨୫।୮ (ସମିସ):** ଭିମସାର ବୁର୍ଲାର ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. ହେମନ୍ତ କୁମାର ପାଣ୍ଡିଆଙ୍କୁ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଭାବେ ଦାୟିତ୍ୱ ଦିଆଯାଇଛି। ସେ ବୁର୍ଲା ଏସ୍‌ଏନ୍‌ସିୟୁର ଇନ୍‌ଚାର୍ଜ ଭାବେ ଦୀର୍ଘଦିନ ଧରି ଦାୟିତ୍ୱ ସମ୍ପାଦନ କରିଆସୁଥିଲେ। ଏହି ପଦକ୍ଷେପ ପାଇଁ ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆଙ୍କୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ମୌଳିକ ସଂଖ୍ୟା ଓ ଭାଷାଜ୍ଞାନ ସର୍ଭେ କାର୍ଯ୍ୟକ୍ରମ

**ବରଗଡ଼, ୨୫।୮ (ସମିସ):** ସ୍ଥାନୀୟ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମୌଳିକ ସଂଖ୍ୟା ଓ ଭାଷାଜ୍ଞାନର ସର୍ବେକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସ୍‌ସିଇଆର୍‌ଟି ଭୁବନେଶ୍ୱର ଓ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ବରଗଡ଼ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ୨୪ ଓ ୨୫ ଦୁଇଦିନ ଧରି ଚାଲିବ। ତେବେ ଉକ୍ତ ସର୍ବେକ୍ଷଣରେ ଗୁରୁଛାତ୍ର ଶିକ୍ଷକ ସିପେନ୍ କୁମାର ନାୟକ ଉପସ୍ଥିତ ରହି ସମୀକ୍ଷା କରିଛନ୍ତି। ପ୍ରଥମ ଦିନରେ ୧୯ଜଣଙ୍କ ମଧ୍ୟରୁ ୬ ଜଣଙ୍କ ସଂଖ୍ୟାଜ୍ଞାନ ସମୀକ୍ଷା କରାଯାଇଛି। କାର୍ଯ୍ୟକ୍ରମରେ ବରଗଡ଼ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସାଧୁ ଭୁଏ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ଏଫ୍‌ଏଲଏନ୍ ସମୀକ୍ଷା କାର୍ଯ୍ୟ ତଦାରଖ କରିଥିଲେ।

# ଗଙ୍ଗାଧର ମେହେର ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

**ଗାଇସିଲେଟ, ୨୫।୮ (ସମିସ):** ଗଙ୍ଗାଧର ସାହିତ୍ୟ ସଂସଦ ଗାଇସିଲେଟ ଆନୁକୂଲ୍ୟରେ ଚଳିତ ବର୍ଷର ଗଙ୍ଗାଧର ମେହେର ଜୟନ୍ତୀ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ସଂସଦର ସଭାପତି ଦିବାକର ଯୋଶୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହକୁ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରର ଅବସରପ୍ରାପ୍ତ ଅଧ୍ୟକ୍ଷ ଖଗେଶ୍ୱର ଦାଶ ମୁଖ୍ୟ ଅତିଥି ଓ ଓଡ଼ିଶାର ସୁନାମଧନ୍ୟ ବାଗ୍ମୀ ପ୍ରବଚକ ଡଃ କୃଷ୍ଣ କେଶବ ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଚଳିତ ବର୍ଷ ଗଙ୍ଗାଧର ସାହିତ୍ୟ ସମ୍ମାନ ସାହିତ୍ୟିକ ତଥା ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଦିଲ୍ଲୀପ କୁମାର ଯୋଶୀ ତଥା ଯାଜ୍ଞସେନୀ-ଦୁର୍ଗାପ୍ରସାଦ ପ୍ରତିଭା ସମ୍ମାନ-୨୦୨୬ ବ୍ଲକ ମାଟ୍ରିକ୍ ଟପ୍ପର ବାପୁଜୀ ହାଇସ୍କୁଲ୍ ଗୁଦେରପାଲିର ବବଲି ନାଏକଙ୍କୁ ପ୍ରଦାନ କରାଯିବ ବୋଲି ସଂସଦର ସମ୍ପାଦକ ରୁକ୍ମଣ ଦିଶ୍ରି ସୂଚନା ଦେଇଛନ୍ତି। ବ୍ଲକର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଙ୍ଗାଧର ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି ପାଇଁ ବିଭିନ୍ନ ପ୍ରତିଯୋଗିତା ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିର ପରିସରରେ ୨୭ ତାରିଖ ଦିନ ଅନୁଷ୍ଠିତ ହେବ। ବୈଠକରେ ସଂସଦର ଉପସଭାପତି ରବୀନ୍ଦ୍ର କୁମାର ପଣ୍ଡା, କୋଷାଧ୍ୟକ୍ଷ ମୋହନ ରଣା ତଥା ବରିଷ୍ଠ ସଦସ୍ୟ ଅମ୍ବିକା ପ୍ରସାଦ ତ୍ରିବେଦୀ, ଅରକ୍ଷିତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# 'ପାୱାର ଅଫ୍ ଦିବ୍ୟାଙ୍ଗସ୍' ପକ୍ଷରୁ ଚାରାରୋପଣ



**ବରଗଡ଼, ୨୫।୮ (ସମିସ):** ପାୱାର ଅଫ୍ ଦିବ୍ୟାଙ୍ଗସ୍, ବରଗଡ଼ର ଉତ୍କଳମଣି ଗୋପବନ୍ଧୁ ଭିନ୍ନକ୍ଷମ ସଂଘ, ବରଗଡ଼ ବ୍ଲକ ପକ୍ଷରୁ ଏନ୍ ଜମାପାଲି ହାଇସ୍କୁଲ ପରିସରରେ ଚାରାରୋପଣ କରାଯାଇଛି। ସଂଘର ସଭାପତି ଶ୍ୟାମ ସୁନ୍ଦର ଅଗ୍ରୱାଲ, ଉପସଭାପତି ଅଶୋକ ଅଗ୍ରୱାଲ ଓ ସାଧାରଣ ସମ୍ପାଦକ ମେଘନାଦ ସାହୁ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ବନ୍ଧା ପଞ୍ଚାୟତର ସରପଞ୍ଚ କିରଣ ପଧାନ, ବିଦ୍ୟାଳୟର ପ୍ରଧାନଶିକ୍ଷକ ବିରେନ୍ଦ୍ର କୁମାର ଦାଶ, ସ୍କୁଲ ଚେୟାରମ୍ୟାନ ବନବାସ ଭୋଇଙ୍କ ସମେତ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଏଥିରେ ସାମିଲ ହୋଇଥିଲେ।

ସେହିପରି ଉତ୍କଳମଣି ଗୋପବନ୍ଧୁ ଭିନ୍ନକ୍ଷମ ସଂଘର ସଭାପତି ଫକୀର ମହାନନ୍ଦ, ସମ୍ପାଦକ ସାନ ମେହେର, ପୂର୍ବତନ ସଭାପତି ଯୋଗେନ୍ଦ୍ର କଠାର, ପୂର୍ବତନ ସମ୍ପାଦକ କମଲ ସାହୁଙ୍କ ସମେତ ସଂଘର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଷ୍ଟାର୍ଟଅପ୍ ଇନୋଭେସନ କାର୍ଯ୍ୟକ୍ରମ

**ପାଇକମାଲ, ୨୫।୮ (ସମିସ):** ପାଇକମାଲ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲୋହିତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ନବସୃଜନ ଉଦ୍ୟୋଗକୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପ୍ରାଧ୍ୟାପକ ପ୍ରଭାତ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଅଧ୍ୟାପକ ପ୍ରଦୀପ କୁମାର ଦେୱାନ, ପ୍ରାଧ୍ୟାପିକା ମୀନା କୁମାରୀ ସାହୁ ବକ୍ତବ୍ୟ ରଖିଥିଲେ। ଷ୍ଟାର୍ଟଅପ୍ ଇନୋଭେସନ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କୃତି ଛାତ୍ରଛାତ୍ରୀମାନେ ହେଲେ ପ୍ରଥମ ସୌମ୍ୟରଞ୍ଜନ ହୋତା, ଦ୍ୱିତୀୟ ଭାରତୀ ପଟେଲ ଓ ତୃତୀୟ ସୁରଜ ପ୍ରଧାନ।

# ଧର୍ମପରାୟଣ ବ୍ୟକ୍ତି ଦତ୍ୟାନନ୍ଦଙ୍କ ପରଲୋକ



**ଭେଡେନ, ୨୫।୮ (ସମିସ):** ଭେଡେନ ବ୍ଲକ ଭେଡେନ ଗ୍ରାମର ଧର୍ମପରାୟଣ ବ୍ୟକ୍ତି ଦତ୍ୟାନନ୍ଦ ମେହେରଙ୍କ (୭୬) ବର୍ଷ ବୟସରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ନର୍ସିଂହୋମରେ ପରଲୋକ ଘଟିଛି। ସେ ଭେଡେନ ଅଞ୍ଚଳର ଜଣେ ଜଣାଶୁଣା ବ୍ୟବସାୟୀ, ପରୋପକାରୀ ବ୍ୟକ୍ତି ଭାବରେ ପରିଚିତ ଥିଲେ। ପାର୍ଥିବ ଶରୀରର ଭେଡେନରେ ପହଞ୍ଚିବା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଦନ୍ତାନଦୀ ଶ୍ମଶାନ ଘାଟରେ ଶେଷକୃତ୍ୟ କରାଯାଇଥିବାବେଳେ ବଡ଼ପୁଅ କିଶୋର ମୁଖାଗ୍ନି ଦେଇଥିଲେ।

# ଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର

**ବରଗଡ଼, ୨୫।୮ (ସମିସ):** ବରଗଡ଼ ଗୋବିନ୍ଦପାଲି କେନାଲ ପାଖରେ ଥିବା ଏକ ଗଛରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ସୁଶାନ୍ତ ବେହେରା (୪୪)। ଟାଉନ୍ ଥାନା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହା ହତ୍ୟା ନା ଆତ୍ମହତ୍ୟା ଜଣାପଡ଼ି ନଥିବାବେଳେ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ନିଗମାନନ୍ଦବିହାର ଦୁର୍ଗାପୂଜା କମିଟି ପୁନର୍ଗଠିତ

**ବରଗଡ଼, ୨୫।୮ (ସମିସ):** ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ.୧ ନିଗମାନନ୍ଦ ବିହାର ଦୁର୍ଗା ପୂଜା କମିଟି ପୁନର୍ଗଠିତ ହୋଇଯାଇଛି। ଉନ୍ନୟନ କମିଟି ଅଧ୍ୟକ୍ଷ ସଦାଶିବ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୂତନ କମିଟି ଗଠିତ ହୋଇଥିଲା। ସଭାପତି ଚନ୍ଦ୍ର ଶେଖର କମ୍ପ, ଉପ ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ସମ୍ପାଦକ ନବୀନ କୁମାର ସାବତ, ସହ ସମ୍ପାଦକ ହେମନ୍ତ ପ୍ରଧାନ, କୋଷାଧ୍ୟକ୍ଷ କୁଞ୍ଜ ବିହାରୀ ଭୋଇ, ଉପ କୋଷାଧ୍ୟକ୍ଷ ଶେଖର ବହିଦାର, ଉପଦେଷ୍ଟା ଭାବେ ପ୍ରଶାନ୍ତ କୁମାର ଦାଶ, ଅର୍ଜୁନ ସେଟ୍, ଟିକେଲାଲ ନାଏକ, ଆକା ସେଠୀ, ଶୋଭାରାମ ମହାପାତ୍ର, କାଳିଆ ସାହୁ, ଦୁଃଖବନ୍ଧୁ ଦାଶ, ନୀଳକଣ୍ଠ ସାହୁ, ନରେନ୍ଦ୍ର ପ୍ରଧାନ, ଧର୍ମେନ୍ଦ୍ର ପତି, ଦଇତାରୀ ସାହୁ, ଗୋପବନ୍ଧୁ ପୁରୋହିତ, ସଦାଶିବ ସାହୁ, ବାଙ୍କା ବିହାରୀ ସାହୁ, ସନ୍ତୋଷ ପଣ୍ଡା, ପ୍ରଦୀପ ସାହୁ ପ୍ରମୁଖ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କର୍ଲାଯୋରିରେ ଚାରା ରୋପଣ

**ଭଟଲି, ୨୫।୮ (ସମିସ):** ଭଟଲି ବ୍ଲକ କର୍ଲାଯୋରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠାନର ଇକୋ କ୍ଲବ୍ ପକ୍ଷରୁ ଏକ ପେଡ ମା'କେ ନାମ୍-୩.୦ କାର୍ଯ୍ୟକ୍ରମରେ ଚାରା ରୋପଣ କରାଯାଇଛି। ପ୍ରଧାନ ଆଚାର୍ଯ୍ୟ ଅଜିତ ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟ ଅତିଥି ଭାବରେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ, ମୁଖ୍ୟବକ୍ତା ଭାବେ କମଗାଁ ବନପାଳ କୈଳାସ ମାଝୀ, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଜିତେନ୍ଦ୍ରିୟ ଭୋଇ ଓ ବନରକ୍ଷୀ ରୀତା ରେହେନା ଯୋଗ ଦେଇ ଚାରା ରୋପଣ କରିଥିଲେ।

# ଡିଭିଆର୍ ଆଣ୍ଡ ଜିଆର୍‌ସିଆର୍ ମେମୋରିଆଲ ଟ୍ରଷ୍ଟର ପ୍ରତିଷ୍ଠା ଉତ୍ସବ

**ବରଗଡ଼, ୨୫।୮ (ସମିସ)**



ବିକାଶ ହାୟର ଏଜୁକେସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ପ୍ରାଙ୍ଗଣରେ ଏକ ଉତ୍ସବରେ ଦାସରୀ ଭୀର ରାଜୁ ଏବଂ ଗୁଲ୍ଲମ ରାମଚନ୍ଦ୍ର ରାଓ ମେମୋରିଆଲ ଟ୍ରଷ୍ଟର ୨୦ତମ ପ୍ରତିଷ୍ଠା ମହୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଲକ୍ଷ୍ମୀ ବିକାଶ ଗ୍ରୁପ ଚେୟାରମେନ୍ ଡି. ନାଗେଶ୍ୱର ରାଓ, ବିଦ୍ୟା ବିକାଶ ଗ୍ରୁପର ଚେୟାରମ୍ୟାନ ଜି. ଭାସ୍କର ରାଓ ଓ ପରିବାର ସଦସ୍ୟ ସର୍ଗୀୟ ଦାସରୀ ଭୀର ରାଜୁ ଏବଂ ସ୍ୱର୍ଗୀୟ ଗୁଲ୍ଲମ ରାମଚନ୍ଦ୍ର ରାଓଙ୍କ ଚିତ୍ରପଟରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଡାଇରେକ୍ଟର ଆଇଆଇଏମ୍ ସମ୍ବଲପୁର ପ୍ରଫେସର ମହାଦେଓ ଜୟସାଲଙ୍କ ଦ୍ୱାରା ନୂତନ ଛାତ୍ରାବାସର ଉଦ୍‌ଘାଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡାଇରେକ୍ଟର ଆଇ.ଆଇ.ଏମ୍ ସମ୍ବଲପୁର ପ୍ରଫେସର ମହାଦେଓ ଜୟସାଲ ମୁଖ୍ୟ ଅତିଥିରୂପେ ଯୋଗ ଦେଇ ସ୍ୱହସ୍ତରେ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ୨୦୨୫-୨୬ ଶିକ୍ଷା ବର୍ଷରେ ଉତ୍ତୀର୍ଣ୍ଣ ହୋଇଥିବା ବିକାଶ ହାୟର ଏଜୁକେସ୍‌ନାଲ ଇନ୍‌ଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି, ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟ, ବିକାଶ ଡିଗ୍ରୀ କଲେଜ, ଲ' ସ୍କୁଲ ଏବଂ ନର୍ସିଂ କଲେଜର ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ୟୁନିଭର୍ସିଟି ର୍‌ୟାଙ୍କ ପାଇଥିବା ୩୦ଜଣ ଛାତ୍ରଛାତ୍ରୀ, ବିକାଶ ହାଇଅର୍ ଏଜୁକେସ୍‌ନାଲ ଇନ୍‌ଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିଭିନ୍ନ ମହାବିଦ୍ୟାଳୟର ୟୁନିଭର୍ସିଟି ସ୍ୱର୍ଣ୍ଣପଦକ ହାସଲ କରିଥିବା ୩ ଜଣ ଛାତ୍ରଛାତ୍ରୀଙ୍କୁ ତଥା ବିକାଶ ୱେବସାଇଟ୍ ସଞ୍ଚାଳନ ଦାୟିତ୍ୱ ନିର୍ବାହ କରୁଥିବା ୪ଜଣ ଇଞ୍ଜିନିୟରିଂ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ଅବସରରେ ରଙ୍ଗବତୀ ଗୀତର ଗୀତିକାର ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ତଥା ସୁପରିଚିତ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଜିତେନ୍ଦ୍ରୀୟ ହରିପାଲଙ୍କୁ ମାନପତ୍ର ପ୍ରଦାନ ସହିତ 'ଦାସରୀ ଭୀର ରାଜୁ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ବିଦ୍ୟାବିକାଶ ଗ୍ରୁପର ଚେୟାରମ୍ୟାନ୍ ଓ ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ସଫଳ ଗ୍ରାଜୁଏଟ୍‌ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମେନ୍ ଡି.ନାଗେଶ୍ୱର ରାଓ ତାଙ୍କ ଅଭିଭାଷଣରେ, ତାଙ୍କ ପିତା ସ୍ୱର୍ଗତ ଦାସରୀ ଭୀର ରାଜୁଙ୍କ ୩୮ ତମ ପୁଣ୍ୟତିଥି ଅବସରରେ ତାଙ୍କ ପ୍ରତି ଭକ୍ତି ଅର୍ଘ୍ୟ ଢାଳିଥିଲେ।

ଏହି ଅବସରରେ ଚେୟାରମେନ ଶ୍ରୀ ରାଓ ରକ୍ତଦାନ କରି ଶିବିର ଉଦ୍‌ଘାଟନ କରିଥିବାବେଳେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ କର୍ମଚାରୀ ରକ୍ତଦାନ କରିଥିଲେ। ସ୍ୱର୍ଗୀୟ ପିତା ତଥା ଦିବଙ୍ଗତ ଭାଇ ଏବଂ ଭାଉଜଙ୍କ ସ୍ମୃତିରେ ମାଗଣାରେ ଏଚ୍. ପି.ଭି ଟୀକାକରଣ ଶିବିର ଆୟୋଜିତ କରାଯାଇଥିଲା। ୧୦୭ଜଣ ଝିଅଙ୍କୁ ଟୀକାକରଣ କରାଯାଇଥିଲା।

କାର୍ଯ୍ୟକ୍ରମରେ ବିକାଶ ଭବାନୀପାଟଣା ଡାଇରେକ୍ଟର ଡି. ଶ୍ୟାମ, ଡି. ରାମକୁମାର, ଗୀତିକା ଚୌଧୁରୀ, ବିଦ୍ୟା ବିକାଶ ମ୍ୟାନେଜିଙ୍ଗ୍ ଡାଇରେକ୍ଟର ଜି. ରାମକ୍ରିଷ୍ଣା, ସମେତ ସମସ୍ତ ପରିବାର ସଦସ୍ୟ ଉପସ୍ଥିତଥିଲେ। ବରିଷ୍ଠ ଉପଦେଷ୍ଟା ପି.କେ. ଦାଶ, ଅଧ୍ୟକ୍ଷ ଡ. ବିକ୍ରମ ଦାସ, ଡ. ପୁର୍ଣ୍ଣେନ୍ଦୁ ମିଶ୍ର, ଡ. ଦିଲିପ ଖମାରୀ, ଅଧ୍ୟକ୍ଷା ଦୀପାଞ୍ଜଳି ପଟେଲ, ଡ. ଶୁଭେନ୍ଦୁ ଶେଖର ମିଶ୍ର ତଥା ଡିନ୍ ଆର୍.ଏସ୍.ଭି କ୍ରିଷ୍ଣା ପ୍ରମୁଖ ମଞ୍ଚାସୀନ ଥିଲେ।

### ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ରୋଗୀସେବା ବିପର୍ଯ୍ୟସ୍ତ

# ୪୯ ପଦରୁ ଅଛନ୍ତି ମାତ୍ର ୯ ଡାକ୍ତର

**ଧର୍ମଗଡ଼, ୨୫।୮(ସମିସ)**

ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଦିନକୁ ଦିନ ରୋଗୀ ସେବା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଆବଶ୍ୟକ ଅନୁପାତରେ ଡାକ୍ତର ନ ଥିବାରୁ ଚିକିତ୍ସା ସେବା ପ୍ରଭାବିତ ହେଉଛି। ଏଭଳି ପରିସ୍ଥିତିରେ ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ଉତ୍ତମ ସ୍ୱାସ୍ଥ୍ୟସେବାକୁ ନେଇ ପ୍ରଶ୍ନ ଉଠିଛି। ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା ଏହି ଅଞ୍ଚଳର ଏକ ପ୍ରମୁଖ ସ୍ୱାସ୍ଥ୍ୟସେବା କେନ୍ଦ୍ର। ଧର୍ମଗଡ଼ ଉପଖଣ୍ଡର ଧର୍ମଗଡ଼, ଗୋଲାମୁଣ୍ଡା, ଜୁନାଗଡ଼, କୋକସରା, କଳମପୁର ଓ ଜୟପାଟଣା ଭଳି ୬ଟି ବ୍ଲକର ରୋଗୀଙ୍କ ସମେତ ପଡ଼ୋଶୀ ନୂଆପଡ଼ା ଓ ନବରଙ୍ଗପୁର ଜିଲ୍ଲାର କିଛି ଅଞ୍ଚଳ ଏବଂ ଛତିଶଗଡ଼ର ଦେଭୋଗ ଅଞ୍ଚଳର ଲୋକମାନେ ମଧ୍ୟ ଚିକିତ୍ସା ପାଇଁ ଏହି ଡାକ୍ତରଖାନା ଉପରେ ନିର୍ଭର କରନ୍ତି। ଏତେ ବଡ଼ ଅଞ୍ଚଳର ରୋଗୀଙ୍କ ଚିକିତ୍ସା ଭାର ଥିବାସତ୍ତ୍ୱେ ଡାକ୍ତର ଅଭାବ ସ୍ୱାସ୍ଥ୍ୟସେବାମାନଙ୍କୁ ପ୍ରଭାବିତ କରୁଥିବା ଅଭିଯୋଗ ହେଉଛି। ମଙ୍ଗଳବାର ସକାଳେ ଡାକ୍ତରଖାନାର ଡ୍ୟୁଟିଚାର୍ଟରେ ଡାକ୍ତର ଚତୁର୍ଭୁଜ ପାଢ଼ୀ ଓ ଡା. ଡି. ଯାନୀଙ୍କ ନାମ ଉଲ୍ଲେଖ ଥିଲା। ଉଭୟ ଡାକ୍ତରଙ୍କ ଡ୍ୟୁଟି ସମୟ ସକାଳ ୮ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଥିବା ଜଣାପଡ଼ିଥିଲା। ତେବେ ଉକ୍ତ ସମୟ ମଧ୍ୟରେ କେବଳ ଡା. ଚତୁର୍ଭୁଜ ପାଢ଼ୀ ରୋଗୀ ଦେଖୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଡା. ଡି. ଯାନୀ ଡ୍ୟୁଟିରେ ଉପସ୍ଥିତ ନ ଥିବାରୁ ଏକମାତ୍ର ଡାକ୍ତରଙ୍କ ଉପରେ ଅଧିକ ସଂଖ୍ୟକ ରୋଗୀଙ୍କ ଚିକିତ୍ସା ଭାର ପଡ଼ିଥିଲା। ଫଳରେ ଶତାଧିକ ରୋଗୀ ଲମ୍ବା ଧାଡ଼ିରେ ଠିଆ ହୋଇ ଘଣ୍ଟାଘଣ୍ଟା ଅପେକ୍ଷା କରୁଥିବା ଦେଖାଯାଇଥିଲା। ଏ ସମ୍ପର୍କରେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ସଦାନନ୍ଦ ପାଣିଗ୍ରାହୀଙ୍କୁ ପଚାରିବାରୁ, ଡା. ଡି. ଯାନୀ ବିନା ଦରଖାସ୍ତରେ ଛୁଟିରେ ଥିବା ସେ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ମୋଟ ୪୯ଟି ଡାକ୍ତର ପଦ ଥିବାବେଳେ ବର୍ତ୍ତମାନ ମାତ୍ର ୯ ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି। ଅର୍ଥାତ୍ ଅଧିକାଂଶ ପଦ ଖାଲି ପଡ଼ିଥିବାରୁ ଉପଲବ୍ଧ ଡାକ୍ତରଙ୍କ ଉପରେ ଅତ୍ୟଧିକ ରୋଗୀ ଚିକିତ୍ସାର ଚାପ ପଡ଼ୁଛି। ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତର ପଦ ଖାଲି ଥିବା ଘଟଣାକୁ ଏସିଏମଓ ଡାକ୍ତର ସଦାନନ୍ଦ ପାଣିଗ୍ରାହୀ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ ଡାକ୍ତର ପଦଖାଲି ଥିବା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି।



## ଜିଲ୍ଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ



**ଭବାନୀପାଟଣା, ୨୫।୮(ସମିସ):** ଭବାନୀପାଟଣାସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲଠାରେ ମଙ୍ଗଳବାର ସପ୍ତମ କଳାହାଣ୍ଡି ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ବର୍ଗର ମୋଟ ୧୯୮ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଏନେଇ କଳାହାଣ୍ଡି ବ୍ୟାଡମିଣ୍ଟନ ସଂଘର ସଭାପତି ଦୀପକ ସାଗର କୁମାର ଓ ସମ୍ପାଦକ ହେମନ୍ତ କୁମାର ମିଶ୍ର ପ୍ରକାଶ କରିଥିଲେ। ସଂଘର ଉପ ସଭାପତି ସମୀର ସାହୁ, ବରିଷ୍ଠ କର୍ମକର୍ତ୍ତା ପ୍ରଦୀପ ଦାସ, ମହେଶ କୁକ୍ରେଜା, ସରୋଜ ମହାରଣା, ନାଗେଶ୍ୱର ପଟ୍ଟନାୟକ, ସନ୍ଦୀପ ମିଶ୍ର, ଦେବରାଜ ଛତ୍ରିଆ, ସୁନୀଲ ଅଗ୍ରୱାଲ, ସାଇକୁମାର ସିଂ ସାମନ୍ତ, ଅବିନାଶ ବାବୁ, ପାର୍ଥିବ ସାହୁ ଓ ନରେନ୍ଦ୍ର କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ୨୭ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ।

## ଶିଶୁ ସୁରକ୍ଷା ସମ୍ପର୍କିତ କର୍ମଶାଳା

**ଭବାନୀପାଟଣା, ୨୫।୮(ସମିସ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଶିଶୁ ସୁରକ୍ଷା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ତଥା ଜିଲ୍ଲା ପ୍ରଶାସନ କଳାହାଣ୍ଡି ଓ କର୍ତ୍ତବ୍ୟ ଅନୁଷ୍ଠାନର ସହଯୋଗରେ ମୁଖ୍ୟଅତିଥି ଭାବରେ କଳାହାଣ୍ଡି ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୁଭ୍ରାଂଶୁ ଶେଖର ମିଶ୍ର, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ନିହାରେନ୍ଦ୍ର ପଣ୍ଡା, ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାରେ ହେଉଥିବା ଏହି ସମସ୍ୟା ସବୁକୁ କିପରି ରୋକା ଯାଇପାରିବ ଏବଂ ଏ ଦିଗରେ ସରକାରୀ ବ୍ୟବସ୍ଥା, ପୁଲିସ ସେବା, ସରକାରୀ ଯୋଜନା, ସରକାରୀ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ, ଅଣସରକାରୀ ସଂସ୍ଥା ମାନଙ୍କ ସହଯୋଗ ଓ ସମସ୍ତଙ୍କର ସମନ୍ୱୟ ରକ୍ଷା କରି କିପରି ଶିଶୁମାନଙ୍କ ଅଧିକାର ସୁନିଶ୍ଚିତ କରାଯାଇପାରିବ ଓ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ସେ ସମ୍ପର୍କରେ ୟୁନିସେଫ୍ ଓଡ଼ିଶା ର ଶିଶୁ ସୁରକ୍ଷା ବିଶେଷଜ୍ଞ ଘାସିରାମ ପଣ୍ଡା, ବଲାଙ୍ଗିର ଜିଲ୍ଲାର ପୂର୍ବତନ ଡିସିପିଓ ଲକ୍ଷ୍ମୀ ସିଂହ ଏବଂ ଅବସରପ୍ରାପ୍ତ ପ୍ରଫେସର ତଥା ପୂର୍ବତନ ସିଡବ୍ଲୁସିର ଅଧକ୍ଷ ଡ. ଅଜୟ ମିଶ୍ର ଯୋଗଦେଇ ଥିଲେ। ଡିସିପିଓ ଶୈଳେନ୍ଦୁ ଶେଖର ମହାପାତ୍ର ଏବଂ ଅଶୋକ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଗାପୂଜା କମିଟିର ପ୍ରସ୍ତୁତି ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ

**ଲାଞ୍ଜିଗଡ଼, ୨୫।୮(ସମିସ):** ଲାଞ୍ଜିଗଡ଼ ସାର୍ବଜନୀନ ଦୁର୍ଗାପୂଜା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆସନ୍ତା ଦୁର୍ଗାପୂଜାକୁ ଅତ୍ୟନ୍ତ ଆକର୍ଷଣୀୟ ଓ ଚିତ୍ତାକର୍ଷକ ଭାବେ ଆୟୋଜନ କରିବାକୁ ସମସ୍ତେ ମତ ଦେଇଥିଲେ। ଏହା ପରେପରେ ସର୍ବସମ୍ମତି କ୍ରମେ ଏକ ନୂତନ କମିଟି ଗଠିତ ହୋଇଥିଲା। ଏଥିରେ ସଭାପତି ଭାବେ ସାମ୍ବାଦିକ ତଥା ସମାଜସେବୀ ଏମ. ଚନ୍ଦ୍ରଶେଖର, ଉପସଭାପତି ଭାବେ ଜୟନ୍ତ ମହାଖୁଡ଼, ସାଧାରଣ ସମ୍ପାଦକ ଭାବେ କିଶୋର ପେସନିଆ, ସହ ସମ୍ପାଦକ ଭାବେ କାର୍ତ୍ତିକ ଓଡ଼ିଆ, କୋଷାଧ୍ୟକ୍ଷ ଭାବେ ସୁମନ୍ତ ଦଳବେହେରା, ସହକୋଷାଧ୍ୟକ୍ଷ ଭାବେ ରାଘବ ଗହୀରଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଉପଦେଷ୍ଟା ଭାବେ ରାଜେନ୍ଦ୍ର ପ୍ରତାପ ସିଂଦେଓ, ହିମାଦ୍ରୀ ପେଶନିଆ, କାମରାଜ ଦଳବେହେରା, ଶ୍ରୀଧର ପେସନିଆ, ଚନ୍ଦ୍ରଧ୍ୱଜ ପେସନିଆ, ଅଶୋକ ପଟ୍ଟନାୟକ, କ୍ଷମାନିଧି ମହାଖୁଡ଼, ରମେଶ ଚନ୍ଦ୍ର ନାୟକ, ମହେଶ୍ୱର ପତି, ବିନୋଦ ଗଉଡ଼, ଶ୍ରୀମୁଖ ଅଗସ୍ତି, ସୁବାସ ମହାପାତ୍ରଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଆଇନଶୃଙ୍ଖଳାକୁ ଦୃଷ୍ଟି ରଖି ଶାନ୍ତି କମିଟିରେ ଲାଞ୍ଜିଗଡ଼ ଥାନା ଅଧିକାରୀ, ଲାଞ୍ଜିଗଡ଼ ସରପଞ୍ଚ, ଅଗ୍ନିଶମ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗକୁ ରହିବା ପାଇଁ ପ୍ରସ୍ତାବ ରହିଛି। ଏହି ପୂଜାରେ ଲାଞ୍ଜିଗଡ଼ ଯୁବକ ସଂଘ ସମ୍ପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ସଂଘ ସଭାପତି ହିମାଦ୍ରୀ ପେସନିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସ୍ୱାଗତଭାଷଣ ଯୁବକ ସଂଘ ସମ୍ପାଦକ ଭୁପେନ୍ଦ୍ର କୁମାର ମହାରଥା ଦେଇଥିଲେ। ଏଥିରେ କର୍ତ୍ତା ଭାବେ ପିତାମ୍ବର ଡ଼ମବିଶି ଓ ତାଙ୍କ ଧର୍ମ ପତ୍ନୀ ଦେବକୀ ଡ଼ମବିଶି ଦାୟିତ୍ୱ ନିର୍ବାହ କରିବେ ବୋଲି ସ୍ଥିର କରିଛନ୍ତି। ଭୁପେନ୍ଦ୍ର ମହାରଥା ଧନ୍ୟବାଦ ଅର୍ପଣ କରିଥିଲେ।

## ଲାଞ୍ଜିଗଡ଼ରେ ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଲାଞ୍ଜିଗଡ଼, ୨୫।୮(ସମିସ):** ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ଆଜି ବ୍ଲକ ପ୍ରଶାସନ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା କମଳା ପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର ପ୍ରମୁଖ ମଞ୍ଚାସିନ ଥିଲେ। ଶିବିରକୁ ଆସିଥିବା ସମସ୍ତ ଭିନ୍ନଭିନ୍ନ ଭାଇଭଉଣୀଙ୍କୁ ଆଶ୍ୱସନା ଦବା ସହିତ ସରକାରୀ ସୁବିଧାର ସୁଯୋଗ ନେବା ପାଇଁ ସମସ୍ତ ଯୋଜନା ଉପରେ ଆଲୋକପାତ କରି ରହିଥିଲେ। ଏହି ସାମର୍ଥ୍ୟ ଶିବିରରେ ସମୁଦାୟ ୨୩୯ ଜଣ ନିଜ ନାମ ପଞ୍ଜିକରଣ କରିଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଏସ.ପି. ସରାବନ, ମାନସିକ ରୋଗ ବିଶେଷଜ୍ଞ ଡା. ଅନନ୍ତ ଚରଣ ମେହେର, ନାକ, କାନ, ଗଳା ରୋଗ ବିଶେଷଜ୍ଞ ଡା. ସନତ କୁମାର ଶତପଥୀ, ଚକ୍ଷୁ ରୋଗ ବିଶେଷଜ୍ଞ ଡା. ନିବେଦିତା ମହାରଣା, ଟେଲି ଟେକ୍ନିସିଆନ ନିବେଦିତା ସାହୁ, କ୍ଲିନିକାଲ୍ ମନୋବିଜ୍ଞାନୀ ଅନାୟତ ମହମ୍ମଦ, ଶ୍ରବଣ ପରୀକ୍ଷା ବିଶେଷଜ୍ଞ ଆରାଧନା ବେହୁରା, ମୋବିଲିଟି ପ୍ରଶିକ୍ଷକ ନିବାସ ଚନ୍ଦ୍ର ସାହୁ, ଫିଜିଓଥେରାପି ବିଶେଷଜ୍ଞ ଡା. ପ୍ରଣବ କୁମାର ମେହେର, କୃତ୍ରିମ ଅଙ୍ଗ ବିଶେଷଜ୍ଞ ଡା. ରାଜଶ୍ରୀ ପ୍ରିୟଦର୍ଶିନୀ, ଜିଲ୍ଲା ଦିବ୍ୟାଙ୍ଗ ସହାୟକ ଶେଷଦେବ ନାଏକ, ଲକ୍ଷ୍ୟପତି ପୂଜାରୀ, ଡାଟାଏଣ୍ଟ୍ରି ଅପରେଟର ଆଶୁତୋଷ ପ୍ରଧାନ, ସହାୟକ କର୍ମଚାରୀ ରୋହିତ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୨୦ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲ।



## ବେନଗାଁ ବିଦ୍ୟାଳୟରେ ବିଜେପୁର ପୁଲିସ ପକ୍ଷରୁ ନିଶାମୁକ୍ତ ଅଭିଯାନ

**ଲାଞ୍ଜିଗଡ଼, ୨୫।୮(ସମିସ):** ଯୁବପିଢ଼ିଙ୍କୁ ନିଶାର କୁପ୍ରଭାବରୁ ଦୂରେଇ ରଖିବା ଏବଂ ଏକ ନିଶାମୁକ୍ତ ସୁସ୍ଥ ସମାଜ ଗଠନ ଲକ୍ଷ୍ୟରେ ବିଜେପୁର ପୁଲିସ ପକ୍ଷରୁ ବେନଗାଁ ବିଦ୍ୟାଳୟରେ ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବିଜେପୁର ଥାନାଧିକାରୀ ତୁଳସୀରାମ ଶବରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ନିଶା ସେବନର କୁପରିଣାମ ଏବଂ ଏହା ଦ୍ୱାରା ବ୍ୟକ୍ତି, ପରିବାର ଓ ସମାଜ ଉପରେ ପଡୁଥିବା ନକାରାତ୍ମକ ପ୍ରଭାବ ସମ୍ପର୍କରେ ବୁଝାଯାଇଥିଲା। ଏହି ଅବସରରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ନିଶାମୁକ୍ତ ସମାଜ ଗଠନ ପାଇଁ ନିଜ ନିଜସ୍ତରରେ ସଚେତନତା ସୃଷ୍ଟି କରିବାକୁ ସଂକଳ୍ପ ନେଇଥିଲେ।

## ଜୁନାଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ଚାରା ରୋପଣ

**ଆଟିଗାଁ/ଜୁନାଗଡ଼, ୨୫।୮(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଚାରଭାଟି ପଞ୍ଚାୟତ ଅଧୀନ ବ୍ରାହ୍ମଣୀଗୁଡ଼ା-କନ୍ଧସର୍ଗିଗୁଡ଼ା ମଧ୍ୟସ୍ଥଳରେ ଥିବା ପ୍ରସିଦ୍ଧ ଶନିଦେବ ମନ୍ଦିର ପରିସରରେ ଜୁନାଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ସନ୍ତୋଷ କୁମାର ସିଙ୍ଗଦେଓ, ସମ୍ପାଦକ ହିମାଂଶୁ ବରାଡ଼, ପୂର୍ବତନ ସଭାପତି ଖଗେଶ୍ୱର ଧଙ୍ଗଡ଼ାମାଝୀ, ପୂର୍ବତନ ସମ୍ପାଦକ ନରେନ୍ଦ୍ର କ୍ଷିତି, ସୁନ୍ଦର ମୋହନ ଛତ୍ରୀଆ, କୁମାର ମଣୀ ଦୁର୍ଗା, ରଜନୀ ମିଶ୍ର, ସୁନୀଲ ସିଂ, ରାକେଶ ବେମାଲ, ବିଭୁ ପାଢ଼ୀ, ବ୍ୟୋମକେଶ ପୁରୋହିତ, ଆଶିଷ ଗୋଏଲ, ସଂଯୋଗ କୁଣ୍ଡୁଙ୍କ ସମେତ ବହୁ ସାମ୍ବାଦିକ ସାମିଲ ହୋଇଥିଲେ। ଏହାସହିତ ସମାଜସେବୀ ଦୁର୍ଗା ନାଏକ, ସୁବାସ ପଣ୍ଡା, ବଜରଙ୍ଗ ଖେମକା, ଅଜିତ ଅଗ୍ରୱାଲ, ସୁବାସ ପାତ୍ର, ଅକ୍ଷୟ ସାହୁ, ସୋମନାଥ ପାତ୍ର, ବିଷ୍ଣୁ ଶର୍ମା ଓ ପୂଜକ ଜଗନ୍ନାଥ ଦାସ ପ୍ରମୁଖ ଉପସ୍ଥିତଥିଲେ।



### ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ

## ୨୭ରୁ ଯୁବ ସମ୍ପର୍କ କାର୍ଯ୍ୟକ୍ରମ

**ଭବାନୀପାଟଣା, ୨୫।୮(ସମିସ):** ପ୍ରତିବର୍ଷ ଭାରତରେ ୨୯ ଅଗଷ୍ଟକୁ ଜାତୀୟ କ୍ରୀଡା ଦିବସ ଭାବେ ପାଳନ କରାଯାଏ। କାରଣ ଏହି ଦିନ ଭାରତର କିମ୍ବଦନ୍ତୀ ହକି ଖେଳାଳି ତଥା ଦେଶର ଗୌରବ ମେଜର ଭାରତ ରତ୍ନ ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ। କିନ୍ତୁ ଚଳିତବର୍ଷ ଅଗଷ୍ଟ ୨୭ ତାରିଖଠାରୁ ଅଗଷ୍ଟ ୨୯ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ପାଳନ କରାଯିବ। ଏହି ଜାତୀୟ କ୍ରୀଡା ଦିବସକୁ ନେଇ ଦେଶ ନିର୍ମାଣରେ ଯୁବ ସହଭାଗୀତା ଓ କ୍ରୀଡ଼ା ବିକାଶ ଉଦ୍ଦେଶ୍ୟରେ ଏକ ଭବ୍ୟ ଉତ୍ସବ ପାଳନ କରାଯାଉଛି। ଏହି ଦୃଷ୍ଟିକୋଣରୁ ସାରା ଦେଶରେ ବିକଶିତ ଭାରତ ଯୁବ ସମ୍ପର୍କ-କ୍ରୀଡ଼ା ସଂସ୍କରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସେଥିରେ ଭାରତର ଏହି ୧୨ ବର୍ଷର କ୍ରୀଡା ସଂସ୍ଥାନ ଯୁବ ସମ୍ବାଦ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହେବ। ଏହାଦ୍ୱାରା ଯୁବକ ଯୁବତୀମାନେ କ୍ରୀଡା ଓ ଏହାର ବିକାଶକୁ ନେଇ ନିଜ ମତ, ଉପଦେଶ ବ୍ୟକ୍ତ କରିବାର ସୁଯୋଗ ପାଇବେ ବୋଲି ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ତଥା ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାଶ, ସୁଭେନ୍ଦୁ କୁମାର ପାଢ଼ୀ, ସୁଶାନ୍ତ କୁମାର ଦାଶ ମାଇ ଭାରତ କଳାହାଣ୍ଡି ଜିଲ୍ଲା ଯୁବଅଧିକାରୀ ନଂଶ ଶର୍ମା ଏବଂ ବିକାଶ ନରସିଂ କଲେଜର ଅଧ୍ୟକ୍ଷ ଡ. ଗୋପିନାଥ ସୁବ୍ରମଣ୍ୟ ଉପସ୍ଥିତ ଥିଲେ।




### ନୂଆପଡ଼ାରେ ଜିଲ୍ଲା ଉନ୍ନୟନ ସମିତି ବୈଠକ

## ଉନ୍ନୟନ ପ୍ରକଳ୍ପର ତ୍ୱରିତ ରୂପାୟନ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

**ସିନାପାଲି, ୨୫।୮(ସମିସ):** ନୂଆପଡ଼ା ଜିଲ୍ଲାର ସାମଗ୍ରୀକ ଉନ୍ନୟନକୁ ତ୍ୱରାନ୍ୱିତ କରିବା ସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ସଦ୍ଭାବନା ସଭାଗୃହଠାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଉନ୍ନୟନ ସମିତି (ଡିଡିସି) ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାସଚନ୍ଦ୍ର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଡିଏଫଓ ଅଜିଜ୍ ଖାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ନାୟକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, ଏପିଡି କ୍ଷମାନିଧି ଭୋଇଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଉପ-ନିର୍ଦ୍ଦେଶକ (ପରିସଂଖ୍ୟାନ) ଦିଲେଶ୍ୱର ଧରୁଆ ପୂର୍ବ ବୈଠକର କାର୍ଯ୍ୟବିବରଣୀ ଓ ଅନୁପାଳନ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ନୂଆପଡ଼ା ଏନ୍‌ଏସିକୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ସହରାଞ୍ଚଳ ସଂସ୍ଥା ଭାବେ ଚୟନ କରାଯାଇ ୨ କୋଟି ଟଙ୍କାର ନଗଦ ପୁରସ୍କାର ପାଇଁ ମନୋନୀତ ହୋଇଥିବାରୁ ଜିଲ୍ଲାପାଳ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ସଫଳତାକୁ ଜିଲ୍ଲାର ସହରାଞ୍ଚଳ ବିକାଶ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଉପଲବ୍ଧି ଭାବେ ଅଭିହିତ କରି ଭବିଷ୍ୟତରେ ମଧ୍ୟ ଉତ୍ତମ ପ୍ରଦର୍ଶନ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରଖି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉନ୍ନୟନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ସମାପ୍ତ କରିବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଗଙ୍ଗାଧର ଜୟନ୍ତୀ ଉପଲକ୍ଷେ ଗୀତ ପ୍ରତିଯୋଗିତା

**ସିନାପାଲି, ୨୫।୮(ସମିସ):** ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ ଅବସରରେ ନୂଆପଡ଼ା ଜିଲ୍ଲାର ସାହିତ୍ୟ ଅନୁଷ୍ଠାନ ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ସିନାପାଲି ବ୍ଲକସ୍ତରୀୟ ବକ୍ତୃତା ଓ ଗୀତ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ସିନାପାଲି ବ୍ଲକ୍ ଅଧୀନ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ବକ୍ତୃତା ବିଭାଗରେ ଓଏଭି ଟିମନପୁର ବିଦ୍ୟାଳୟର ଆରାଧ୍ୟା ସା, ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ସିନାପାଲିର ଦୀପ୍ତିମୟୀ ବୈଠାରୁ, ବାଳିକା ଉଚ୍ଚ ବିଦ୍ୟାଳୟ ସିନାପାଲିର ପୁଷ୍ପାଞ୍ଜଳି ମାଝୀ ଓ ଗୀତ ବିଭାଗରେ ଓଏଭି ଟିମନପୁର ବିଦ୍ୟାଳୟର ତେଜସ୍ୱନୀ ଧୀବର, ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ସିନାପାଲିର ଅର୍ଚିତା ବନ୍ଦୀଛୋର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଟିମନପୁରର ତେଜସ୍ୱନୀ ଦଣ୍ଡସେନା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ସ୍ଥାନୀୟ ପିଏମଶ୍ରୀ ହାଇସ୍କୁଲ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ସତ୍ୟବ୍ରତ ଗହୀର, କୁମୁଦବନ୍ଧୁ ଯୋଷୀ, ତ୍ରିନାଥ ମେହେର, ମୋହନ ଦାଶ, ମନୋରଞ୍ଜନ ମେହେର ପ୍ରମୁଖ ଯୋଗଦେଇଥିଲେ। 'ଗଙ୍ଗାଧରଙ୍କ କୃତିରେ ପ୍ରକୃତି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାର ପ୍ରଦ୍ୟୁମ୍ନ ସିଂହ ଚିନ୍ଦା, ଅତୁଳ କୁମାର ପାତ୍ର, ଡିସମ୍ବର ମେହେର, ଚୂଡ଼ାମଣି ମେହେର, ଦୀପକ ସା, ବଂଶୀଧର ଜଗତ ବିଚାରକ ଭାବରେ ଉପସ୍ଥିତ ଥିଲେ। ସମିତିର ସଭାପତି ବୈଷ୍ଣବ ମେହେର, ସମ୍ପାଦକ ତରୁଣ କୁମାର ମେହେର, ଗୌତମ ମେହେର, ପରେଶନାଥ ପାଣିଗ୍ରାହୀ, ପ୍ରେମାନନ୍ଦ ମେହେର, ଶିବପ୍ରସାଦ ମେହେର, ଲୀଳାକାର ସା, ମନୋଜ ଜଗତ, ସାନୁର୍ଯ୍ୟ ମେହେର, ବେଣୁଧର ମେହେର, ରଶ୍ମିରଞ୍ଜନ ସା ପ୍ରମୁଖ ସହଯୋଗ କରିଥିଲେ।




## ଶିବାଜୀ ମାଝୀଙ୍କ ସ୍ମୃତିରେ ଶୋକସଭା

**ଲାଞ୍ଜିଗଡ଼, ୨୫।୮ (ସମିସ):** ପୂର୍ବତନ ବିଧାୟକ ସ୍ୱର୍ଗତ ଶିବାଜୀ ମାଝୀଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ସ୍ମୃତିରେ ଲାଞ୍ଜିଗଡ଼ ଶ୍ରୀହରିହର ସାଂସ୍କୃତିକ ସେବା ସମିତି ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ସମିତିର ସଭାପତି ରାଜେନ୍ଦ୍ର ପ୍ରତାପ ସିଂଦେଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୋକସଭାରେ ଲାଞ୍ଜିଗଡ଼ ଆଞ୍ଚଳିକ ପରିଷଦ ସଭାପତି ଶ୍ରୀଧର ପେସନିଆ, ମନ୍ଦିର ପରିଚାଳନା କମିଟି କୋଷାଧ୍ୟକ୍ଷ ଚନ୍ଦ୍ରଧ୍ୱଜ ପେସନିଆ, ଲାଞ୍ଜିଗଡ଼ ଯୁବକ ସଂଘ ସଭାପତି ହିମାଦ୍ରୀ ପେସନିଆ, ସମାଜସେବୀ ଶ୍ରୀମୁଖ ଅଗସ୍ତି, ଏମ୍. ଚନ୍ଦ୍ର ଶେଖର, ସୁମନ୍ତ ଦଳବେହେରା, ରାଘବ ଗହୀର, କାର୍ତ୍ତିକ ଓଡ଼ିଆ, ଦେବେନ୍ଦ୍ର ମାଝୀ, ସାମ୍ବାଦିକ କ୍ଷମାନିଧି ମହାଖୁଡ଼, ରମେଶ ଚନ୍ଦ୍ର ନାୟକ, ମହେଶ୍ୱରପତିଙ୍କ ସମେତ ସମିତିର କର୍ମକର୍ତ୍ତା, ଯୁବକ ସଂଘର କର୍ମକର୍ତ୍ତା ଓ ସାଧାରଣ ଜନତା ଯୋଗଦେଇ ଥିଲେ।




### ଜୁନାଗଡ଼ରେ ପ୍ରଶାସନର ଚଢ଼ଉ

# ୩୫ କେଜି ବାସିଖାଦ୍ୟ ନଷ୍ଟ, ୨୦୦ କେଜି ପଲିଥିନ୍ ଜବତ

**ଜୁନାଗଡ଼, ୨୫।୮ (ସମିସ)**

ଜୁନାଗଡ଼ ଏନ୍‌ଏସି ଅଞ୍ଚଳରେ ଖାଦ୍ୟ ନିରାପତ୍ତା ବିଭାଗ, ପୁଲିସ ଏବଂ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏକ ବଡ଼ ଧରଣର ମିଳିତ ଚଢ଼ଉ କରାଯାଇଛି। ଟିମ୍ ପକ୍ଷରୁ ସହରର ପ୍ରାୟ ୨୪ଟି ଖାଦ୍ୟ ପ୍ରତିଷ୍ଠାନ ଓ ମିଠା ଦୋକାନରେ ଯାଞ୍ଚ କରାଯାଇଥିଲା। ଏହି ସମୟରେ ବିଭିନ୍ନ ଦୋକାନରୁ ପ୍ରାୟ ୩୫ କିଲୋଗ୍ରାମ ବାସୀଖାଦ୍ୟ ଏବଂ କ୍ଷତିକାରକ କୃତ୍ରିମ ରଙ୍ଗ ମିଶ୍ରିତ ଖାଦ୍ୟ ସାମଗ୍ରୀ ଚିହ୍ନଟ ହୋଇଥିଲା, ଯାହାକୁ ତୁରନ୍ତ ଘଟଣାସ୍ଥଳରେ ନଷ୍ଟ କରାଯାଇଥିଲା। ଖାଦ୍ୟ ସୁରକ୍ଷା ଓ ମାନକ ଅଧିନିୟମର ଧାରା ୬୯ ଅନୁଯାୟୀ ନିୟମ ଉଲ୍ଲଂଘନକାରୀ ବ୍ୟବସାୟୀଙ୍କ ଠାରୁ ୯, ୩୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ସେହିପରି ପନିରରେ ଭେଜାଲ ଷ୍ଟାର୍ଚ୍ଚ ଯାଞ୍ଚ ପାଇଁ ୭ଟି ପ୍ରତିଷ୍ଠାନରୁ ନମୁନା ସଂଗ୍ରହ କରି 'ରାପିଡ୍ ଆୟୋଡିନ୍ ପରୀକ୍ଷା' କରାଯାଇଥିବା ବେଳେ ସମସ୍ତ ନମୁନା ନେଗେଟିଭ୍ ଆସିଥିଲା। ଅଧିକ ପରୀକ୍ଷା ପାଇଁ ମିଠା ଓ ପନିର ସମେତ ୮ଟି ନମୁନା ରାଜ୍ୟ ଲ୍ୟାବ୍‌କୁ ପଠାଯାଇଛି। ଅନ୍ୟପକ୍ଷରେ, ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ଏନ୍‌ଏସି ଟିମ୍ ପକ୍ଷରୁ ଚଢ଼ଉ କରାଯାଇ ବିଭିନ୍ନ ଦୋକାନରୁ ପ୍ରାୟ ୨୦୦ କିଲୋଗ୍ରାମ ନିଷିଦ୍ଧ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ୍ ଓ ପଲିଥିନ୍ ଜବତ କରାଯିବା ସହ ୧୨ ଜଣ ବ୍ୟବସାୟୀଙ୍କ ଠାରୁ ୫, ୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଚଢ଼ଉରେ କଳାହାଣ୍ଡି ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ବିଶ୍ୱଜିତ ନାଏକ, ଜୁନାଗଡ଼ ଏନ୍‌ଏସିର ସାନିଟେସନ୍ ଏକ୍ସପର୍ଟ ବାଳକୃଷ୍ଣ ବଞ୍ଜାରା, ଖାଦ୍ୟ ନିରାପତ୍ତା ସହାୟକ ରାଜୀବ ଲୋଚନ ରଣା ଏବଂ ଜୁନାଗଡ଼ ଥାନା ଏସ୍‌ଆଇ ତପନ କୁମାର କାଲୋଙ୍କ ସମେତ ପୁଲିସ ଓ ପ୍ରଶାସନିକ କର୍ମଚାରୀମାନେ ଉପସ୍ଥିତ ଥିଲେ।



# ନୂଆ ପିଢ଼ିକୁ ଦାୟିତ୍ୱ ହସ୍ତାନ୍ତର ପାଇଁ ସମୟ ଆସିଛି: ଗଡ଼କରୀ

ନାଗପୁର, ୨୫।୮ (ଏଜେନ୍ସି): କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଏବେ ଆଉ ପୂର୍ବଭଳି ଅଧିକ କାର୍ଯ୍ୟ କରିବାକୁ ସମର୍ଥ ନୁହନ୍ତି ବୋଲି ମଙ୍ଗଳବାର କହିଛନ୍ତି। ଏହାସହ ବର୍ତ୍ତମାନ ଯୁବ ପିଢ଼ିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାର ସମୟ ଉପନୀତ ହୋଇଥିବା ଏହି ୬୯ ବର୍ଷିୟ ନେତା ପ୍ରକାଶ କରିଛନ୍ତି। ବ୍ୟବସ୍ଥା ମଧ୍ୟକୁ ଅନେକ ନୂତନ ପିଢ଼ିର ବ୍ୟକ୍ତି ପ୍ରବେଶ କରିଛନ୍ତି, ବରିଷ୍ଠ ନେତାମାନେ ବର୍ତ୍ତମାନ ସେମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି। ନାଗପୁରରେ ଆୟୋଜିତ ଏକଲବ୍ୟ ଏକଲ ବିଦ୍ୟାଳୟ ଶିକ୍ଷକ-ପରିଦର୍ଶକ ପ୍ରଶିକ୍ଷଣ ଶିବିରରେ ଉଦ୍‌ବୋଧନ ଦେଇ ଗଡ଼କରୀ କହିଛନ୍ତି, 'ମୁଁ ଏବେ ଆଉ ଅଧିକ କାମ କରିପାରୁନାହିଁ। ଯେତେବେଳେ ମୋର ସାମର୍ଥ୍ୟ ଥିଲା, ମୁଁ ପ୍ରଚୁର କାମ କରିଛି। ବର୍ତ୍ତମାନ କାର୍ଯ୍ୟକ୍ଷେତ୍ରରେ ମୋର ସମ୍ପୃକ୍ତି ପୂର୍ବ ଅପେକ୍ଷା ହ୍ରାସ ପାଇଛି'। ଏହି ସମୟ ମଧ୍ୟରେ ସେ ଅନେକ ସଫଳତା ଓ ବିଫଳତା ଦେଖିଛନ୍ତି ଏବଂ ଅନେକ ପୁରସ୍କାର ମଧ୍ୟ ପାଇଛନ୍ତି ବୋଲି କହିଥିଲେ। ଏବେ କାର୍ଯ୍ୟରୁ ନିଜକୁ କିଛି ମାତ୍ରାରେ ଦୂରେଇ ରଖିବା ସହ ସେ ବର୍ତ୍ତମାନ ନିଜର ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ ହୋଇଛନ୍ତି। ଏହି ଅବସରରେ ସେ ଯୁବକମାନଙ୍କୁ ଏକ ସୁସ୍ଥ ଜୀବନଶୈଳୀ ପାଇଁ ପ୍ରତିଦିନ ବ୍ୟାୟାମ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ନିଜ ରାଜନୈତିକ କ୍ୟାରିୟରର ପ୍ରାରମ୍ଭିକ ଦିନଗୁଡ଼ିକର କିଛି ରୋଚକ ସ୍ମୃତି ସଭାଗୃହରେ ବାଣ୍ଟିଥିଲେ। ନିଜର ପ୍ରାରମ୍ଭିକ ଜୀବନ ଅତ୍ୟନ୍ତ ଅନିୟମିତ ଥିଲା ଏବଂ ସେହି ସମୟରେ ସେ ଅତ୍ୟନ୍ତ ଉତ୍ସାହର ସହିତ ସାଇକେଲ ଏବଂ ସ୍କୁଟର ଯୋଗେ ଦଳୀୟ କାର୍ଯ୍ୟ ପାଇଁ ଯାତ୍ରା କରୁଥିଲେ ବୋଲି କହିଥିଲେ। ଉଲ୍ଲେଖଯୋଗ୍ୟ, ନିକଟରେ ବିଜେପି ରାଷ୍ଟ୍ରୀୟ ସଭାପତି ନୀତିନ ନବୀନଙ୍କ ନେତୃତ୍ୱରେ ନୂତନ ୬୫ ଜଣିଆ ଜାତୀୟ ଟିମ୍ ଘୋଷଣା କରିଛି, ଯେଉଁଥିରେ ୫୧ ଜଣ ନୂଆ ମୁହଁ ସ୍ଥାନ ପାଇଛନ୍ତି। ଏହି ସମୟରେ ଗଡ଼କରୀଙ୍କ ଏପରି ମନ୍ତବ୍ୟ ରାଜନୈତିକ ମହଲରେ ନାନା ଆଲୋଚନା ସୃଷ୍ଟି କରିଛି। ତେବେ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ମନ୍ତବ୍ୟର କୌଣସି ରାଜନୈତିକ ପ୍ରସଙ୍ଗ ନଥିବା କୁହାଯାଇଛି।



# ରୁଷିଆରେ ଓହ୍ଲାଇଲା ଆମେରିକାର ରହସ୍ୟମୟ ସାମରିକ ବିମାନ



ମସ୍କୋ, ୨୫।୮ (ଏଜେନ୍ସି): ୟୁକ୍ରେନ ବିବାଦକୁ ନେଇ ୱାସିଂଟନ ଏବଂ ମସ୍କୋ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ଥିବା ସମୟରେ ରୁଷିଆର ଏକ ପ୍ରମୁଖ ବିମାନବନ୍ଦରରେ ଆମେରିକାର ଏକ ସାମରିକ ବିମାନ ଅବତରଣ କରିବା ଘଟଣା ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ମଙ୍ଗଳବାର ଆମେରିକାର

## ମୁହଁ ଖୋଲୁନାହାନ୍ତି ଆମେରିକା-ରୁଷ

ଏହି ସାମରିକ ବିମାନଟି ମସ୍କୋର ଭ୍ନୁକୋଭୋ ବିମାନବନ୍ଦରରେ ଅବତରଣ କରିଛି। ଫ୍ଲାଇଟ୍ ଟ୍ରାକିଂ ଡାଟା ଏବଂ ଅନ୍ୟାନ୍ୟ ସୂତ୍ର ଅନୁଯାୟୀ, ଅବତରଣ କରିଥିବା ଏହି ବିମାନଟି ଆମେରିକା ବାୟୁସେନାର ଏକ ବୋଇଂ ସି-୧୭ ଗ୍ଲୋବମାଷ୍ଟର-୩ ପରିବହନ ବିମାନ ବୋଲି ଜଣାପଡ଼ିଛି। ଏହି ବିଶାଳକାୟ ସାମରିକ ବିମାନଟି ସାଧାରଣତଃ ସୈନ୍ୟ, ଯୁଦ୍ଧ ସରଞ୍ଜାମ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଦୂର ସ୍ଥାନକୁ ପରିବହନ କରିବା ପାଇଁ ବ୍ୟବହୃତ ହୋଇଥାଏ। ତେବେ ଏହି ବିମାନଟି କେଉଁ ଉଦ୍ଦେଶ୍ୟରେ ମସ୍କୋ ଆସିଛି, ସେ ନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ବିମାନରେ କେଉଁ ସାମଗ୍ରୀ କିମ୍ବା କେଉଁ ବ୍ୟକ୍ତି ଅଛନ୍ତି, ତାହା ଏବେ ବି ରହସ୍ୟଘେରରେ ରହିଛି। ଏହି ବିଷୟରେ ଆମେରିକା କିମ୍ବା ରୁଷିଆ ପକ୍ଷରୁ କୌଣସି ସରକାରୀ ମତ ଜାରି କରାଯାଇନାହିଁ। ବିମାନର ରେକର୍ଡରୁ ଜଣାପଡ଼ିଛି ଯେ, ଆମେରିକାର ପ୍ରସିଦ୍ଧ ଆଣ୍ଡ୍ରୁଜ୍ ଏୟାରଫୋର୍ସ ବେସରୁ ବାହାର ଅଗଷ୍ଟ ୨୩ରେ ବିମାନଟି ରିଗାରେ ପହଞ୍ଚିଥିଲା। ଏହି ବେସଟି ଆମେରିକା ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ବିମାନ ଏୟାରଫୋର୍ସ ୱାନର ମୁଖ୍ୟ କେନ୍ଦ୍ର ହେବା ସହ ଆମେରିକା ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କର ବିମାନ ଯାତ୍ରାର ଏକ ପ୍ରମୁଖ ହବ୍ ଅଟେ। ତେଣୁ ଏହି ଘଟଣାକୁ ନେଇ ବିଶ୍ୱ ରାଜନୈତିକ ପରିବେଶରେ ହଇଚଇ ସୃଷ୍ଟି ହୋଇଛି।

# ୨୦ ବିଦ୍ରୋହୀ ଟିଏମ୍‌ସି ସାଂସଦଙ୍କୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି): ଲୋକସଭାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ୨୦ ଜଣ ବିଦ୍ରୋହୀ ସାଂସଦଙ୍କ ଅଯୋଗ୍ୟତା ସମ୍ପର୍କିତ ଆବେଦନ ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର ସମ୍ପୃକ୍ତ ସାଂସଦମାନଙ୍କୁ ନୋଟିସ୍ ଜାରି କରିଛନ୍ତି। ଟିଏମସିର ସାଧାରଣ ସମ୍ପାଦକ ତଥା ଲୋକସଭା ଦଳୀୟ ନେତା ଅଭିଷେକ ବାନାର୍ଜୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ରିଟ୍ ପିଟିସନ (ଆବେଦନ) ଉପରେ କୋର୍ଟ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନିକଟରେ ଏହି ସାଂସଦମାନଙ୍କ ବିରୋଧରେ ଦାଖଲ ହୋଇଥିବା ଆବେଦନର ଶୁଣାଣିରେ ହେଉଥିବା ବିଳମ୍ବକୁ ଅଭିଷେକ ବାନାର୍ଜୀ ଚ୍ୟାଲେଞ୍ଜ କରିଛନ୍ତି। ଏହି ସମ୍ପର୍କରେ ତୁରନ୍ତ ତଥା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନିଷ୍ପତ୍ତି ନେବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଲୋଡ଼ିଛନ୍ତି। ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚି ଏବଂ ଜଷ୍ଟିସ୍ ଭି. ମୋହନାଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଏହି ଆବେଦନରେ ବାଚସ୍ପତି ଓମ୍ ବିର୍ଲାଙ୍କୁ ପ୍ରଥମ ପ୍ରତିପକ୍ଷ ଭାବରେ ଦର୍ଶାଯାଇଥିଲେ ମଧ୍ୟ ସୁପ୍ରିମକୋର୍ଟ ତାଙ୍କ ବିରୋଧରେ କୌଣସି ନୋଟିସ୍ ଜାରି କରିନାହାନ୍ତି। ଶୁଣାଣି ସମୟରେ ଖଣ୍ଡପୀଠ ବାଚସ୍ପତିଙ୍କୁ ମଧ୍ୟ ନୋଟିସ୍ ଜାରି କରିବାକୁ ପ୍ରସ୍ତୁତ ଥିଲେ। ହେଲେ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା କୋର୍ଟଙ୍କୁ ଜଣାଇଥିଲେ ଯେ ସେ ବାଚସ୍ପତି

- ଅଯୋଗ୍ୟ ଘୋଷଣା ପାଇଁ ମାମଲା
- ବାଚସ୍ପତିଙ୍କ ଦ୍ୱାରା ନିଷ୍ପତ୍ତି ନେବାରେ ବିଳମ୍ବ



ବିର୍ଲାଙ୍କ ପକ୍ଷରୁ କୋର୍ଟରେ ହାଜର ହେବେ ଏବଂ ବାଚସ୍ପତି ପୂର୍ବରୁ ହିଁ ଏହି ଅଯୋଗ୍ୟତା ଆବେଦନଗୁଡ଼ିକ ଉପରେ ନୋଟିସ୍ ଜାରି କରିସାରିଛନ୍ତି। ତେବେ ଶୁଣାଣି ବେଳେ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚି ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଶୁଣାଣି ପ୍ରକ୍ରିୟାକୁ ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଉଲ୍ଲେଖଯୋଗ୍ୟ, ଦଳବଦଳ ଓ ନୂତନ ଦଳ ନେଇ ଟିଏମସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନରେ ୨୦ ଜଣ ସାଂସଦଙ୍କୁ ପ୍ରତିପକ୍ଷ କରାଯାଇଛି। ଏହି ସାଂସଦମାନେ ଚଳିତ ବର୍ଷ ଆରମ୍ଭରେ ଟିଏମସି ଟିକେଟରେ ବିଧାନସଭା ନିର୍ବାଚନ ଜିତିଥିଲେ। କିନ୍ତୁ ମେ'ରେ ନିର୍ବାଚନ ଫଳାଫଳ ଘୋଷଣା ହେବାର ସଙ୍ଗେ ସଙ୍ଗେ ସେମାନେ ଦଳ ବଦଳ କରି ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ ନାମକ ଏକ ଅପରିଚିତ ରାଜନୈତିକ ଦଳରେ ଯୋଗ ଦେଇଥିଲେ। ଦଳବଦଳ ବିରୋଧୀ ଆଇନ ଆଧାରରେ ବିଦ୍ରୋହୀ ସାଂସଦମାନଙ୍କୁ ତୁରନ୍ତ ସଂସଦ ସଭ୍ୟ ପଦରୁ ଅଯୋଗ୍ୟ ଘୋଷଣା କରିବାକୁ ଟିଏମ୍‌ସି ଦାବି କରିଆସୁଛି।

## ଜାମ୍ମୁ-କାଶ୍ମୀରରେ ୬ ସନ୍ଦିଗ୍ଧ ଆତଙ୍କବାଦୀ ଗିରଫ

ଶ୍ରୀନଗର, ୨୫।୮ (ଏଜେନ୍ସି): ଜାମ୍ମୁ-କାଶ୍ମୀରରେ ସୁରକ୍ଷା ବାହିନୀ ବିଳମ୍ବିତ ରାତିରେ କାଶ୍ମୀରର ବିଭିନ୍ନ ସ୍ଥାନରେ ଯାଞ୍ଚ ଅଭିଯାନ କରିଛି। ଏଥିରେ ୬ ଜଣ ସନ୍ଦିଗ୍ଧ ଆତଙ୍କବାଦୀ ଓ ସେମାନଙ୍କର ସହଯୋଗୀଙ୍କୁ ଗିରଫ କରାଯିବା ସହ ବିପୁଳ ପରିମାଣର ବିସ୍ଫୋରକ ଓ ସାମଗ୍ରୀ ଜବତ କରାଯାଇଛି। ଯାଞ୍ଚ ଅଭିଯାନରେ ଗିରଫ ୬ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ନିକଟରୁ ଦୁଇଟି ହାତଗ୍ରେନେଡ ଏବଂ ହିଜବୁଲ ମୁଜାହିଦ୍ଦିନର ନାମ ଥିବା ୫ଟି ପୋଷ୍ଟର ଜବତ କରାଯାଇଛି। ସେହିପରି, ପୁଲୱାମା ଜିଲ୍ଲାର ଯାରୱାନ ଜଙ୍ଗଲ ଅଞ୍ଚଳରେ ସର୍ଚ୍ଚ ଅପରେସନ ବେଳେ ୨ ଜଣ ସନ୍ଦିଗ୍ଧ ଆତଙ୍କବାଦୀ ସହଯୋଗୀଙ୍କୁ ଗିରଫ କରାଯାଇଛି। ସେମାନେ ଲତିଫ ଅହମ୍ମଦ ଦିଦାଦ ଏବଂ ଏଜାଜ ଅହମ୍ମଦ ବାଜାଦ ବୋଲି ପରିଚୟ ମିଳିଛି।

## ଫ୍ରାନ୍ସରେ ଘୂର୍ଣ୍ଣିଝଡ଼; ୩୯ ଆହତ

ପୋମାସ, ୨୫।୮ (ଏଜେନ୍ସି): ଫ୍ରାନ୍ସର ଦକ୍ଷିଣ-ପଶ୍ଚିମ ଅଞ୍ଚଳର ପୋମାସ ଗ୍ରାମରେ ଘୂର୍ଣ୍ଣିଝଡ଼ ଫଳରେ ବ୍ୟାପକ ଧ୍ୱଂସ ହୋଇଛି। ଏଥିରେ ପ୍ରାୟ ୩୯ ଜଣ ଆହତ ହୋଇଛନ୍ତି ଏବଂ ଶତାଧିକ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ଆହତଙ୍କ ମଧ୍ୟରୁ ୧୫ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଦୁଇ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ଘଣ୍ଟା ପ୍ରତି ୧୧୭ କିଲୋମିଟର ବେଗରେ ପ୍ରବାହିତ ଏହି ଘୂର୍ଣ୍ଣିଝଡ଼ ଯୋଗୁଁ କାରକାସୋନର ଦକ୍ଷିଣରେ ଥିବା ଏହି ଗ୍ରାମରେ ପ୍ରାୟ ୩୦୦ଟି ଘରର ଛାତ ଉଡ଼ିଯାଇଛି ଏବଂ ଅନେକ ଘର ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ ବିଗତ ୧୦୦୦ ବର୍ଷର ଐତିହାସିକ ପଥର ଦୁର୍ଗର ପ୍ରାୟ ଏକ-ତୃତୀୟାଂଶ ଅଂଶ ଏହି ଝଡ଼ ପ୍ରଭାବରେ ଭୁଶୁଡ଼ି ପଡ଼ିଛି। ଏହି ଝଡ଼ରେ ପୋମାସ ସମେତ ଆଖପାଖର ୧୦ଟି ଗ୍ରାମର ପ୍ରାୟ ୨, ୮୦୦ ଘରକୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଛି। ଝଡ଼ ଯୋଗୁଁ ପ୍ୟାରିସର ଅନେକ ବିମାନବନ୍ଦରଗୁଡ଼ିକରେ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି।

# ଆଇଆଇଟିରେ ବି ବଢୁଛି ଆତ୍ମହତ୍ୟା

## ୫ ବର୍ଷରେ ବିଭିନ୍ନ ଆଇଆଇଟିରେ ୬୫ ଛାତ୍ର ଆତ୍ମହତ୍ୟା



ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି): ଆଇଆଇଟି ଦିଲ୍ଲୀର ପଦାର୍ଥ ବିଜ୍ଞାନ ଏମଏସସି ଛାତ୍ର ରଷିକେଶ କୁମାରଙ୍କ ଆତ୍ମହତ୍ୟାକୁ ନେଇ କ୍ୟାମ୍ପସରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏହାପରେ ଛାତ୍ରଛାତ୍ରୀଙ୍କ ବ୍ୟାପକ ବିକ୍ଷୋଭ ପରେ ବିଶ୍ୱବିଦ୍ୟାଳୟ ପ୍ରଶାସନ ଏକ ନିରପେକ୍ଷ ତଦନ୍ତ ନିର୍ଦ୍ଦେଶ ଦେବା ସହ ଏକ ୫ ଜଣିଆ ବିଶେଷ କମିଟି ଗଠନ କରିଛି। ଏହି କମିଟି ଆଗାମୀ ଦୁଇ ସପ୍ତାହ ମଧ୍ୟରେ ନିଜର ବିସ୍ତୃତ ତଦନ୍ତ ରିପୋର୍ଟ ପ୍ରଦାନ କରିବ। ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ପ୍ରାୟ ୩୦୦ ରୁ ଅଧିକ ଛାତ୍ରଛାତ୍ରୀ କ୍ୟାମ୍ପସ ପରିସରରେ ଏକାଠି ହୋଇଥିଲେ। ସେମାନେ ରଷିକେଶଙ୍କ ମୃତ୍ୟୁ ମାମଲାର ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ଦାବିରେ ବିକ୍ଷୋଭ


## ଆଇଆଇଟି ଦିଲ୍ଲୀ ଛାତ୍ର ରଷିକେଶ ଆତ୍ମହତ୍ୟା ମାମଲା; ବିକ୍ଷୋଭ ପରେ ତଦନ୍ତ ନିର୍ଦ୍ଦେଶ

ପ୍ରଦର୍ଶନ କରିଥିଲେ। ଏହାସହ ସେମାନେ ଡିନଙ୍କ ଇସ୍ତଫା ଦାବି କରିଛନ୍ତି। ଆଇଆଇଟି ଦିଲ୍ଲୀର ନିର୍ଦ୍ଦେଶକ ପ୍ରଫେସର ରଞ୍ଜନ ବାନାର୍ଜୀ ୫ ଜଣିଆ କମିଟି ରଷିକେଶଙ୍କ ମୃତ୍ୟୁ ସହ ଜଡ଼ିତ ସମସ୍ତ ପରିସ୍ଥିତିର ଯାଞ୍ଚ କରିବ ବୋଲି ଜଣାଇଛନ୍ତି। କମିଟିରେ ଉତ୍ତରାଖଣ୍ଡର ପୂର୍ବତନ ମହାନିର୍ଦ୍ଦେଶକ ଅଶୋକ କୁମାର, ଦିଲ୍ଲୀ ଏମ୍ସର ମାନସିକ ରୋଗ ବିଭାଗର ମୁଖ୍ୟ ପ୍ରଫେସର ପ୍ରତାପ ଶର୍ମା ସଦସ୍ୟ ରହିବେ। ଏହାସହ ଛାତ୍ର ପ୍ରତିନିଧି ଏବଂ ଆଇଆଇଟି ଦିଲ୍ଲୀର ରେଜିଷ୍ଟ୍ରାର କମିଟିର ସଚିବ ଏବଂ ଆବାହକ ଭାବେ ଦାୟିତ୍ୱ ତୁଲାଇବେ।

ସୂଚନା ଅନୁଯାୟୀ, ରଷିକେଶ ଜୁଲାଇ ୨୦୨୫ରେ ଆଇଆଇଟି ଦିଲ୍ଲୀରେ ଯୋଗ ଦେଇଥିଲେ। ସେ ଶିବାଲିକ ହଷ୍ଟେଲରେ ରହୁଥିଲେ। ତେବେ ମାର୍ଚ୍ଚ ୨୦୨୬ ରେ ତାଙ୍କର ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସାମ୍ନାକୁ ଆସିଥିଲା। ପରେ ସେ ଦ୍ୱିତୀୟ ସେମିଷ୍ଟାରରୁ ଓହରିଯାଇ କ୍ୟାମ୍ପସ ବାହାରେ ନିଜ ଅଭିଭାବକଙ୍କ ସହ ରହୁଥିଲେ। ଜୁଲାଇ ୨୦୨୬ ରେ ସେ ପୁଣି କ୍ୟାମ୍ପସକୁ ଫେରିଥିଲେ। ସ୍ୱାସ୍ଥ୍ୟ ଯାଞ୍ଚ କରି ତାଙ୍କୁ ପୁନର୍ବାର ପରିବାର ସହ ରହିବାକୁ ପରାମର୍ଶ ଦିଆଯାଇଥିଲା ଏବଂ ପଦାର୍ଥ ବିଜ୍ଞାନ ବିଭାଗ ତାଙ୍କର ତୃତୀୟ ସେମିଷ୍ଟାରରୁ ଓହରିଯିବା ଅନୁରୋଧକୁ ମଞ୍ଜୁର କରିଥିଲା। ବର୍ତ୍ତମାନ ରଷିକେଶଙ୍କ ପରିବାରକୁ ଶିକ୍ଷାନୁଷ୍ଠାନ ପକ୍ଷରୁ ସହାୟତା ଯୋଗାଇ ଦିଆଯିବା ସହ ତାଙ୍କ ଚିକିତ୍ସାର ଖର୍ଚ୍ଚ ଭରଣା କରାଯିବ। ଏଥିସହିତ ପରିବାରକୁ ଅତିରିକ୍ତ ସହାୟତା ପାଇଁ ଏକ ନୂତନ ସ୍ୱେଚ୍ଛାକୃତ ପାଣ୍ଠି ଗଠନ କରାଯିବ। ଏହାସହ ମାନସିକ ସ୍ୱାସ୍ଥ୍ୟ ସହାୟତା ଆବଶ୍ୟକ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ନୂତନ ମେଣ୍ଟର ବ୍ୟବସ୍ଥା ଆରମ୍ଭ କରାଯିବ। ସେପଟେ ଗତ ୫ ବର୍ଷରେ ବିଭିନ୍ନ ଆଇଆଇଟିରେ ୬୫ ଜଣ ଛାତ୍ର ଆତ୍ମହତ୍ୟା କରିବା ଏକ ତୃଣମୂଳ ସମସ୍ୟା ବୋଲି ସିଜେପି କହିଛି। ଏଥିପ୍ରତି ତୁରନ୍ତ ଧ୍ୟାନ ଦେବାକୁ ସିଜେପି ଦାବି କରିଛି।

# ତରୁଣ ତେଜପାଲଙ୍କ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି): ବରିଷ୍ଠ ସାମ୍ବାଦିକ ତରୁଣ ତେଜପାଲଙ୍କୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଆଶ୍ୱସ୍ତି ମିଳିନାହିଁ। ୨୦୧୩ର ଏକ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୧୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ପାଇଥିବା 'ତେହଲକା'



ପତ୍ରିକାର ପୂର୍ବତନ ସମ୍ପାଦକ ତରୁଣ ତେଜପାଲଙ୍କ ଆତ୍ମସମର୍ପଣରୁ ମୁକ୍ତି ପାଇଁ ଦାଖଲ ହୋଇଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଛନ୍ତି। ତାଙ୍କୁ ଆସନ୍ତା ୩ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଜଷ୍ଟିସ ଆଲୋକ ଆରାଧେଙ୍କ ଖଣ୍ଡପୀଠ ଏହି ସମ୍ବନ୍ଧୀୟ ଆବେଦନର ଶୁଣାଣି ଆଜି ଏହି ରାୟ ଶୁଣାଇଛନ୍ତି। ତେବେ ଆବେଦନକାରୀ ତେଜପାଲଙ୍କୁ ଆତ୍ମସମର୍ପଣ କରିବା ଏବଂ କୋର୍ଟରେ ଆତ୍ମସମର୍ପଣ ପ୍ରମାଣପତ୍ର ଦାଖଲ କରିବା ପାଇଁ ୩ ସପ୍ତାହ ସମୟ ପ୍ରଦାନ କରାଯାଇଛି। ସୁପ୍ରିମକୋର୍ଟଙ୍କ ପୂର୍ବ ନିଷ୍ପତ୍ତି ଅନୁଯାୟୀ, ଅପିଲ୍ ଶୁଣାଣି ପୂର୍ବରୁ ଅଭିଯୁକ୍ତଙ୍କ ଆତ୍ମସମର୍ପଣ କରିବା ବାଧ୍ୟତାମୂଳକ ଅଟେ। ସୂଚନାଯୋଗ୍ୟ, ତରୁଣ ତେଜପାଲ (୬୨)ଙ୍କ ବିରୋଧରେ ଗୋଆର ଏକ ହୋଟେଲର ଲିଫ୍ଟ ଭିତରେ ଜଣେ କନିଷ୍ଠ ମହିଳା ସହକର୍ମୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ୨୦୧୩ରେ ପତ୍ରିକା ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମ ସମୟରେ ଘଟିଥିଲା। ପୂର୍ବରୁ ତେଜପାଲ ନିଜକୁ ରାଜନୈତିକ ଆକ୍ରୋଶର ଶିକାର ବୋଲି ଦାବି କରିଥିଲେ। ଚଳିତ ବର୍ଷ ଅଗଷ୍ଟ ୬ରେ ବମ୍ବେ ହାଇକୋର୍ଟ, ନିମ୍ନ ଅଦାଲତଙ୍କ ଦ୍ୱାରା ତେଜପାଲଙ୍କୁ ଖଲାସ କରାଯିବା ନିଷ୍ପତ୍ତିକୁ ରଦ୍ଦ କରି ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଥିଲେ। ହାଇକୋର୍ଟ ପ୍ରଥମେ ତାଙ୍କୁ ଆତ୍ମସମର୍ପଣ ପାଇଁ ଦୁଇ ସପ୍ତାହ ସମୟ ଦେଇଥିଲେ, ଯାହାକୁ ପରବର୍ତ୍ତୀ ସମୟରେ ଓକିଲଙ୍କ ଅନୁରୋଧ କ୍ରମେ ଚାରି ସପ୍ତାହକୁ ବୃଦ୍ଧି କରାଯାଇଥିଲା। ଏହା ବିରୋଧରେ ତେଜପାଲ ଅଗଷ୍ଟ ୨୦ରେ ସର୍ବୋଚ୍ଚ ଅଦାଲତର ଦ୍ୱାରସ୍ଥ ହୋଇଥିଲେ।

# ମୁମ୍ବଇରେ ୧୦ କିମିକୁ ୫୦୦ ଟଙ୍କା



ମୁମ୍ବWWଇ, ୨୫।୮ (ଏଜେନ୍ସି): ମହାରାଷ୍ଟ୍ର ସରକାରଙ୍କ ଦ୍ୱାରା ଅଟୋ-ରିକ୍ସା, ଟ୍ୟାକ୍ସି ଏବଂ ଆପ୍-ଆଧାରିତ କ୍ୟାବ୍ ଚାଳକମାନଙ୍କ ପାଇଁ ମରାଠୀ ଭାଷାର କାର୍ଯ୍ୟକାରୀ ଜ୍ଞାନ ବାଧ୍ୟତାମୂଳକ କରାହୋଇଛି। ମହାରାଷ୍ଟ୍ର ସରକାର ଗତ ଅଗଷ୍ଟ ୧୨ରେ ଏକ ବିଜ୍ଞପ୍ତି ଜରିଆରେ ଏହି ନୂତନ ନିୟମ ପ୍ରଣୟନ କରିଥିଲେ। ଚାଳକମାନେ ଅଭିଯୋଗ କରିଛନ୍ତି ଯେ, ଏହି ନିୟମ ସେମାନଙ୍କର ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଛି। ମୋଟର ଯାନ ଅଧିନିୟମ, ୧୯୮୮ରେ ଡ୍ରାଇଭିଂ ଲାଇସେନ୍ସ ପାଇବା କିମ୍ବା ବ୍ୟବସାୟିକ ଯାନ ଚଳାଇବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଭାଷା ଶିଖିବାର ସର୍ତ୍ତ ନାହିଁ। ଚାଳକମାନେ ଏହି ବିଜ୍ଞପ୍ତି ଉପରେ ତୁରନ୍ତ ରହିତାଦେଶ ଜାରି କରିବାକୁ ହାଇକୋର୍ଟଙ୍କୁ ଅନୁରୋଧ କରିଛନ୍ତି। ସେପଟେ ମରାଠୀ ଭାଷା ଶିକ୍ଷାକୁ ବିରୋଧ କରି ଚାଲିଥିବା ଧର୍ମଘଟ ଯୋଗୁଁ ଯାତ୍ରୀମାନେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗାଡ଼ିର ଅଭାବ କାରଣରୁ ଅନ୍‌ଲାଇନ୍ ଆପ୍ ଗୁଡ଼ିକରେ ଯାତ୍ରା ଭଡ଼ା ପ୍ରାୟ ୧୦୦% ରୁ ଅଧିକ ବୃଦ୍ଧି ପାଇଛି। ୧୦ କିଲୋମିଟର ପାଇଁ ସରକାରୀ ଭଡ଼ା ୧୭୨

# ପାଟନାରେ ଛାତ୍ର-ପୁଲିସ ମୁହାଁମୁହିଁ

ପାଟନା, ୨୫।୮ (ଏଜେନ୍ସି): ବିହାରର ରାଜଧାନୀ ପାଟନାରେ ମଙ୍ଗଳବାର ୭୦ତମ ବିହାର ଲୋକସେବା ଆୟୋଗ (ବିପିଏସ୍‌ସି) ପରୀକ୍ଷା ବାତିଲ ଦାବିରେ ହଜାର ହଜାର ଛାତ୍ରଛାତ୍ରୀ ପ୍ରତିବାଦ କରିଛନ୍ତି। ଆନ୍ଦୋଳନକାରୀ ରାଜଭବନ ଅଭିମୁଖେ ବିଶାଳ ଶୋଭାଯାତ୍ରା କରିଥିବା ବେଳେ ପୁଲିସ ସହ ପ୍ରବଳ ସଂଘର୍ଷ ହୋଇଛି। ଗାନ୍ଧୀ ମଇଦାନରୁ ବାହାରିଥିବା ଏହି ଆନ୍ଦୋଳନକାରୀ ଛାତ୍ରମାନେ ପୁଲିସ ବାରିକେଡ୍ ଭାଙ୍ଗି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ କରିବାକୁ ଉଦ୍ୟମ କରିଥିଲେ। ପରିସ୍ଥିତି ଅନିୟନ୍ତ୍ରିତ ହେବାରୁ ପୁଲିସ ପକ୍ଷରୁ ପାଣି ମାଡ କରାଯାଇଥିଲା ଏବଂ ଅନେକ ଛାତ୍ରଙ୍କୁ ପୁଲିସ ହେପାଜତକୁ ନେଇଛି। ସୂଚନା ଅନୁସାରେ, ପ୍ରତିବାଦକାରୀମାନେ ନିଷେଧାଞ୍ଚଳ ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ପୁଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ବାରିକେଡ୍ ଭାଙ୍ଗି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଆଗେଇଥିଲେ। ଏହି ସମୟରେ ଛାତ୍ର ଏବଂ ପୁଲିସ ବାହିନୀ ମଧ୍ୟରେ ପ୍ରବଳ ଧସ୍ତାଧସ୍ତି ଦେଖିବାକୁ ମିଳିଥିଲା। ଉତ୍ତେଜନା ବୃଦ୍ଧି ପାଇବା ପରେ ପୁଲିସ ପକ୍ଷରୁ ଜଳକମାଣ ବ୍ୟବହାର କରିଥିଲା।

୭୦ତମ ବିପିଏସସି ପରୀକ୍ଷାରେ ବ୍ୟାପକ ଅନିୟମିତତା ଏବଂ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ କରି ଛାତ୍ରମାନେ ଏହି ପରୀକ୍ଷାକୁ ବାତିଲ କରିବାକୁ ଦାବି କରୁଛନ୍ତି। ଏହା ସହିତ ପ୍ରସ୍ତାବିତ ଚତୁର୍ଥ ପର୍ଯ୍ୟାୟ ଶିକ୍ଷକ ନିଯୁକ୍ତି ପରୀକ୍ଷା (ଟିଆରଇ ୪.୦)କୁ ଦୁଇଟି ପର୍ଯ୍ୟାୟ ପରିବର୍ତ୍ତେ ଗୋଟିଏ ପର୍ଯ୍ୟାୟରେ ଶେଷ କରିବାକୁ ଏବଂ ଏଥିରୁ ନେଗେଟିଭ୍ ମାର୍କିଂ ଉଚ୍ଛେଦ କରିବାକୁ ଦାବି ହୋଇଛି। ଆନ୍ଦୋଳନକୁ କଂଗ୍ରେସ ନେତା ସୁଶୀଲ କୁମାର ସମର୍ଥନ କରିଛନ୍ତି। ନେଗେଟିଭ୍ ମାର୍କିଂ ହଟାଇବାକୁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି ଏବଂ ଛାତ୍ର ପ୍ରତିନିଧି ଦଳ ସହ ଆଲୋଚନା କରିବାକୁ ଦାବି କରିଛନ୍ତି। ଅନ୍ୟପଟେ ଆନ୍ଦୋଳନକାରୀ ଛାତ୍ର ବିକାଶ ଭଟ୍ଟ ରାଜ୍ୟ ଶିକ୍ଷା ଓ ନିଯୁକ୍ତି ପ୍ରକ୍ରିୟା ଉପରେ କ୍ଷୋଭ ପ୍ରକାଶ କରି କହିଛନ୍ତି, 'ବିହାରରେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ହେଉଛି। ବିଗତ ୧୮ ବର୍ଷ ହେବ ଲାଇବ୍ରେରିଆନ୍ ନିଯୁକ୍ତି ହୋଇନାହିଁ। ବିହାର କର୍ମଚାରୀ ଚୟନ ଆୟୋଗ (ବିଏସ୍‌ଏସ୍‌ସି) ତିନୋଟି ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରିଥିଲେ ମଧ୍ୟ ୩ ବର୍ଷ ପରେ ବି ପରୀକ୍ଷା କରାଯାଇ ନାହିଁ। ଏହି ପ୍ରସଙ୍ଗରେ ବିହାରର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ



ଏକ ପତ୍ର ଲେଖିଛନ୍ତି। ସରକାର ତୁରନ୍ତ ଛାତ୍ରମାନଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରନ୍ତୁ ବୋଲି ସେ ଦାବି କରିଛନ୍ତି।

# ନାଗପୁରରେ କ୍ଲୋରିନ୍ ଗ୍ୟାସ୍ ଲିକ୍; ୫୬ ଅସୁସ୍ଥ



ନାଗପୁର, ୨୫।୮ (ଏଜେନ୍ସି): ମହାରାଷ୍ଟ୍ର ନାଗପୁର ନିକଟ ଗୋଡନୀ ଗ୍ରାମପଞ୍ଚାୟତରେ ଥିବା ମହାରାଷ୍ଟ୍ର ଜୀବନ ପ୍ରାଧିକରଣ (ଏମ୍‌ଜେପି) ଜଳ ବିଶୋଧନ କେନ୍ଦ୍ରରେ ବିଷାକ୍ତ କ୍ଲୋରିନ୍ ଗ୍ୟାସ୍ ଲିକ୍ ହୋଇଛି। ଗ୍ୟାସ୍ ଲିକ୍ ଯୋଗୁଁ ସ୍ଥାନୀୟ ଅଞ୍ଚଳର ପ୍ରାୟ ୫୬ ଜଣ ବାସିନ୍ଦା ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣ ଗୁରୁତର ଅବସ୍ଥାରେ ଆଇସିୟୁରେ ଚିକିତ୍ସାଧୀନ ରହିଛନ୍ତି। ଏହି ବିଷାକ୍ତ ଗ୍ୟାସ୍ ପ୍ରଭାବରେ ସ୍ଥାନୀୟ ବାସିନ୍ଦାଙ୍କୁ ଶ୍ୱାସକ୍ରିୟାରେ ପ୍ରବଳ କଷ୍ଟ ହେବା ସହ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ସୂଚନା ଅନୁଯାୟୀ, ଜଳ ବିଶୋଧନ କେନ୍ଦ୍ରରେ ସଂରକ୍ଷିତ ଥିବା ଦୁଇଟି କ୍ଲୋରିନ୍ ସିଲିଣ୍ଡର ମଧ୍ୟରୁ ଗୋଟିକରୁ ଗ୍ୟାସ୍ ଲିକ୍ ହୋଇଥିଲା। ଉଦ୍ଧାରକାରୀ ଦଳ ଲିକ୍ ହୋଇଥିବା କ୍ଲୋରିନ୍ ସିଲିଣ୍ଡରକୁ ନିଷ୍କ୍ରିୟ କରିବାରେ ସଫଳ ହୋଇଛନ୍ତି। ବର୍ତ୍ତମାନ ଲିକ୍‌କୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରାଯାଇଛି। ଗ୍ୟାସ୍ ପ୍ରଭାବକୁ ହ୍ରାସ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରୟାସ ଜାରି ରହିଛି। ଚିକିତ୍ସିତ ହେଉଥିବା ୫୬ ଜଣଙ୍କ ମଧ୍ୟରୁ ୧୧ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ଏବଂ ଅବଶିଷ୍ଟ ୪୫ ଜଣଙ୍କର ଚିକିତ୍ସା ଜାରି ରହିଛି।

# ଇସ୍‌ଲାମ୍‌ରେ ହିଜାବ ଅନିବାର୍ଯ୍ୟ ନୁହେଁ: ଆହ୍ଲାବାଦ ହାଇକୋର୍ଟ



ପ୍ରୟାଗରାଜ, ୨୫।୮ (ଏଜେନ୍ସି): ବିଦ୍ୟାଳୟର ନିର୍ଦ୍ଧାରିତ ୟୁନିଫର୍ମ (ପୋଷାକ) ସହିତ ହିଜାବ ପିନ୍ଧିବା ପାଇଁ ଅନୁମତି ମାଗୁଥିବା ଜଣେ ମୁସଲିମ ଛାତ୍ରୀଙ୍କ ଆବେଦନକୁ ଆହ୍ଲାବାଦ ହାଇକୋର୍ଟ ସମ୍ପୂର୍ଣ୍ଣ ରୂପେ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଜେଜେ. ମୁନିର ଏବଂ ଜଷ୍ଟିସ୍ ଇନ୍ଦ୍ରଜିତ ଶୁକ୍ଲାଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଛନ୍ତି ଯେ, ମୁଣ୍ଡରେ ସ୍କାର୍ଫ ବା ହିଜାବ ପିନ୍ଧିବା ସମ୍ବିଧାନର ଧାରା ୨୫ ଅନ୍ତର୍ଗତ ଏକ ଅନିବାର୍ଯ୍ୟ ଧାର୍ମିକ ପ୍ରଥା ଭାବରେ ପ୍ରତିଷ୍ଠା କରାଯାଇପାରିବ ନାହିଁ। ତଥା ଏହା ପ୍ରମାଣ କରିବା ପାଇଁ ଆବେଦନକାରୀଙ୍କ ପକ୍ଷରୁ କୌଣସି ପର୍ଯ୍ୟାପ୍ତ ଧାର୍ମିକ କିମ୍ବା ଆଇନଗତ ଆଧାର ଉପସ୍ଥାପନ କରାଯାଇ ପାରିନାହିଁ। ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଶିକ୍ଷାନୁଷ୍ଠାନଗୁଡ଼ିକର ନିଜସ୍ୱ ନିୟମ ଓ ଶୃଙ୍ଖଳା ରହିଛି। ସମସ୍ତ ଛାତ୍ରଛାତ୍ରୀ ୟୁନିଫର୍ମ ସମ୍ବନ୍ଧୀୟ ସେହି ଅନୁଷ୍ଠାନିକ ନିୟମାବଳୀକୁ ପାଳନ କରିବା ବାଧ୍ୟତାମୂଳକ।

## ପାସିନ୍ଦୁ ସୁରିଆବାନ୍ଦରା, ସୋନାଲ ଦିନୁଶାଙ୍କ ଦମ୍‌ଦାର ଅର୍ଦ୍ଧଶତକ

# ଫଲୋଅନ ଏଡ଼ାଇବାକୁ ଶ୍ରୀଲଙ୍କାର ସଂଘର୍ଷ


ସୋନାଲ ଦିନୁଶା- ୮୫*


ପାସିନ୍ଦୁ ସୁରିଆବାନ୍ଦରା- ୮୦

କଲମ୍ବୋ, ୨୫।୮ (ଏଜେନ୍ସି): ନବାଗତ ବ୍ୟାଟର ପାସିନ୍ଦୁ ସୁରିଆବାନ୍ଦରା ଓ ସୋନାଲ ଦିନୁଶାଙ୍କ ଦମ୍‌ଦାର ଅର୍ଦ୍ଧଶତକ ସତ୍ତ୍ୱେ ଏଠାରେ ଭାରତ ସହ ଚାଲିଥିବା ଦ୍ୱିତୀୟ ତଥା ଶେଷ ଟେଷ୍ଟରେ ଶ୍ରୀଲଙ୍କା ଦଳ ଫଲୋଅନ୍ ଏଡାଇବାକୁ ସଂଘର୍ଷ କରୁଛି। ଏହି ମ୍ୟାଚ୍‌ରେ ସୁରିଆବାନ୍ଦରା ୮୦ ଓ ଦିନୁଶା ଅପରାଜିତ ୮୫ ରନ୍ କରିବା ଫଳରେ ବର୍ଷା ଯୋଗୁଁ ଖେଳ ବନ୍ଦ ରହିଲାବେଳକୁ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୮ ୱିକେଟ ହରାଇ ୨୬୫ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଫଲୋଅନ୍ ଏଡାଇବାକୁ ହେଲେ ଶ୍ରୀଲଙ୍କାକୁ ବାକିଥିବା ୨ ୱିକେଟ ବିନିମୟରେ ଆଉ ୩୯ ରନ୍ ଆବଶ୍ୟକ ହେଉଛଇ। ଅନ୍ୟ ପକ୍ଷରେ ଭାରତକୁ ୩୮ ରନ୍ ମଧ୍ୟରେ ଘରୋଇ ଦଳର ଶେଷ ୨ଜଣ ଖେଳାଳିଙ୍କୁ ଆଉଟ କରିବା ଆବଶ୍ୟକ। କ୍ରିଜ୍‌ରେ ୧୩୭ ବଲ୍ ଖେଳି ଦିନୁଶା ଓ ୫୦ବଲ୍ ଖେଳି ୮ ରନ୍ କରିଥିବା ଲାହିରୁ କୁମାରା ଭାରତୀୟ ସଫଳତାରେ ପ୍ରତିବନ୍ଧକ ହୋଇ ଛିଡା ହୋଇଛନ୍ତି। ପୂର୍ବରୁ ୯ ୱିକେଟରେ ୫୦୩ ରନ୍ କରିବା ପରେ ଭ୍ରମଣକାରୀ ଭାରତ ତାହାର ପ୍ରଥମ ଇନିଂସ ଘୋଷଣା କରିଥିଲା।ଖେଳ ଆଉ ୨ ଦିନ ବାକିଥିଲାବେଳେ ଯଦିଓ ୨୩୮ ରନ୍‌ରେ ଆଗୁଆ ରହିଛି, ତଥାପି ଶ୍ରୀଲଙ୍କାକୁ ଫଲୋଅନ କରି ନ ପାରିଲେ, ସମୟ ଅଭାବରୁ ଶ୍ରୀଲଙ୍କା ଏହି ମ୍ୟାଚ୍‌କୁ ଡ୍ର ରଖିବାର ସମ୍ଭାବନା ରହିଛି।

ଗତକାଲି ଭାରତ ୯/୫୦୩ ରନ୍‌ରେ ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିବା ପରେ ଶ୍ରୀଲଙ୍କା ୩ ଓଭର ବ୍ୟାଟିଂ କରି ୮ ରନ୍‌ରେ ୨ ୱିକେଟ ହରାଇଥିଲା। ଆଜି ସେହିଠାରୁ ଖେଳ ଆରମ୍ଭ କରିଥିଲେ ମଧ୍ୟ ଗତକାଲିର ଅପରାଜିତ ବ୍ୟାଟର କାମିଲି ମିଶରା ୧୯ ରନ୍ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ଦ୍ୱିତୀୟ ଶିକାର ବନିଥିଲେ। ପ୍ରଥମ ଟେଷ୍ଟରେ କନକସନ ଖେଳାଳି ଭାବେ ଡେବ୍ୟୁ କରି ଡକ୍‌ରେ ଆଉଟ ହୋଇଥିବା ପାସିନ୍ଦୁ ସୁରିଆବାନ୍ଦରା ଓ କାମିନ୍ଦୁ ମେଣ୍ଡିସ୍ ଚତୁର୍ଥ ୱିକେଟରେ ୮୭ ରନ୍ ଉଠାଇ ଦଳକୁ ସଂଘର୍ଷ କରିବାକୁ ପ୍ରଥମେ ସୁଯୋଗ ଦେଇଥିଲେ। ଫର୍ମରେ ନ ଥିବା କାମିନ୍ଦୁ ୩୨ ଓ ଅଧିନାୟକ ଧନଞ୍ଜୟ ଡି ସିଲ୍‌ଭା ୮ ରନ୍ କରି ପାଭିଲିଅନ ଫେରିଥିଲେ। ଏହି ସମୟରେ ହଟ ଫର୍ମରେ ଥିବା ସୋନାଲ ଦିନୁଶା ବ୍ୟାଟିଂ କରିବାକୁ ଆସି ସୁରିଆବାନ୍ଦରାଙ୍କ ସହ ଏକ ବଡ଼ ପାର୍ଟନରସିପ୍ କରିବାକୁ ଯୋଜନା କରିଥିଲେ। କିନ୍ତୁ ୧୩୩ବଲ୍‌ରୁ ୯ ଚୌକା ସହ ୮୦ ରନ୍ କରିଥିବା ସୁରିଆବାନ୍ଦରାଙ୍କୁ ରବୀନ୍ଦ୍ର ଜାଡେଜା ଓ ଏହାର ୩ଟି ବଲ୍‌ପରେ ନିରୋସନ ଡିକ୍‌ୱେଲା ଖାତା ଖୋଲିବା ପୂର୍ବରୁ ମହମ୍ମଦ୍ ସିରାଜଙ୍କ ଦ୍ୱାରା ଆଉଟ ହୋଇଯାଇଥିଲେ। ଫଳରେ ଶ୍ରୀଲଙ୍କା ୪୫.୩ ଓଭର ସୁଦ୍ଧା ୧୭୩ ରନ୍‌ରେ ୭ ୱିକେଟ ହରାଇ ଫଲୋ÷ନର ସମ୍ମୁଖୀନ ହୋଇଥିଲା। ଏହି ସମୟରେ ଦିନୁଶା ନିଜ ଫର୍ମ ଦେଖାଇ ଗୋଟିଏ ପଟେ ପାହାଡ ଭଳି ଛିଡ଼ା ହୋଇଥିଲେ। ୮ମ ୱିକେଟରେ କେଶରା ନୁୱାନ୍ଥା (୭୪ବଲ୍‌ରେ ୧୮ ରନ୍)ଙ୍କ ସହ ୧୩୭ବଲ୍‌ର ସାମ୍ନା କରି ୫୭ରନ୍ ଏବଂ ଅବିଭକ୍ତ ୮ମ ୱିକେଟରେ ଲାହିରୁ କୁମାରା (୫୦ବଲ୍‌ରେ ୮ରନ୍)ଙ୍କ ସହ ୯୨ ବଲ୍‌ରୁ ୩୫ ରନ୍ ଉଠାଇ ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ଦିନୁଶା ୮୫ ରନ୍‌ରେ ଅପରାଜିତ ରହିଥିଲେ। ସେ ମଧ୍ୟ ପ୍ରଥମ ଟେଷ୍ଟରେ ୧୦୦ ଓ ୮୪ରନ୍‌ର ଦମ୍‌ଦାର ଇନିଂସ ଖେଳିଥିଲେ। ଏଠାରେ ମଧ୍ୟ ନିମ୍ନ ଭାଗର ବ୍ୟାଟରଙ୍କୁ ନେଇ ଶ୍ରୀଲଙ୍କା ଫଲୋଅନ ଏଡାଇବାକୁ ଯେଉଁ ଉଦ୍ୟମ କରୁଛି ତାହାର ନେତୃତ୍ୱ ନେଉଛନ୍ତି ଦିନୁଶା। ଭାରତ ଆଜି ଦ୍ୱିତୀୟ ନୋ ବଲ୍ ନେଇଥିଲାବେଳେ ଆସନ୍ତାକାଲି ସକାଳେ ଟିକିବା କଷ୍ଟକର ହୋଇପାରେ। ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ଓ ମାନବ ସୁତାର ୩ଟି ଲେଖାଏଁ, ମହମ୍ମଦ୍ ସିରାଜ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୫୦୩/୯, ଘୋଷଣା (ପାଡିକଲ-୧୧୭, ଜୁରେଲ-୧୧୫*, ଅସିଥା-୪/୧୦୬)।
ଶ୍ରୀଲଙ୍କ ପ୍ରଥମ ଇନିଂସ: ୨୬୫/୮, ୮୩.୪ ଓଭର (ଦିନୁଶା ବ୍ୟାଟିଂ-୮୫, ସୁରିଆବାନ୍ଦରା-୮୦, ପ୍ରସିଦ୍ଧ-୩/୪୭, ମାନବ-୩/୮୩)।

## ଜୟସୂରିଆଙ୍କୁ ଚେତାବନୀ

କଲମ୍ବୋ,୨୫।୮ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ତୃତୀୟ ଖେଳାଳି ଭାବେ ପ୍ରବାତ ଜୟସୂରିଆ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରିଛନ୍ତି। ଜୟସୁରିଆ ଆଇସିସି ଆଚରଣ ସଂହିତାର ଧାରା ୨.୨ ଉଲ୍ଲଙ୍ଘନ କରିଥିବା ଜଣାଯାଇଛି। ଏଥିରେ କାହାରି କିଛି କ୍ଷତି ହେବାର ନ ଥିବାରୁ ଏବଂ ଗତ ୨୪ ମାସ ମଧ୍ୟରେ ତାଙ୍କର ପ୍ରଥମ ଅପରାଧ ହୋଇଥିବାରୁ ତାଙ୍କୁ କେବଳ ଚେତାବନୀ ଦିଆଯିବା ସହ ଗୋଟିଏ ଡିମେରିଟ୍ ପଏଣ୍ଟ ଦିଆଯାଇ ଛାଡ଼ିଦିଆଯାଇଛି। ଗତକାଲି ସନ୍ଧ୍ୟାରେ ଆଉଟ ହେବା ପରେ ପାଭିଲିଅନ ଫେରୁଥିବାବେଳେ ଜୟସୁରିଆ ବାଉଣ୍ଡାରୀ ଦୌଡାକୁ ନିଜ ବ୍ୟାଟରେ ଜୋରରେ ପିଟିଥିଲେ। ଫଳରେ ସେ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରିଥିଲେ ବୋଲି ମ୍ୟାଚ୍ ପରିଚାଳନା ଲାଗି ନିଯୁକ୍ତ ୪ଜଣ ଯାକ ଅମ୍ପାୟାର ମ୍ୟାଚ୍ ରେଫରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଜୟସୂରିଆ ନିଜ ଦୋଷ ସ୍ୱୀକାର କରିନେବା ପରେ ଏହି ଅଭିଯୋଗର ଆଉ ଶୁଣାଣି କରାଯାଇ ନ ଥିଲା, ଚେତାବନୀ ଓ ଗୋଟିଏ ଡିମେରିଟ୍ ପଏଣ୍ଟ ଦେଇ ଛାଡ଼ିଦିଆଯାଇଥିଲା। ମ୍ୟାଚ୍‌ର ପ୍ରଥମ ଦିନରେ ଭାରତର ଯଶସ୍ୱୀ ଜୟସ୍ୱାଲ ଓ ଶ୍ରୀଲଙ୍କାର ଅସିଥା ଫର୍ଣ୍ଣାଣ୍ଡୋ ମୁହାଁମୁହିଁ ହେବା ସହ ଆଚରଣ ସଂହିତା ଉଲ୍ଲଙ୍ଘନ କରି ୨୫ ଶତକଡ଼ା ମ୍ୟାଚ୍ ଫି ହରାଇଥିଲେ।

## ଅଷ୍ଟ୍ରେଲିଆରେ ଖେଳିବେ ଅନୟା



ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ସଞ୍ଜୟ ବାଙ୍ଗରଙ୍କ ଝିଅ ଅନୟା ଲିଙ୍ଗଗତ ଅସ୍ତ୍ରୋପଚାର ପରେ କ୍ରିକେଟକୁ ଫେରିଛନ୍ତି। ଅଷ୍ଟ୍ରେଲିଆରେ ମହିଳା ସମ୍ପ୍ରଦାୟ କ୍ରିକେଟ ଖେଳିବାକୁ ୨୫ ବର୍ଷୀୟା ଅନୟାଙ୍କୁ ସବୁଜ ସଙ୍କେତ ମିଳିଛି। ଏଥିଲାଗି ଅନୟା କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ)କୁ ଧନ୍ୟବାଦ ଜଣାଇଛନ୍ତି। କିନ୍ତୁ ଏହାର ଅର୍ଥ ନୁହେଁ ଯେ ଅନାୟ ଅଷ୍ଟ୍ରେଲିଆରେ ଶୀର୍ଷସ୍ତରୀୟ କ୍ରିକେଟ୍ ଖେଳିବାକୁ ଯୋଗ୍ୟ ହେବେ। ପ୍ରତିଯୋଗିତା ପାଇଁ ତାଙ୍କୁ ପ୍ରଥମେ ସିଏ'ର ମାନଦଣ୍ଡ ପୂରଣ କରିବାକୁ ପଡିବ। ସିଏ'ର ନୀତି ଅନୁଯାୟୀ, ଅନୟାଙ୍କ ସେରମ୍ ଟେଷ୍ଟୋଷ୍ଟେରନ୍ ସାନ୍ଦ୍ରତା ଅତି କମରେ ୧୨ ମାସ ପାଇଁ ୧୦ ନାନୋମଲ୍ ପର୍ ଲିଟର ତଳେ ରହିବାକୁ ପଡିବ। ଏସମସ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲାପରେ ଅନୟାଙ୍କ ମହିଳା ବିଗ୍ ବାସ୍ ଲିଗ୍ (ଡବ୍ଲ୍ୟୁବିଏଲ୍) ଭଳି ଅଷ୍ଟ୍ରେଲିଆର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯୋଗ୍ୟ ହେବେ। ପ୍ରକାଶଯୋଗ୍ୟ, ମୁମ୍ବଇରେ ଜନ୍ମିତ ଅନାୟ ଲିଙ୍ଗଗତ ଅସ୍ତ୍ରୋପଚାର ନିଷ୍ପତ୍ତି ନେବା ପୂର୍ବରୁ ବାଳକବର୍ଗରେ ମୁମ୍ବଇ ପକ୍ଷରୁ ବିଭିନ୍ନ ବୟସବର୍ଗରେ କ୍ରିକେଟ୍ ଖେଳିଥିଲେ। ଭାରତୀୟ କ୍ରିକେଟର ସର୍ଫରାଜ ଏବଂ ତାଙ୍କ ଭାଇ ମୁସୀର ଖାନଙ୍କ ଅନୟା ଏକାଠି ମୁମ୍ବଇ ପାଇଁ ଖେଳିଥିଲେ। ଏବେ କିନ୍ତୁ ସେ ଅସ୍ତ୍ରୋପଚାର କରି ପୁଅରୁ ଝିଅ ପାଲଟିଯାଇଛନ୍ତି।

## ■ ସିନ୍‌ସିନାଟି ଓପନ୍
## ବର୍ଷର ପ୍ରଥମ ଟାଇଟଲ୍ ଜିତିଲେ କୋକୋ ଗଫ୍

ଓହିଓ, ୨୫।୮ (ଏଜେନ୍ସି): ଆମେରିକାର ଓହିଓରେ ଅନୁଷ୍ଠିତ ସିନ୍‌ସିନାଟି ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ କୋକୋ ଗଫ୍ ଓ ଆର୍ଥର ଫାଇଲ୍ସ ଚାମ୍ପିଅନ ହୋଇଛନ୍ତି। ସୋମବାର ମହିଳା ସିଙ୍ଗଲ୍ସ ଫାଇନାଲ ଦୁଇ ଆମେରିକୀୟ ଖେଳାଳି ଗଫ୍ ଓ ଜେସିକା ପେଗୁଲାଙ୍କ ମଧ୍ୟରେ ଖେଳାଯାଇଥିଲା। ତେବେ ଗଫ୍ ଏକ ଘଣ୍ଟା ୧୪ ମିନିଟ ସମୟ ନେଇ ୬-୨, ୬-୪ ସିଧାସଳଖ ସେଟରେ ପେଗୁଲାଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ୨୨ ବର୍ଷୀୟା ଗଫ୍‌ଙ୍କ ଚଳିତ ସିଜନରେ ଏହା ପ୍ରଥମ ଟାଇଟଲ୍ ଥିଲା। ସେହିଭଳି ସେରେନା ୱିଲିୟମ୍ସ ଓ ଭିକ୍ଟୋରିଆ ଆଝାରେଙ୍କାଙ୍କ ପରେ ତୃତୀୟ ଖେଳାଳି ଭାବେରେ ଗଫ୍ ଦ୍ୱିତୀୟଥର ଲାଗି ସିନ୍‌ସିନାଟି ଓପନ୍ ଚାମ୍ପିଅନ ହୋଇଛନ୍ତି। ଏଥିପୂର୍ବରୁ ୨୦୨୩ ସଂସ୍କରଣରେ ସେ ଏଠାରେ ଟାଇଟଲ୍ ଜିତିଥିଲେ।

## ପୂର୍ବତନ ଫୁଟବଲ୍ ଖେଳାଳି ଯୁଧିଷ୍ଠିରଙ୍କ ବିୟୋଗ

ଭୁବନେଶ୍ୱର, ୨୫।୮ (ସମିସ): ଓଡ଼ିଶା ଫୁଟବଲ ଦଳର ପୂର୍ବତନ ଖେଳାଳି ଯୁଧିଷ୍ଠିର ସେଠୀଙ୍କ ବିୟୋଗ ଘଟିଛି। ମଙ୍ଗଳବାର ୭୫ ବର୍ଷ ବୟସରେ ଯୁଧିଷ୍ଠିର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁଶର୍ଯ୍ୟା ନିକଟରେ ତାଙ୍କ ପତ୍ନୀ ଓ ୩ ଝିଅ ଉପସ୍ଥିତ ରହିଥିଲେ। ଯୁଧିଷ୍ଠିର ସମ୍ମାନଜନକ ସନ୍ତୋଷ ଟ୍ରଫି ସମେତ ଏକାଧିକ ଜାତୀୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସେହିଭଳି ସେ ଓଡ଼ିଶା ଗଭରମେଣ୍ଟ ପ୍ରେସରେ ଚାକିରି କରି ଅବସର ନେଇଥିଲେ। ଯୁଧିଷ୍ଠିରଙ୍କ ବିୟୋଗରେ ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।



## ଦୁଲୀପ ଟ୍ରଫି କ୍ରିକେଟ
# ପୂର୍ବାଞ୍ଚଳର ଇନିଂସ ବିଜୟ

ବେଙ୍ଗାଲୁରୁ,୨୫।୮ (ଏଜେନ୍ସି): ବେଙ୍ଗଲର ଶାହାବାଜ ଅହମ୍ମଦ୍‌ଙ୍କ ଅଲରାଉଣ୍ଡ ସଫଳତା, ତ୍ରିପୁରା ପେସର ଅଭିଜିତ ସରକାର ଓ ଝାଡ଼ଖଣ୍ଡ ସ୍ପିନର ଅନୁକୂଳ ରୟଙ୍କ ସଫଳ ବୋଲିଂ ଫଳରେ ଏଠାରେ ଅନୁଷ୍ଠିତ ଦୁଲୀପ୍ ଟ୍ରଫିର ପ୍ରଥମ କ୍ୱାର୍ଟର ଫାଇନାଲରେ ଉତ୍ତର-ପୂର୍ବାଞ୍ଚଳକୁ ଏକ ଇନିଂସ ଓ ୨୧୦ ରନ୍‌ରେ ପରାସ୍ତ କରି ପୂର୍ବାଞ୍ଚଳ ଦୁଲିପ୍ ଟ୍ରଫି ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ସେମିଫାଇନାଲରେ କେନ୍ଦ୍ରାଞ୍ଚଳକୁ ଭେଟିବ। ଏହି ଦିନ ଅନ୍ୟ ଏକ ସେମିଫାଇନାଲରେ ଦକ୍ଷିଣାଞ୍ଚଳ ସହ ଉତ୍ତରାଞ୍ଚଳ ଓ ପଶ୍ଚିମାଞ୍ଚଳ ମଧ୍ୟରେ ଚାଲିଥିବା ଅନ୍ୟ ଏକ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ର ବିଜେତା ଦଳ ଭେଟିବ।

ଏଠାରେ ଅନୁଷ୍ଠିତ ମ୍ୟାଚରେ ପୂର୍ବାଞ୍ଚଳ ପ୍ରଥମ ଇନିଂସରେ ୪୬୭ ରନ୍ କରିଥିଲା। ଦଳ ପକ୍ଷରୁ ଶାହାବାଜ୍ ଅହମ୍ମଦ୍ ୧୬୭ ଓ ସୁଦୀପ କୁମାର ଘରାମୀ ୧୪୬ ରନ୍ କରିଥିଲେ। ଜବାବରେ ଉତ୍ତରପୂର୍ବାଞ୍ଚଳ ପ୍ରଥମ ଇନିଂସରେ ୧୧୧ ଓ ଦ୍ୱିତୀୟ ଇନିଂସରେ ୧୪୬ ରନ୍ କରି ଅଲଆଉଟ ହୋଇଯାଇଥିଲା। ପ୍ରଥମ ଇନିଂସରେ ପୂର୍ବାଞ୍ଚଳ ପକ୍ଷରୁ ଅଭିଜିତ ୫ଟି ଓ ଶାହାବାଜ ୩ଟି ୱିକେଟ ପାଇଥିଲେ। ଦ୍ୱିତୀୟ ଇନିଂସରେ ଅନୁକୂଳ ୫ଟି ଓ ବୈଭବ ସୂର୍ଯ୍ୟବଂଶୀ ୨ଟି ୱିକେଟ ନେଇଥିଲେ।

### ଉତ୍ତର-ପଶ୍ଚିମ ମଧ୍ୟରେ କଡ଼ା ସଂଘର୍ଷ

ବିସିସିଆଇ ଗ୍ରାଉଣ୍ଡ-୨'ରେ ଚାଲିଥିବା ଅନ୍ୟ ଏକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଜିତିବାକୁ ଉତ୍ତରାଞ୍ଚଳ ଓ ପଶ୍ଚିମାଞ୍ଚଳ ମଧ୍ୟରେ ଘମାଘୋଟ ସଂଘର୍ଷ ଚାଲିଛି। ଏହି ମୁକାବିଲାର ଆଜି ତୃତୀୟ ଦିନ ଖେଳ ଶେଷରେ ମ୍ୟାଚ୍ ଜିତିବା ଲାଗି ପଶ୍ଚିମାଞ୍ଚଳକୁ ବାକିଥିବା ୩ଟି ଦ୍ୱିତୀୟ ଇନିଂସ ୱିକେଟ ବଳରେ ଶେଷ ଦିନରେ ଆଉ ୬୭ ରନ୍ ଆବଶ୍ୟକ ହେଉଛି। ଅନ୍ୟ ପକ୍ଷରେ ଉତ୍ତରାଞ୍ଚଳକୁ ୬୫ ରନ୍ ମଧ୍ୟରେ ଏହି ୩ଟି ୱିକେଟ ଆବଶ୍ୟକ ହେଉଛି। ପଶ୍ଚିମାଞ୍ଚଳ ପକ୍ଷରୁ ଅପରାଜିତ ବ୍ୟାଟର ଉର୍ଭିଲ ପଟେଲ (୧୭)ଙ୍କ ସହ ତନୁସ କୋଟିଆନ, ଶାର୍ଦ୍ଦୁଳ ଠାକୁର ଓ ତୁଷାର ଦେଶପାଣ୍ଡେ ଖେଳିବାକୁ ଥିବାରୁ ପଶ୍ଚିମାଞ୍ଚଳ ସପକ୍ଷରେ ମ୍ୟାଚ୍ ରହିଛି।

ଉତ୍ତରାଞ୍ଚଳ ଦ୍ୱିତୀୟ ଇନିଂସରେ ୨୨୨ରନ୍ କରିଥିଲା। ଆୟୁଷ ବଦୋନି ୫୦, ଅବଦୁଲ ସମଦ ୩୦, ନିଶାନ୍ତ ସିନ୍ଧୁ ୪୪ ରନ୍‌ର ଯୋଗଦାନ ଦେଇଥିଲେ। ପଶ୍ଚିମାଞ୍ଚଳର ମୁଲାନି ଓ କୋଟିଆନଙ୍କୁ ପୁଣିଥରେ ୪ଟି ଲେଖାଏଁ ୱିକେଟ ମିଳିଥିଲା। ଏମାନେ ମୋଟ ୧୬ଟି ୱିକେଟ ନେଇଛନ୍ତି। ଏହା ଫଳରେ ପଶ୍ଚିମାଞ୍ଚଳ ଆଗରେ ୨୮୭ ରନ୍‌ର ବିଜୟ ଲକ୍ଷ୍ୟ ଥିଲା। ଏହାକୁ ପିଛା କରି ମୁସିର ଖାନ୍ ୯୬ ଓ ଅଧିନାୟକ ଋତୁରାଜ ଗାଏକ୍ୱାଡ ୬୬ ରନ୍ କରିବା ଫଳରେ ତୃତୀୟ ଦିନ ଖେଳ ଶେଷସୁଦ୍ଧା ପଶ୍ଚିମାଞ୍ଚଳ ୭ ୱିକେଟରେ ୨୨୦ ରନ୍ ଭରଣା କରିନେଇଛି। ଆସନ୍ତାକାଲି ଅର୍ଶଦୀପ, ଆବିଦ୍ ଓ ଅଂଶୁଲଙ୍କ ଉପରେ ଏହି ମ୍ୟାଚ୍‌ର ଫଳାଫଳ ନିର୍ଭର କରୁଛି। ପ୍ରଥମ ଇନିଂସରେ ଉତ୍ତରାଞ୍ଚଳ ୬୪ ରନ୍‌ରେ ଆଗୁଆ ରହିଥିଲେ ମଧ୍ୟ ଦ୍ୱିତୀୟ ଇନିଂସ୍‌ରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା।

## ବିଶ୍ୱ ମାନ୍ୟତାରେ ୧୨ଟି ସ୍ଥାନ ଉଠିଲେ ତ୍ରିସା-ଗାୟତ୍ରୀ

କ୍ୱାଲାଲମ୍ପୁର, ୨୫।୮ (ଏଜେନ୍ସି): ବିଶ୍ୱ ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ସଂସ୍ଥା ବିଡବ୍ଲ୍ୟୁଏଫ୍ ପକ୍ଷରୁ ସଦ୍ୟ ପ୍ରକାଶିତ ର୍‌ୟାଙ୍କିଙ୍ଗରେ ଭାରତର ତ୍ରିସା ଜୋଲି ଓ ଗାୟତ୍ରୀ ଗୋପିଚାନ୍ଦ ଯୋଡ଼ିଙ୍କ ମାନ୍ୟତାରେ ଉନ୍ନତି ଘଟିଛି। ମହିଳା ଡବଲ୍ସ ମାନ୍ୟତାରେ ତ୍ରିସା-ଗାୟତ୍ରୀ ଯୋଡ଼ି ୧୨ଟି ପାହାଚ ଉପରକୁ ଲମ୍ଫ ପ୍ରଦାନ କରି ୨୭ତମ ସ୍ଥାନରେ ରହିଛନ୍ତି। ନିକଟରେ ଦିଲ୍ଲୀରେ ଶେଷ ହୋଇଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍‌ରେ ତ୍ରିସା-ଗାୟତ୍ରୀ ଯୋଡ଼ି ଐତିହାସିକ କାଂସ୍ୟ ପଦକ ସଫଳତା ପାଇଥିଲେ। ଏହି ଭାରତୀୟ ଯୋଡ଼ି ସେମିଫାଇନାଲରେ ହାରିଯାଇଥିଲେ ମଧ୍ୟ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। ଫଳରେ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍‌ରେ ଦୀର୍ଘ ୧୫ ବର୍ଷ ପରେ ଭାରତକୁ ମହିଳା ଡବଲ୍ସରେ ପଦକ ସଫଳତା ମିଳିଥିଲା। ଏହି ସଫଳତା ଲାଗି ତ୍ରିସା-ଗାୟତ୍ରୀ ଯୋଡ଼ି ୩୯ ରୁ ୨୭ତମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି। ଭାରତୀୟ ଯୋଡ଼ିଙ୍କ ମୋଟ୍ ର୍‌ୟାଙ୍କିଙ୍ଗ ପଏଣ୍ଟ ବର୍ତ୍ତମାନ ୧୦,୫୦୦ ରହିଛି।



## ଏଫ୍‌ଆଇଏଚ୍ ହକି ବିଶ୍ୱକପ୍
# ସେମିଫାଇନାଲ ମୁକାବିଲା ୨୭ରୁ

ଆମଷ୍ଟଲଭିନ,୨୫।୮ (ଏଜେନ୍ସି): ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌ର ଉଭୟ ପୁରୁଷ ଓ ମହିଳା ବିଭାଗରେ ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ଆସନ୍ତା ୨୮ରେ ହେବାକୁ ଥିବା ପୁରୁଷ ବିଭାଗ ସେମିଫାଇନାଲରେ ନେଦରଲ୍ୟାଣ୍ଡସ ସହ ସ୍ପେନ୍‌ର ଓ ଏହି ଦିନ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ସହ ଆର୍ଜେଣ୍ଟିନାର ମୁକାବିଲା ହେବ। ପ୍ରଥମ ମ୍ୟାଚ୍‌ଟି ଆମଷ୍ଟଲଭିନ ଓ ଦ୍ୱିତୀୟ ମ୍ୟାଚ୍ ବେଲଜିୟମର ୱାଭରେଠାରେ ଖେଳାଯିବ। ବେଲଜିୟମ କ୍ରସଓଭର ପୁଲ୍‌ରେ ଚତୁର୍ଥ ତଥା ଶେଷ ସ୍ଥାନ ଅଧିକାର କରି ଟାଇଟଲ ଲଢ଼େଇରୁ ବାଦ୍ ପଡ଼ିଛି। ସେମିଫାଇନାଲର ବିଜେତାଙ୍କ ମଧ୍ୟରେ ଫାଇନାଲ ଅଗଷ୍ଟ ୩୦ରେ ଓ ପରାଜିତଙ୍କ ମଧ୍ୟରେ ତୃତୀୟ ସ୍ଥାନ ଲାଗି ମଧ୍ୟ ସମାନ ଦିନରେ ମୁକାବିଲା ହେବ।

ମହିଳା ବିଭାଗର ସେମିଫାଇନାଲ ଅଗଷ୍ଟ ୨୭ରେ ଖେଳାଯିବ। ଏହି ଦିନ ଆମଷ୍ଟଲଭିନରେ ପ୍ରଥମ ସେମିଫାଇନାଲ ଡିଫେଣ୍ଡିଂ ଚାମ୍ପିଅନ ନେଦରଲ୍ୟାଣ୍ଡସ ଓ ଯୁଗ୍ମ ଆୟୋଜକ ବେଲଜିୟମ ମଧ୍ୟରେ ଏବଂ ଦ୍ୱିତୀୟ ସେମିଫାଇନାଲ ଆର୍ଜେଣ୍ଟିନା ଓ ଅଷ୍ଟ୍ରେଲିଆ ମଧ୍ୟରେ ୱାଭରେଠାରେ ଖେଳାଯିବ। ଏମାନଙ୍କ ବିଜେତାଙ୍କ ମଧ୍ୟରେ ଫାଇନାଲ ଓ ତୃତୀୟ ସ୍ଥାନ ଲାଗି ମୁକାବିଲା ଅଗଷ୍ଟ ୨୯ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

**ସେମିଫାଇନାଲ ସୂଚୀ-ମହିଳା**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ସମୟ |
|---|---|---|---|
| ୨୭।୮ | ନେଦରଲ୍ୟାଣ୍ଡସ-ବେଲଜିୟମ | ଆମଷ୍ଟଲଭିନ | ରାତି ୯ଟା |
| ୨୭।୮ | ଆର୍ଜେଣ୍ଟିନା-ଅଷ୍ଟ୍ରେଲିଆ | ୱାଭରେ | ରାତି ୧୨ଟା |

**ସେମିଫାଇନାଲ ସୂଚୀ-ପୁରୁଷ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ସମୟ |
|---|---|---|---|
| ୨୮।୮ | ନେଦରଲ୍ୟାଣ୍ଡସ-ସ୍ପେନ୍ | ଆମଷ୍ଟଲଭିନ | ରାତି ୯ଟା |
| ୨୮।୮ | ଜର୍ମାନୀ-ଆର୍ଜେଣ୍ଟିନା | ୱାଭରେ | ରାତି ୧୨ଟା |

## ଅପିଲ୍ କରିବେ ମାର୍କେତା

ଲାଉସାନେ,୨୫।୮: ପୂର୍ବତନ ୱିମ୍ବଲଡନ୍ ଚାମ୍ପିଅନ୍ ମାର୍କେତା ଭୋଣ୍ଡ୍ରୋସୋଭା ତାଙ୍କର ଚାରି ବର୍ଷର ବାସନ୍ଦ ବିରୋଧରେ ବିଶ୍ୱ କ୍ରୀଡ଼ାର ସର୍ବୋଚ୍ଚ ଅଦାଲତ କୋର୍ଟ ଅଫ୍ ଆର୍ବିଟ୍ରେସନ୍ ଫର୍ ସ୍ପୋର୍ଟ (କାସ୍)ର ଦ୍ୱାରସ୍ଥ ହୋଇଛନ୍ତି। ଆଣ୍ଟି-ଡୋପିଂ ପରୀକ୍ଷାକୁ ମନା କରିବା ଅଭିଯୋଗରେ ଚେକ୍ ଗଣରାଜ୍ୟର ଏହି ଟେନିସ ତାରକାଙ୍କୁ ୪ ବର୍ଷ ଲାଗି ବାସନ୍ଦ କରାଯାଇଥିଲା। ୨୭ ବର୍ଷୀୟା ମାର୍କେତା ଏବେ ଏହି ଦଣ୍ଡାଦେଶ ବିରୋଧରେ କାସ୍'ରେ ଆବେଦନ କରିଛନ୍ତି।

## ଏସିଆ ରଗ୍‌ବୀ ସେଭେନ ସିରିଜ
## ଭାରତୀୟ ଦଳରେ ଓଡ଼ିଶାର ୬ ଖେଳାଳି

ଭୁବନେଶ୍ୱର,୨୫।୮ (ସମିସ): ଚାଇନାର ସୁଝୋଉଠାରେ ଅଗଷ୍ଟ ୨୯ରୁ ଦୁଇଦିନ ଧରି ଏସିଆ ରଗବୀ ଏମିରେଟ୍ସ ସେଭେନ ସିରିଜ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥିଲାଗି ଘୋଷିତ ଭାରତୀୟ ସିନିଅର ପୁରୁଷ ଓ ମହିଳା ରଗ୍‌ବୀ ଦଳରେ ଓଡ଼ିଶାର ୬ଜଣ ଖେଳାଳି ସ୍ଥାନ ପାଇଛନ୍ତି। ପୁରୁଷ ଦଳରେ ଆଶିଷ ଶବର ଓ ଗଣେଶ ଧଙ୍ଗଡ଼ା ମାଝୀଙ୍କୁ ସୁଯୋଗ ମିଳିଛି। ସେହିଭଳି ମାମା ନାଏକ, ନିର୍ମାଲ୍ୟ ରାଉତ, ସନ୍ଧ୍ୟାରାଣୀ ଟୁଡୁ ଓ ଡୁମୁଣି ମାର୍ଣ୍ଡିଙ୍କୁ ମହିଳା ଦଳରେ ନିଆଯାଇଛି। ଡୁମୁଣିଙ୍କୁ ମହିଳା ଦଳର ଉପ-ଅଧିନାୟିକା ନିଯୁକ୍ତ କରାଯାଇଛି। ମନୋନୀତ ଖେଳାଳିଙ୍କ ମଧ୍ୟରୁ ଆଶିଷ, ଗଣେଶ, ମାମା, ନିର୍ମାଲ୍ୟ ଓ ଡୁମୁଣି କିସ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ପ୍ରତିଯୋଗିତାରେ ଭାରତୀୟ ପୁରୁଷ ଦଳ ଜାପାନ, ୟୁଏଇ ଓ ସିଙ୍ଗାପୁର ସହ ପୁଲ୍-ଏ'ରେ ସ୍ଥାନ ପାଇଛି। ସେହିଭଳି ଭାରତୀୟ ମହିଳା ଦଳ ପୁଲ୍-ଡି'ରେ ଡିଫେଣ୍ଡିଂ ଚାମ୍ପିଅନ ଜାପାନ, ୟୁଏଇ ଓ ଇରାନ ସହ ରହିଛି। ଏହି ସମ୍ମାନଜନକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଲାଗି କୋଲକାତାର ସାଇ ସେଣ୍ଟରରେ ଜୁଲାଇ ୧୯ରୁ ଅଗଷ୍ଟ ୨୫ ତାରିଖ ପର୍ଯ୍ୟନ୍ତ ଜାତୀୟ କୋଚିଂ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କିଟ୍ ଓ କିସ୍'ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, ଓଡ଼ିଶା ରଗ୍‌ବୀ ଫୁଟବଲ୍ ସଂଘର ଉପସଭାପତି ଉପେନ୍ଦ୍ର କୁମାର ମହାନ୍ତି ମନୋନୀତ ହୋଇଥିବା ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।





## ■ ଫାଓ ଦ୍ୱିତୀୟ ଡିଭିଜନ ଲିଗ୍
## ଓଜିପି, ତାର୍ଜନ କ୍ଲବ ବିଜୟୀ

ଭୁବନେଶ୍ୱର, ୨୫।୮ (ସମିସ): ଫୁଟବଲ୍ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକର ବିଡ଼ାନାସୀ ଗ୍ରାଉଣ୍ଡରେ ଚାଲିଥିବା ଫାଓ ଦ୍ୱିତୀୟ ଡିଭିଜନ ଲିଗ୍‌ର ୭ମ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦିବସରେ ଦୁଇଟି ମ୍ୟାଚ୍ ଖେଳାଯାଇଥିବାବେଳେ ତାର୍ଜନ କ୍ଲବ ଓ ଓଡ଼ିଶା ଗଭରମେଣ୍ଟ ପ୍ରେସ୍ (ଓଜିପି) କ୍ଲବ ବିଜୟୀ ଲାଭ କରିଛି। ପ୍ରତିଯୋଗିତାର ୧୩ତମ ମ୍ୟାଚରେ ଆଜାଦ ହିନ୍ଦ କ୍ଲବ ଓ ତାର୍ଜନ କ୍ଲବ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚରେ ତାର୍ଜନ କ୍ଲବ ୩-୦ ଗୋଲରେ ଆଜାଦ୍ ହିନ୍ଦକୁ ହରାଇଥିଲା। ବିଜୟ ସହ ତାର୍ଜନ କ୍ଲବକୁ ୩ ପଏଣ୍ଟ ମିଳିଛି। ସେହିଭଳି ଅନ୍ୟ ଏକ ମ୍ୟାଚରେ ଓଜିପି ୪-୦ ଗୋଲରେ ସିଡିଏର ମର୍ଣ୍ଣିଂ ଏଫସିକୁ ହରାଇଛି। ଓଜିପି ଦଳର ରୁଦ୍ରପ୍ରତାପ ମାନସିଂ ଦୁଇଟି ଗୋଲ୍ ଦେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ମ୍ୟାଚର ୧୧ତମ ଓ ୬୨ତମ ମିନିଟରେ ଏହି ଦୁଇଟି ଗୋଲ୍ ଦେଇଥିଲେ।

## ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ସ୍ନୁକର
## ରାକେଶଙ୍କୁ ହରାଇଲେ ପ୍ରତୀକ ଲାଲ୍

ଭୁବନେଶ୍ୱର,୨୫।୮ (ସମିସ): ସିଡେଡ ଖେଳାଳି ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କୁ ୩-୦ ସିଧାସଳଖ୍ ସେଟ୍‌ରେ ପରାସ୍ତ କରି ଝାଡଖଣ୍ଡର ପ୍ରତୀକ ଲାଲ ଏଠାରେ ଚାଲିଥିବା ଚତୁର୍ଥ ପ୍ରିୟବ୍ରତ ସ୍ମାରକୀ ପୂର୍ବାଞ୍ଚଳ ଓପନ ୧୦ ରେଡ୍ ସ୍ନୁକର ଚାମ୍ପିଅନସିପରେ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଓଡ଼ିଶାର ନାମି ଦାମି ଖେଳାଳିଙ୍କ ମଧ୍ୟରେ ଗଣାଯାଉଥିବା ଡାକ୍ତର ରାକେଶ ଏହି ମୁକାବିଲାରେ ଗୋଟିଏ ହେଲେ ଫ୍ରେମ୍‌ରେ ବିଜୟୀ ହୋଇ ପାରି ନ ଥିଲେ। ପ୍ରତୀକଙ୍କ ସହ ଝାଡଖଣ୍ଡର ଅନ୍ୟ ଖେଳାଳି ସୁଶାନ୍ତ ସିହ୍ନା ୩-ରେ ଆୟୋଜକ ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ସଂଘ ସମ୍ପାଦକ ଅମୀର ଅଲିଙ୍କୁ, ଅମନ କୁମାର ୩-୦ରେ ସୁଦୀପ୍ତ ଦାଶଙ୍କୁ, ଗୌରବ ପଟେଲ ୱାକ୍ ଓଭର ପାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କିନ୍ତୁ ଅବନାଶ ମହାପାତ୍ରଙ୍କଠାରୁ ୩-୧ ଫ୍ରେମ୍‌ରେ ପରାଜିତ ହୋଇ ଝାଡଖଣ୍ଡର ନୀରଜ ସିଂ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି। ରାଜ୍ୟ ବାହାରର ଅନ୍ୟ ଜଣେ ଖେଳାଳି ଯଥା ପଶ୍ଚିମବଙ୍ଗର ସୟଦ ଜୋହାନାନଥ ୩-୧ରେ ଓଡ଼ିଶାର ଇନ୍ଦ୍ରଜିତ ଷଡଙ୍ଗୀଙ୍କୁ ପରାସ୍ତ କରିଛନ୍ତି।



ଆଜି ଖେଳାଯାଇଥିବା ଅନ୍ୟ ପ୍ରଥମ ରାଉଣ୍ଡ ଖେଳରେ ମିଶାଲ ସ୍ୱାଇଁ ୩-୨ରେ ଆରନ ଆନିୟାନ୍‌ଙ୍କୁ, ସତ୍ୟଜିତ ରଣା ୩-୦ରେ ରାହୁଲ ହାଲିଙ୍କୁ, ଶାରଦା ବେହେରା ୩-୨ରେ ବିଶେଷ ସିଙ୍ଘାଲଙ୍କୁ, ସନ୍ଦୀପ ଅଗରୱାଲ ୩-୦ରେ ଅନୁରାଗ ସାହୁଙ୍କୁ ଓ ତାରିଣୀ ସାମଲ ୩-୧ରେ ରଶ୍ମି ମାର୍ଣ୍ଡିଙ୍କୁ ପରାସ୍ତ କରିଥିଲେ। ଆଜି ଗୋଟିଏ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ଖେଳାଯାଇଛି। ଏଥିରେ ଭେଟେରାନ ଖେଳାଳି ଜିତେନ ଷଡଙ୍ଗୀ ୩-୧ରେ ରୁମିତ ଗୁପ୍ତାଙ୍କୁ ପରାସ୍ତ କରି ପ୍ରଥମ ଖେଳାଳି ଭାବେ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା ଓ ଭୁବନେଶ୍ୱର କ୍ଲବ୍ ଏହି ଟୁର୍ଣ୍ଣାମେଣ୍ଟକୁ ମିଳିତଭାବେ ଆୟୋଜନ କରୁଥିଲାବେଳେ ଅଗଷ୍ଟ ୨୯ରେ ଉଦ୍‌ଯାପିତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS